

ଇସ୍ତଫାଦେଲେ କୋଏଲ ମଲ୍ଲିକ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 116 ଭାଗ ୩୪ | ସଂଖ୍ୟା ୧୧୬ | Friday 17 July 2026 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର, ୧୭ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


**ବିଧି ରକ୍ଷା କଲେ ସେବାୟତ**

## ଚକେ ଗଡ଼ିଲେନି ଚକାଆଖି



- ମାର୍କେଟ ଛକରେ ଅଟକିଛନ୍ତି ବଡ଼ ଠାକୁର
- ମରିଚିକୋଟରେ ସୁଭଦ୍ରାଙ୍କ ଦର୍ପଦଳନ
- ସଅଳ ପହଣ୍ଡି, ବିଳମ୍ବ ହେଲା ରଥଟଣା
- ଆଜି ଶରଧାବାଲିରେ ପହଞ୍ଚିବ ତିନି ରଥ
- ଶନିବାର ଶ୍ରୀଜିଉଙ୍କ ଆଡ଼ପ ମଣ୍ଡପ ବିଜେ

**ପୁରୀ, ୧୬।୭(ସଂଚାର ବ୍ୟୁରୋ):** ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସବୁ ଅପିଲକୁ ଫୁଁ କରିଦେଇଛନ୍ତି ପ୍ରଶାସନିକ ଅଧିକାରୀ। ମୁଖ୍ୟମନ୍ତ୍ରୀ ବାରମ୍ବାର ସେବା ଓ ସମର୍ପଣ ଭାବ ନେଇ ମହାପ୍ରଭୁଙ୍କ କାର୍ଯ୍ୟ କଲେ ସଫଳତା ମିଳିବ ବୋଲି ପରାମର୍ଶ ଦେଇଥିଲେ। ହେଲେ ପ୍ରଶାସନିକ ଅଧିକାରୀମାନେ ସେବା ଓ ସମର୍ପଣ ଛାଡି ଅହଂଭାବ ନେଇ ରଥଯାତ୍ରାର ଆୟୋଜନ କରିବାକୁ ଉଦ୍ୟମ କରିଥିଲେ। ଆଉ ହଟିଆ ଠାକୁରଙ୍କ ପାଖରେ କାହାରି ଅହଂଭାବ ରହିନାହିଁ କି ରହିବ ନାହିଁ ପରି ଏବର୍ଷ ପୁଣି ଥରେ ହଟନାଗର ହଟ ଦେଖାଇଦେଲେ। ଗତବର୍ଷ ପରେ ଏବର୍ଷ ବି ବିଧି ରକ୍ଷା କରି ସନ୍ଧ୍ୟା ୭ଟା ୭ରେ ନନ୍ଦିଘୋଷ ରଥକୁ ଦି' ହାତ ଗଡ଼ି ୭.୯ରେ ରଥଟଣା ବନ୍ଦ ହେଲା। ଫଳତଃ ଚକେ ବି ଗଡ଼ିପାରିଲାନି ଚକାଆଖି ରଥ। ଆଜି ସକାଳୁ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ହୋଇଥିଲା। କିନ୍ତୁ ପହଣ୍ଡି ଆରମ୍ଭରେ ବିଳମ୍ବ ଯୋଗୁଁ ଶ୍ରୀଗୁଣ୍ଡିଚାରେ ପହଞ୍ଚି ପାରିନାହାନ୍ତି ବିଶ୍ୱନିୟନ୍ତା। ପ୍ରବଳ ବର୍ଷା ମଧ୍ୟରେ ରଥଟଣା ଅପରାହ୍ନ ୫ଟାରେ ଆରମ୍ଭ ହେଲା। ବଡ଼ ଠାକୁରଙ୍କ ତାଳଧ୍ୱଜ କେବଳ ମାର୍କେଟ ଛକା ଯାଏଁ ଗଡ଼ିପାରିଛି। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ମରିଚିକୋଟରେ ଅଟକିଥିବା ବେଳେ ⮫ପୃଷ୍ଠା-୬

## ପ୍ରତିକୂଳ ପାଗ ସତ୍ତ୍ୱେ ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ

### ମିଳିତ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୬।୭(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଜଗନ୍ନାଥ, ମହାପ୍ରଭୁ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଚକ୍ରରାଜ ସୁଦର୍ଶନଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆଜି ପୁରୀରେ ଅତ୍ୟନ୍ତ ଭକ୍ତି, ଭାବ, ଉତ୍ସାହ ଓ ପ୍ରଶାସନିକ ସମନ୍ୱୟ ସହ ଅନୁଷ୍ଠିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଦିନତମାମ୍ ଲଗାଣ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ରାଜ୍ୟ, ଦେଶ ଓ ବିଦେଶରୁ ପ୍ରାୟ ୯ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ରଥଟଣା ସମେତ ରଥଯାତ୍ରା ସହ ଜଡ଼ିତ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଅନୁଷ୍ଠିତ ହୋଇଛି ଓ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସମ୍ପନ୍ନ ହୋଇଛି। ଗୋବର୍ଦ୍ଧନ ପୀଠାଧୀଶ୍ୱର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ରଥ ନିକଟକୁ ଆସି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ରାଜ୍ୟ ⮫ପୃଷ୍ଠା-୬

## ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧୬।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି। ଶ୍ରୀ ମୋଦି କହିଛନ୍ତି, ରଥଯାତ୍ରା ଭାରତର କାଳଜୟୀ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଅଭିବ୍ୟକ୍ତି। ଏହା ବିନମ୍ରତା, ସାମୂହିକ ଅଂଶଗ୍ରହଣ ଏବଂ ନିଃସ୍ୱାର୍ଥପର ସେବାକୁ ପ୍ରତିଫଳିତ କରିଥାଏ। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ ପବିତ୍ର ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା। ଏହା ଭାରତର କାଳଜୟୀ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଅଭିବ୍ୟକ୍ତି। ରଥଯାତ୍ରା ସହ ଜଡିତ ପରମ୍ପରା ଭାରତ ଏବଂ ବିଶ୍ୱର ଅନେକ ପିଢ଼ିକୁ ପ୍ରେରଣା ଦେଇଛି। ଏହା ବିନମ୍ରତା, ସାମୂହିକ ଅଂଶଗ୍ରହଣ ଏବଂ ନିଃସ୍ୱାର୍ଥପର ସେବାକୁ ପ୍ରତିଫଳିତ କରେ। ମହାପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ସମୃଦ୍ଧି ପ୍ରଦାନ କରନ୍ତୁ। ସେ ଆମକୁ ସମସ୍ତ ପ୍ରୟାସ ପାଇଁ ଶକ୍ତି ⮫ପୃଷ୍ଠା-୬

**ବଡ଼ଦାଣ୍ଡରେ ଦଳାଚକଟା**

## ଦୁଇ ମୃତ, ୩୬୨ ଆହତ

- ଫେଲ୍ ମାରିଲା କୋଟି କୋଟି ଟଙ୍କାର କମାଣ୍ଡ ସେଣ୍ଟର
- ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଷଡ୍‌ଯନ୍ତ୍ର ସନ୍ଦେହ
- ଡିଜିପିଙ୍କ ସହ ଦାୟିତ୍ୱରେ ଥିଲେ ମାଳ ମାଳ ଅଫିସର
- ଏନଏଚଆରସିର ଦ୍ୱାରସ୍ଥ ହେଲେ ସୂଚନା ଅଧିକାର କର୍ମୀ



**ପୁରୀ, ୧୬।୭(ସଂଚାର ବ୍ୟୁରୋ):** ପୁରୀ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶାସନ ପକ୍ଷରୁ ଦମ୍ଭୋକ୍ତି ତଥା ଦୀର୍ଘଦିନ ଧରି ଚାଲିଥିବା ପ୍ରସ୍ତୁତି ଫେଲ୍ ମାରିଥିବା ଜଣାପଡ଼ିଛି। ସଠିକ ଢଙ୍ଗରେ ଭିଡ଼ ନିୟନ୍ତ୍ରଣ କରାଯାଇ ନ ପାରିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଚଳିତ ବର୍ଷ ଅଘଟଣ ଘଟିଛି। ପୁରୀ ବଡ଼ଦାଣ୍ଡରେ ଦଳାଚକଟାରେ ଦୁଇ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥ ପରିଚାଳନାକୁ ତ୍ରୁଟିଶୂନ୍ୟ କରିବାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ, ଯେଉଁଥିପାଇଁ ସେ ନିଜେ ବାରମ୍ବାର ସମୀକ୍ଷା କରି ବରିଷ୍ଠ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏହାସତ୍ତ୍ୱେ ପ୍ରଶାସନିକ ଅବହେଳା ଓ ଦାୟିତ୍ୱରେ ଥିବା ⮫ପୃଷ୍ଠା-୬

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ କଲେ ଅଫିସର୍




**ଭୁବନେଶ୍ୱର, ୧୬।୭(ସଂଚାର ବ୍ୟୁରୋ):** ବିଗତ ଦୁଇ ବର୍ଷର ଅବ୍ୟବସ୍ଥାକୁ ଦେଖି ଏଥର କର୍ଡନ ପାସ କମାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଥର ବି ଅନାବଶ୍ୟକ ଲୋକଙ୍କୁ ପାସ ଦିଆଯାଇଥିବା ଦେଖିବାକୁ ମିଳିଛି। ଏକଥା ଆମେ କହୁନୁ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋ ହିଁ ଜିଲ୍ଲା ପ୍ରଶାସନ କଳାକାରନାମାକୁ ବୟାନ କରୁଛି। କାହାକୁ କର୍ଡନ ପାସ ଦିଆଯାଉଛି, ପୁରୀ ଜିଲ୍ଲାପାଳ ତା'ର ଯାଞ୍ଚ କରୁଛନ୍ତି ନା କେବଳ ସିଲ୍‌ମରା ଦସ୍ତଖତରେ ପାସ ବଣ୍ଟାଯାଉଛି, ତାକୁ ନେଇ ପ୍ରଶ୍ନ ଉଠୁଛି। ଜଣେ ଅଭିନେତ୍ରୀ ରଥ କର୍ଡନ ⮫ପୃଷ୍ଠା-୬

## ନବୋଦୟ ବିଦ୍ୟାଳୟରେ ର୍ୟାଗିଂ, ୬ ଆହତ

**ସୁନାବେଡ଼ା, ୧୬।୭(ସଂଚାର ବ୍ୟୁରୋ):** ଦେବଗଡ଼ ଜିଲ୍ଲାର ସୁନାବେଡ଼ାସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରୁ ଆସିଛି ର୍ୟାଗିଂ ଅଭିଯୋଗ। ବିଦ୍ୟାଳୟର ହଷ୍ଟେଲ୍‌ରେ ଜୁନିଅର୍ ଛାତ୍ରମାନଙ୍କୁ କେତେକ ସିନିଅର୍ ଛାତ୍ର ର୍ୟାଗିଂ କରିବା ଫଳରେ ୬ ଜଣ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ଗତ ୧୪ ତାରିଖରେ ଦୁଇ ଜଣ ସିନିଅର୍ ଛାତ୍ର ନବମ ଓ ଦଶମ ଶ୍ରେଣୀର ଛାତ୍ରମାନଙ୍କୁ ର୍ୟାଗିଂ କରିଥିଲେ। ସେମାନେ ଜୁନିଅର୍ ଛାତ୍ରମାନଙ୍କୁ କ୍ରିକେଟ୍ ବ୍ୟାଟ୍, ବେଲ୍ଟ, ସ୍ଲିପର୍‌ରେ ମାଡ଼ ମାରିବା ଫଳରେ ୬ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରଙ୍କ ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଅନ୍ୟମାନଙ୍କର ଦେହରେ ବିଭିନ୍ନ ସ୍ଥାନରେ ମାଡ଼ ଚିହ୍ନ ରହିଛି। ପ୍ରଥମେ ପୀଡ଼ିତମାନେ ଭୟରେ ଏ ସଂକ୍ରାନ୍ତରେ କାହାକୁ କିଛି ବି କହି ନ ଥିଲେ। କିନ୍ତୁ ଜଣେ ଶିକ୍ଷକ ସେମାନଙ୍କ ଦେହରେ ଦାଗ ଦେଖିବା ପରେ ଏ ସମ୍ପର୍କରେ ଜଣାପଡ଼ିଥିଲା ଓ ପରେ ଏ ସମ୍ପର୍କରେ ସେମାନଙ୍କ ଅଭିଭାବକମାନଙ୍କୁ ସୂଚନା ⮫ପୃଷ୍ଠା-୬

**ଅଭିଯୁକ୍ତ ଛାତ୍ରମାନଙ୍କୁ ଘରକୁ ପଠାଇଦେଲେ କର୍ତ୍ତୃପକ୍ଷ**

**ଅଭିମାନ ବେଶରେ ଆସିଲେ ମହାବାହୁ**

## ଟାହିଆ ନଦେଖି ନିରାଶ ହେଲେ ଭକ୍ତ



**ଅଶୁଭ ସଙ୍କେତ ନା ବିଧି ସମ୍ମତ?**

**ପୁରୀ, ୧୬।୭(ସଂଚାର ବ୍ୟୁରୋ):** ଜଗା ରୁଷିଛି ନା ଅଭିମାନ କରିଛି। ଆଜି ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ ଦୃଶ୍ୟ ଦେଖି ଲକ୍ଷ ଲକ୍ଷ ଭକ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ। ରଥଯାତ୍ରାରେ ପ୍ରବଳ ବର୍ଷା ସତ୍ତ୍ୱେ ଜଗାକୁ ଟିକେ ଦେଖିବାକୁ ଅପେକ୍ଷା କରିଥିଲେ ଭକ୍ତ। ବଡ଼ଦାଣ୍ଡ ଉଠୁଥିଲା, ପଡୁଥିଲା। ହେଲେ ରତ୍ନ ସିଂହାସନରୁ ସାତ ପାହାଚ ଦେଇ ଯେତେବେଳେ ଶ୍ରୀଜଗନ୍ନାଥ ୨୨ ପାହାଚରେ ପହଞ୍ଚିଲେ ସେତେବେଳେ ତାଙ୍କ ଅଭିମାନ ଭରା ରୂପ ଦେଖି ଭକ୍ତ ଓ ସାନ ଭଉଣୀ ସୁଭଦ୍ରା ପଛେ ପଛେ ବାହାରିଥିଲେ କାଳିଆ ସାଆନ୍ତେ। ଜୟ ଜଗନାଥ ଓ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଖଣ୍ଡ ମଣ୍ଡଳ। ଶହ ଶହ ଘଣ୍ଟୁଆଙ୍କ ଘଣ୍ଟ ନାଦ, କାହାଳୀ ଓ ଶଙ୍ଖ ଧ୍ୱନି ଭିତରେ ଶ୍ରୀମନ୍ଦିରର ସାତପାହାଚ ଦେଇ ବାହାରକୁ ଆସିଥିଲେ ବ୍ରହ୍ମାଣ୍ଡ ଠାକୁର। ଦଇତାପତି ସେବାୟତମାନେ ପ୍ରଭୁଙ୍କୁ ଧିରେ ଧିରେ ଝୁଲାଇ ଝୁଲାଇ ଧାଡ଼ି ପହଣ୍ଡି କରାଇଥିଲେ। ପହଣ୍ଡି ବେଳେ କେତେବେଳେ ଜଗା ମୋଡ଼ି ⮫ପୃଷ୍ଠା-୬ ଆଚମ୍ବିତ ହୋଇଗଲେ। ଚକା ଆଖି, କଳା ବଦଳରେ ଟାହିଆ କେତେ ସୁନ୍ଦର ମାନେ ତାକୁ। ହେଲେ ତା ମସ୍ତକରେ ସେ ଟାହିଆ ଝଟକୁ ନ ଥିଲା।

ବଡ଼ ଭାଇ ବଳଭଦ୍ର

## ପ୍ରସ୍ତୁତ ହେଉଛି ଚିଠାଦାରଙ୍କ କାର୍ପେଟଦାର ଚିଠା



- ଖୋଲିବ ସରକାର ବିରୋଧୀ ଷଡ଼ଯନ୍ତ୍ରର ଗୁମର
- ବେଉଷା ବୁଡ଼ିଯିବା ଆତଙ୍କରେ ବହୁ ଚିଠାଦାର

**ଭୁବନେଶ୍ୱର, ୧୬।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କୁ ହରଡ଼ଘଣାରେ ପକାଇବା ପାଇଁ ନିର୍ମାଣ ସୌଧ ଆଗରେ ଧାରଣା ଦେଇଥିବା ଚିଠାଦାର (ଚିଠା ବଳରେ କାମ କରୁଥିବା) ମାନେ ଏବେ ନିଜେ ହରଡ଼ଘଣାରେ ପଡ଼ିବାକୁ ଯାଉଛନ୍ତି। ସେମାନଙ୍କର ସରକାରୀ ବିରୋଧୀ ମନୋଭାବ ଦେଖିବା ପରେ ଏବେ ପୂର୍ତ୍ତ ବିଭାଗ ତରଫରୁ ଧାରଣାରତ ସମସ୍ତ ଚିଠାଦାରଙ୍କ ଗତ ୭ ବର୍ଷର କାମର ଯାଞ୍ଚ ଆରମ୍ଭ ହୋଇଛି। ଏହି ସମୟ ମଧରେ ଚିଠାଦାରମାନେ କାହା କାହା ଚିଠା ବଳରେ କେଉଁଠାରେ କେତେ ଟଙ୍କାର କି କି କାମ କରିଛନ୍ତି, ତାହାର ଟିକିନିଖି ବିବରଣୀ ସଂଗ୍ରହ ଚାଲିଛି। ଚିଠାଦାରମାନଙ୍କର ଏହି ସମସ୍ତ ତଥ୍ୟ ଖୁବ୍‌ଶୀଘ୍ର ହାସଲ ହେବା ପରେ ସରକାରଙ୍କ ବିରୁଦ୍ଧରେ ବାହାରିଥିବା ଚିଠାଦାରମାନଙ୍କର ଷଡ଼ଯନ୍ତ୍ରର ଗୁମର ଖୋଲିବ ବୋଲି କୁହାଯାଉଛି। ବିଶେଷକରି ଏମାନେ କାହା ବଳରେ ବଳୀୟାନ ହୋଇ ସରକାରଙ୍କ ବିରୁଦ୍ଧରେ ବାହାରିଛନ୍ତି ତାହା ବି ଜଣାପଡ଼ିବ। ଏମାନଙ୍କୁ ଯେଉଁସବୁ ମନ୍ତ୍ରୀ ଓ ବିଧାୟମାନେ ହାତଚିଠା ଦେଇ ଚିଠାଦାର ସଜାଇଛନ୍ତି, ସେମାନଙ୍କ ଗୁମର ବି ପଦାକୁ ⮫ପୃଷ୍ଠା-୬




# ଜିଗ୍ନୀପୁର ବ୍ରହ୍ମକ୍ଷେତ୍ରରେ ଘୋଷଯାତ୍ରା

## ● ଭକ୍ତ ଓ ଭଗବାନଙ୍କ ମିଳନରେ କମ୍ପିଲା ବଡ଼ଦାଣ୍ଡ



ନିଶ୍ଚିନ୍ତକୋଇଲି, ୧୬।୭ (ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି। ପବିତ୍ର ଶ୍ରୀଗୁଣ୍ଡିଚା ଦିନ ପ୍ରତ୍ୟୁଷରୁ ଶ୍ରୀ ମନ୍ଦିରରେ ଚତୁର୍ଦ୍ଧା ମୁରତୀଙ୍କ ବିଭିନ୍ନ ନୀତିକାନ୍ତି ତଥା ବାଲ୍ୟଧୂପ, ମଧ୍ୟାହ୍ନ ଧୂପ, କ୍ଷୀରୀ ଖେଚୁଡ଼ି ନୈବେଦ୍ୟ ଅର୍ପଣ କରାଯାଇଥିଲା। ସେନାପଟା ହେବା ପରେ ପହଣ୍ଡିଆମାନଙ୍କ ଦ୍ୱାରା ଶ୍ରୀମନ୍ଦିରରୁ ଚତୁର୍ଦ୍ଧା ମୂରତୀଙ୍କୁ ଗୋଟି ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଏହାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତମାନେ ରଥ ଉପରେ ଚତୁର୍ଦ୍ଧା ମୁରତୀଙ୍କୁ ଦର୍ଶନ କରି ଆନନ୍ଦରେ ବିଭୋର ହେବା ସହ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ହୋଇଥିଲା।

ମ୍ୟାନେଜିଂ ଟ୍ରଷ୍ଟୀ ଧୀରେନ୍ଦ୍ରନାଥ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନାରେ ସମସ୍ତ କାର୍ଯ୍ୟ କରାଯାଇଥିଲା ବେଳେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡ଼ାଇ, ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଜ୍ଞାନରଞ୍ଜନ ରାଉତ, ପ୍ରକାଶ ସାମଲଙ୍କ ସମେତ ଶ୍ରୀଜୀଉଙ୍କର ପଣ୍ଡା ପଡ଼ିହାରୀ, ସେବାୟତ ଓ ନାଜିମନ୍ତମାନେ ଯାତ୍ରାକାର୍ଯ୍ୟ ପରିଚାଳାନା କରିଥିଲେ। ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନେତୃତ୍ୱରେ ସାଲେପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହିତ ଯାତ୍ରା ସମାପନ ହୋଇଥିଲା।

# ତୁଳସୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚାରେ ଘୋଷଯାତ୍ରା

## ରଥ ଟଣାଇ ଦେଲେନି ସେବାୟତ

## ଦଶହାତ ଗଡ଼ିଲା ବ୍ରହ୍ମ ତାଳଧ୍ୱଜ



କେନ୍ଦ୍ରାପଡ଼ା, ୧୬।୭ (ସଂଚାର ବ୍ୟୁରୋ)ଃ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମରେ ସତେ ଯେମିତି ଫାଟି ପଡୁଥିଲା ତୁଳସୀକ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ। ଘଣ୍ଟ, ଘଣ୍ଟା, ମୃଦଙ୍ଗ, କାହାଳୀ ଶବ୍ଦରେ ପ୍ରକମ୍ପିତ ହୋଇ ଉଠିଥିଲା ତୁଳସୀକ୍ଷେତ୍ର ରଥଦାଣ୍ଡର ଗଗନ ପବନ। ବ୍ରହ୍ମ ତାଳଧ୍ୱଜ ରଥକୁ ଛୁଇଁବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ ଆବେଗ ବଢ଼ି ଯାଇଥିଲା । ଭକ୍ତ ଓ ଭଗବାନଙ୍କ ମିଳନ ବର୍ଷକରେ ଥରେ ଥିଲା ବେଶ ଭାବବିହ୍ୱଳିତ । ଭକ୍ତମାନଙ୍କ ଆଖିରୁ ଝରି ପଡୁଥିଲା ଅଶ୍ରୁ । ରଥାରୂଢ଼ ଶ୍ରୀଜୀଉମାନଙ୍କୁ ଦେଖିବାକୁ ବ୍ୟାକୁଳ ହୋଇ ଉଠିଥିଲେ ଭକ୍ତମାନେ । ଗୁରୁବାର ସକାଳୁ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରିବା ପାଇଁ ରଥଦାଣ୍ଡ ଲୋକାରଣ୍ୟ ହୋଇଯାଇଥିଲା। ଶ୍ରୀଜୀଉମାନେ ପହଣ୍ଡି ବିଜେ କରି ରଥାରୂଢ଼ ହୋଇଥିଲେ । ଏହାପରେ ବ୍ରହ୍ମତାଳଧ୍ୱଜ ରଥ ଗଡିବା ପାଇଁ ପ୍ରସ୍ତୁତ ହୋଇଥିଲା । ଭକ୍ତମାନଙ୍କ ଭାବାବେଗକୁ ଦେଖି ପ୍ରଶାସନ ରଥ ଟାଣିବା ପାଇଁ ପ୍ରସ୍ତୁତ ହେବା ପରେ ଅପରାହ୍ଣ ପ୍ରାୟ ସାଢ଼େ୫ଟା ବେଳେ ରଥ ଟଣା ହୋଇଥିଲା । ରଥ ଟାଣିବା ପାଇଁ ତ୍ରିସ୍ତରୀୟ ପୋଲିସ କର୍ଡନ ବ୍ୟବସ୍ଥା ହୋଇଥିଲା।

ରଥ ଉପରେ ୩ଶହରୁ ଊର୍ଦ୍ଧ୍ୱ ସେବାୟତ ଥିବାରୁ ରଥଟଣାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ପ୍ରଶାସନ ପକ୍ଷରୁ ସେବାୟତମାନଙ୍କୁ ବାରମ୍ବାର ନିବେଦନ ସତ୍ତ୍ୱେ ରଥଉପରୁ ସେବାୟତମାନେ ତଳକୁ ଆସିନଥିଲେ। ଫଳରେ ରଥ ଉପରେ ଅତ୍ୟଧିକ ଓଜନ ହେବାରୁ ରଥ ଦଉଡି ଛିଣ୍ଡିଯିବା ସହ ରଥ ଡାହାଣ ପାର୍ଶ୍ୱକୁ ମାଡି ଯାଇଥିଲା । ଏହାଦ୍ୱାରା ରଥ ମାତ୍ର ୧୦ମିଟର ଯିବା ପରେ ବାଟରେ ଅଟକି ରହିଥିଲା ।

ତୁଳସୀକ୍ଷେତ୍ରର ପରମ୍ପରା ଅନୁଯାୟୀ ଶ୍ରୀଗୁଣ୍ଡିଚାରେ ରଥ ଟଣା ଆରମ୍ଭ ହେବା ପରେ ତାହା ଦେବୋର କାର୍ଯ୍ୟାଳୟ ନିକଟରେ ଅଟକି ଥାଏ । କିନ୍ତୁ ସେବାୟତମାନେ ଏହି ପରମ୍ପରା ଭଙ୍ଗକରି ଦେବୋର କାର୍ଯ୍ୟାଳୟ ପର୍ଯ୍ୟନ୍ତ ରଥକୁ ଟଣାଇଦେଲେନାହିଁ । ଏହାବ୍ୟତିତ ରଥରେ ଶ୍ରୀଜୀଉମାନଙ୍କ ସମ୍ମୁଖରେ ସେବାୟତମାନେ ଛିଡାହୋଇ ଥିବାରୁ ରଥରୂଢ଼ ଶ୍ରୀଜୀଉମାନଙ୍କୁ ଭକ୍ତମାନେ ଦର୍ଶନ କରିବାରେ ଗୁରୁତର ବାଧା ସୃଷ୍ଟିହୋଇଥିଲା । ଏନେଇ ଭକ୍ତମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ରଥ ଉପରକୁ ଛୋଟ ଛୋଟ ପିଲାମାନଙ୍କୁ ଉଠାଇବାକୁ ସେବାୟତମାନଙ୍କ ମଧ୍ୟରେ ବେଶ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା ।

# ଅଚ୍ୟୁତ ସେବା ସଦନ ପକ୍ଷରୁ ପବିତ୍ର ଶ୍ରୀଗୁଣ୍ଡିଚା ଉପଲକ୍ଷେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ



ନିଶ୍ଚିନ୍ତକୋଇଲି, ୧୬।୭ (ସଂଚାର ବ୍ୟୁରୋ)ଃ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ଅଚ୍ୟୁତ ସେବାସଦନ ପକ୍ଷରୁ ବ୍ରହ୍ମକ୍ଷେତ୍ର ପୀଠ ଜିଗ୍ନୀପୁର ଠାରେ ଏକ ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଚ୍ୟୁତ ସେବାସଦନର ଅଧ୍ୟକ୍ଷ ଦେବେନ୍ଦ୍ରନାଥ ବସ୍ତିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମ ରେ ଭଜନ ପରିବେଷଣ କରାଯାଇଛି। ରଥଯାତ୍ରାକୁ ଆସିଥିବା ଶ୍ରଦ୍ଧାଳୁମାନେ ଉକ୍ତ ଭଜନସନ୍ଧ୍ୟାରେ ପରିବେଷଣ ଭଜନକୁ ଶ୍ରବଣ କରିଥିଲେ। ପବିତ୍ର ରଥଯାତ୍ରାରେ ଏହି ଭଜନ ପରିବେଷଣ ପୀଠର ଆଧ୍ୟାତ୍ମିକ ପରିବେଶକୁ ଦୁଇଗୁଣିତ କରିଥିଲା। ଅଚ୍ୟୁତ ସେବାସଦନ ପକ୍ଷରୁ ମନ୍ଦିର ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ୫୦ରୁ ଉର୍ଦ୍ଧ୍ୱ ସେବାୟତଙ୍କୁ ଉତ୍ତରୀୟ ପ୍ରଦାନ ଓ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ନିତ୍ୟାନି ପୂଜକ ୯ଜଣଙ୍କୁ ଧୋତି ଗାମୁଛା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପରମାନନ୍ଦ ରାଉତ, ସୁରେନ୍ଦ୍ର କୁମାର ବସ୍ତିଆ, ପ୍ରମୋଦ କୁମାର ଭୂୟାଁ, ଆଦିତ୍ୟରଞ୍ଜନ ଭୂୟାଁ, ଜ୍ୟୋତିରଞ୍ଜନ ସ୍ୱାଇଁ, ଦୀପକ କୁମାର ବେହେରା, ଦିଲ୍ଲୀପ କୁମାର ରାଉତଙ୍କ ସମେତ ସେବାସଦନର ବହୁ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

# ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଶ୍ରୀଗୁଣ୍ଡିଚାରେ ସେବାକାର୍ଯ୍ୟ



କେନ୍ଦ୍ରାପଡ଼ା, ୧୬।୭ (ସଂଚାର ବ୍ୟୁରୋ)ଃ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ତୁଳସୀ କ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ଗୁରୁବାର ଶ୍ରଦ୍ଧାଳୁମାନଙ୍କ ପାଇଁ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି ।

ଟ୍ରଷ୍ଟ ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ନିଶୁଳ୍କ ପ୍ରସାଦ ବିତରଣ କରାଯାଇଥିଲା। ଏଥିସହିତ ଜଳଛତ୍ର ଖୋଲାଯାଇ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ସଦସ୍ୟ ପଣ୍ଡିତ ହୃଷୀକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ଧୀରେନ୍ ସାହୁ, ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରସାଦ ବିତରଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ ।

# ଚିଦାନନ୍ଦ ଆଧ୍ୟାତ୍ମିକ ବିକାଶ କେନ୍ଦ୍ରର 'ବିଲ ମୁଣ୍ଡରେ ଅନ୍ନ ଭୋଜନ' ପ୍ରୟାସ



ମହାକାଳପଡ଼ା, ୧୬।୭ (ସଂଚାର ବ୍ୟୁରୋ) : ବର୍ଷା ଋତୁରେ କୃଷି କାର୍ଯ୍ୟରେ ନିୟୋଜିତ ଚାଷୀ ମାନଙ୍କୁ ବିଲ ମୁଣ୍ଡରେ ରନ୍ଧା ଖାଦ୍ୟ ପହଞ୍ଚାଇଦେବା ପାଇଁ ସ୍ଥାନୀୟ ରାଜଗଡ଼ ସ୍ଥିତ ଚିଦାନନ୍ଦ ଆଧ୍ୟାତ୍ମିକ ବିକାଶ କେନ୍ଦ୍ର ତରଫରୁ ଏକ ନିଆରା ଓ ଅଭିନବ ପ୍ରୟାସ କରାଯାଇଛି। ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଉକ୍ତ ଅନୁଷ୍ଠାନର ଟ୍ରଷ୍ଟି ସତ୍ୟବ୍ରତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ରାଜଗଡ଼ ଓ ଅଳାଇଲୋ ଆଦି ଦୁଇଟି ପଞ୍ଚାୟତର କୃଷି ଶ୍ରମିକ ମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ପ୍ରଥମ ଦିବସରେ ଆଜି ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ କୃଷି ଶ୍ରମିକ ମାନଙ୍କୁ ସେମାନଙ୍କ ବିଲ ମୁଣ୍ଡରେ ଅନ୍ନ ଭୋଜନ ଯୋଗାଇ ଦିଆଯାଇଥିଲା । ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି ୨ ପଞ୍ଚାୟତ ର ସମସ୍ତ କାର୍ଯ୍ୟରତ ଚାଷୀ ମାନଙ୍କୁ ବିଲ ମୁଣ୍ଡରେ ଉକ୍ତ ସଂସ୍ଥା ପକ୍ଷରୁ ବିନା ମୂଲ୍ୟରେ ଖାଇବାକୁ ଦିଆଯିବ। ଚାଷୀ ମାନେ ଦେଶର ଅନ୍ନ ଦାତା ହୋଇଥିବାରୁ ଧାନ ତଳି ରୋପଣ ସମୟରେ ସେମାନଙ୍କ ନିକଟରେ ଅନ୍ନ ପହଞ୍ଚାଇବା ମହତ୍ତ କାର୍ଯ୍ୟ। ଏହି କାର୍ଯ୍ୟକ୍ରମର ଉଦଘାଟନୀ ସଭାରେ ଅଳାଇଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜୀବ ଯତି ଉପସ୍ଥିତ ଥିଲେ ।

# ସୁଦର୍ଶନ ଦାରୁପୀଠରେ ଶ୍ରଦ୍ଧାଳୁଙ୍କୁ ଦହି ପଣା ଓ ଗୀତ ଗୋବିନ୍ଦ ପୁସ୍ତକ ବଣ୍ଟନ



ବାଲିଅନ୍ତା, ୧୬।୭ (ସଂଚାର ବ୍ୟୁରୋ)ଃ ଆଜି ପବିତ୍ର ରଥଯାତ୍ରା ଉପଲକ୍ଷେ ବାଲିଅନ୍ତା ଗଡକଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦାରୁପୀଠ ଠାରେ "ଶ୍ରୀ ଜୟଦେବ ପଦ୍ମାବତୀ କଳା ସାଂସ୍କୃତିକ ସଂଗଠନ" ପକ୍ଷରୁ ଭକ୍ତ ମାନଙ୍କ ପାଇଁ ଦହିପଣା ଓ ଜୟଦେବଙ୍କ ରଚିତ ଗୀତ ଗୋବିନ୍ଦ ପୁସ୍ତକ ବଣ୍ଟା ଯାଇଛି। ଏହି କାର୍ଯ୍ୟକ୍ରମ ରେ ସଞ୍ଜିବ କୁମାର ସାମନ୍ତରାୟ, ପ୍ରଭାତ କୁମାର ବାରିକ, ମିଟୁ ମହାରଣା, ଝିଲୀ ସାମନ୍ତରାୟ, ସାବିତ୍ରୀ ସାହୁ, ବିଜୟ ମୁଦୁଲି ଆଦି ସହଯୋଗ କରିଥିଲେ।

# ତୃତୀୟ ଶ୍ରୀକ୍ଷେତ୍ରରେ ରଥାରୁଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି




ନୀଳଗିରି, ୧୬।୭ (ସଂଚାର ବ୍ୟୁରୋ)ଃ ଆଷାଢ଼ ଦ୍ୱିତୀୟା ହେଉଛି କୋଟିଓଡ଼ିଆଙ୍କ ମଉଡମଣି ଜଗତରନାଥ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ। ଏହି ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅପରାହ୍ନ ପ୍ରାୟ ୪ଟା ସମୟରେ ଝିପିଝିପି ବର୍ଷାରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ନୀତିକାନ୍ତି ସମାପନ ପରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ପରେ ଧାଡ଼ିପହଣ୍ଡିରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ପହଣ୍ଡିବିଜେ ନୀତି ସମ୍ପନ୍ନପରେ ଶେଷରେ ବିଶ୍ୱବ୍ରହ୍ମାଣ୍ଡର ଅଧିପତି, କୋଟିକୈବଲ୍ୟନାଥ କଳାସାଆନ୍ତ ଘଣ୍ଟଘଣ୍ଟା, କାହାଳୀ, ଖୋଳତାଳ, ହରିବୋଲ ଧ୍ୱନୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରଥାରୁଢ଼ ହୋଇଥିଲେ। ଝିପିଝିପି ବର୍ଷାରେ ଭିଜି ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ପହଣ୍ଡିବିଜେ ନୀତି ଦର୍ଶନ କରିଥିଲେ।

ତେବେ ସ୍ଥାନୀୟ ପରମ୍ପରା ଅନୁଯାୟୀ ନୀଳଗିରି ରଥଯାତ୍ରା ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମଦିବସରେ ଚତୁର୍ଦ୍ଧାମୂର୍ତ୍ତୀ ପହଣ୍ଡିରେ ଯାଇ ରଥଉପରେ ଉପବେଶନ ପୂର୍ବକ ରାତ୍ରିଯାପନ କରିବେ। ଆଜିର ଏହି ପହଣ୍ଡିବିଜେ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ବିଡ଼ିଓ ବିକ୍ରମକେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ବାଲେଶ୍ୱର ଆଡିସନାଲ ଏସପି ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ବହୁସଂଖ୍ୟାରେ ପୋଲିସଫୋର୍ସ ମୁତୟନରହି ଶାନ୍ତିଶୃଙ୍ଖଳା ରକ୍ଷାକରିଥିବା ଦେଖିବାକୁ ମିଳିଥିଲା।

# ନୀଳଗିରି ଅବକାରୀ ଓଆଇସି ଭାବେ ଦାୟିତ୍ୱ ଗ୍ରହଣ କଲେ ରଙ୍ଗମଣୀ ହେମ୍ବ୍ରମ

ନୀଳଗିରି, ୧୬।୭ (ସଂଚାର ବ୍ୟୁରୋ)ଃ ରଙ୍ଗମଣୀ ହେମ୍ବ୍ରମ ନୀଳଗିରି ଅବକାରୀ ଓଆଇସି ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବାଲେଶ୍ୱର ହେଡ଼ କ୍ୱାଟର ଅବକାରୀ ଅଫିସରେ କାର୍ଯ୍ୟରତ ଥାଇ ଟ୍ରେନିଙ୍ଗ ରେ ଯାଇଥିଲେ। ଆଜି ବଦଳି ହୋଇ ନୀଳଗିରିରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି।

ନୀଳଗିରିରେ ମନୋଜ କୁମାର ସାହୁ ଓ ଆଇ ସି ଭାବେ ଏକ ବର୍ଷ ଧରି କାର୍ଯ୍ୟଭାର ସମ୍ଭାଳି ଥିଲେ। ତାଙ୍କ ସମୟରେ ଚୋରା ବିଦେଶୀ ଓ ମହୁଲି ମଦ, ଗଞ୍ଜେଇ, ବ୍ରାଉନ ସୁଗାର ଧରିବାରେ ସଫଳ ହୋଇଥିଲେ। ଶ୍ରୀମତୀ ହେମ୍ବ୍ରମ ଆସିବା ପରେ ଶ୍ରୀଯୁକ୍ତ ସାହୁ ବାଲେଶ୍ୱର ଅଫିସ କୁ ସ୍ଥାନାନ୍ତରିତ ହୋଇଛନ୍ତି। ତେବେ ଚୋରା ମଦ ଧରିବା ପାଇଁ କାର୍ଯ୍ୟକରିବେ ବୋଲି ଶ୍ରୀମତୀ ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ଠାକୁର ଅଜା ଶ୍ରୀସିଦ୍ଧ ବଳରାମଙ୍କ ରଥଯାତ୍ରା ସମ୍ପନ୍ନ



ସତ୍ୟବାଦୀ, ୧୬।୭ (ସଂଚାର ବ୍ୟୁରୋ)ଃ ସାକ୍ଷୀଗୋପାଳ ସ୍ଥିତ ବକୁଳବନର ଅଧିଷ୍ଠାତା ତଥା ଠାକୁର ଅଜା ଭାବେ ପୂଜିତ ଶ୍ରୀସିଦ୍ଧ ବଳରାମଦେବଙ୍କ ପବିତ୍ର ରଥଯାତ୍ରା ଗୁରୁବାର ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଛି। ପ୍ରାତଃକାଳରୁ ମଙ୍ଗଳ ଆଳତୀ, ଅବକାଶ ଓ ବାଲଭୋଗ ନୀତି ପରେ ମଧ୍ୟାହ୍ନରେ ଚକାଛାଡ଼ ଖେଚୁଡ଼ି ଭୋଗ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଛେରା ପହଁରା ନୀତି ସମ୍ପନ୍ନ ହେବା ପରେ ଘଣ୍ଟ, କାହାଳୀ, ମୃଦଙ୍ଗ ଓ ଘଣ୍ଟର ଧ୍ୱନି ମଧ୍ୟରେ ପହଣ୍ଡି କରାଯାଇ ଶ୍ରୀବିଗ୍ରହଙ୍କୁ ରଥାରୂଢ଼ କରାଯାଇଥିଲା। ଟାହିଆ ଲାଗି ଓ ମଙ୍ଗଳାର୍ପଣ ପରେ ଭକ୍ତ ଓ ଶିଶୁମାନେ ଉତ୍ସାହର ସହ ରଥ ଟାଣି ଚନ୍ଦନ ପୋଖରୀସ୍ଥିତ ଚନ୍ଦନ ଚକଡ଼ାକୁ ନେଇଥିଲେ। ସେଠାରେ ଠାକୁର ନବଦିନ ବିରାଜମାନ କରିବେ।

ଏହି ଅବସରରେ ଠାକୁରଙ୍କ ପ୍ରିୟ ପାଚିଲା ପଣସ ଭୋଗ ଅର୍ପଣ କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ରଥକୁ ଆକର୍ଷଣୀୟ ଫୁଲମାଳରେ ସୁସଜ୍ଜିତ କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସଂସ୍କୃତି ବିଭାଗର କଳାକାରମାନେ ଘଣ୍ଟ-ମର୍ଦ୍ଦଳ, ସଂକୀର୍ତ୍ତନ, ଯୋଡ଼ି ଶଙ୍ଖ ଓ ପାରମ୍ପରିକ ବାଦ୍ୟନୃତ୍ୟ ପରିବେଷଣ କରି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ। ସୋମନାଥ ମହାପାତ୍ର, ଲୋକନାଥ ମହାପାତ୍ର, ରାଧାନାଥ ମହାପାତ୍ର, ଚନ୍ଦ୍ରଶେଖର ମହାପାତ୍ର, ସମେତ ଅନ୍ୟ ସେବାୟତମାନେ ଦେବନୀତି ସମ୍ପାଦନ କରିଥିଲେ।

# ରଥଯାତ୍ରା ଉପଲକ୍ଷେ ପ୍ରଭୁ ଜଗନ୍ନାଥ କମିଟି ତରଫରୁ ପ୍ରସାଦ ବଣ୍ଟନ



ସୁନ୍ଦରଗଡ଼, ୧୬।୭ (ସଂଚାର ବ୍ୟୁରୋ)ଃ ପବିତ୍ର ଘୋଷଯାତ୍ରା ଆଜି ସୁନ୍ଦରଗଡ଼ ଠାରେ ହସ ଉଲ୍ଲାସରେ ପାଳିତ ହୋଇଯାଇଛି, ପ୍ରତିବର୍ଷ ପରି ସୁନ୍ଦରଗଡ଼ ଡେଙ୍ଗିଭାଡ଼ିର ପ୍ରଭୁ ଜଗନ୍ନାଥ କମିଟି ପକ୍ଷରୁ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥାନ୍ତି। ଆଜି କମିଟି ପକ୍ଷରୁ ବିଜୟା ଟକିଜ ରୋଡ଼ର ପ୍ରଭୁ ଜଗନ୍ନାଥ କମିଟି କାର୍ଯ୍ୟାଳୟ ସମ୍ମୁଖରେ କମିଟି ସଭାପତି ଅଞ୍ଜନ ରାଉତଙ୍କ ନେତୃତ୍ୱରେ ଭକ୍ତ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଛି। ଆଜି ଏଥିରେ କମିଟି କାର୍ଯ୍ୟକର୍ତ୍ତା ସଂଗ୍ରାମ ମହାନ୍ତି, ନୂତନ ନାୟକ, ସିପୁ ଶର୍ମା, ପ୍ରଦୀପ କାଲୋ, ସୁକାନ୍ତ ଭାଇନା, ଗଣେଶ, ସୁବାସ ରଣା, ପ୍ରମୁଖ ସହଯୋଗ କରିଥିଲେ।

# ରଥଯାତ୍ରାରେ ବିମୋହିତ ହେଲେ ହଜାର ହଜାର ଭକ୍ତ

ପଟ୍ଟାମୁଣ୍ଡାଇ, ୧୬।୭ (ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଂଚଳରେ ପବିତ୍ର ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ପତିତପାବନ ମନ୍ଦିରରେ ମୁଖ୍ୟ ରଥଯାତ୍ରା ବିପୁଳ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତମାନେ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ମା ସୁଭଦ୍ରାଙ୍କର ଯଥାବିଧି ପୂଜା ଅର୍ଚ୍ଚନା କରିଥିଲେ। ବକ୍ତାରପୁର ମାଉସୀ ମା ମନ୍ଦିର ସଦସ୍ୟମାନେ ସଭାପତି ପ୍ରଫେସର ଅର୍ଜୁନ ନାୟକଙ୍କ ନେତୃତ୍ୱରେ ବିଧିମୁତାବକ ପତିତପାବନ ମନ୍ଦିର ଆସି ରଥଯାତ୍ରାରେ ଯିବା ପାଇଁ ନିମନ୍ତ୍ରଣ କରିଥିଲେ । ବ୍ରାହ୍ମଣ ପଣ୍ଡିତମାନେ ମନ୍ତ୍ର ଧ୍ୱନି ମଧ୍ୟରେ ପହଣ୍ଡି ବିଜେ କରିବା ପରେ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭୁ ଶ୍ରୀ ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ରଥାରୁଢ଼ କରାଯାଇଥିଲା ।

ହରପାର୍ବତୀ ମନ୍ଦିରରୁ ମୁଖ୍ୟ ପୂଜକ କାଉନ ସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆଜ୍ଞାମାଳ ଆସିବା ପରେ ରଥ ଯାତ୍ରା ପାଇଁ ବିଧିବଦ୍ଧ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପତିତପାବନ ମନ୍ଦିର ପରିଚାଳନା କମିଟି ସଭାପତି ଇଂ ପ୍ରକାଶ କୁମାର ଦାଶ ପ୍ରଭୁଙ୍କ ରଥ ସମ୍ମୁଖରେ ଛେରା ପହଁରା କରିଥିଲେ। ରଥ ଟଣା ହେବା ପୂର୍ବରୁ ରଥାରୁଢ଼ ପ୍ରଭୁ ଶ୍ରୀ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ମା ସୁଭଦ୍ରାଙ୍କୁ ରଥ ଉପରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ସମାଜସେବୀ ବୁଢ଼ା ଲେଙ୍କା, କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ପ୍ରମୁଖ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଉତ୍ସା ହିତ କରିଥିଲେ ।

ପତିତପାବନଙ୍କ ରଥ ଯାତ୍ରା ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବମୁଖର ହୋଇପଡିଥିଲା । ଏହି ରଥଯାତ୍ରାରେ ପଟ୍ଟାମୁଣ୍ଡାଇ ସମେତ ଆଖପାଖ ଅଂଚଳର ହଜାର ହଜାର ପୁରୁଷ ମହିଳା ସାମିଲ ହୋଇ ପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ରଥ ଟାଣି ଥିଲେ ।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ସିଦ୍ଧପାଟଣା ଠାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଥିଲା। ରଥ ଉପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରଭୁଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ । ସିଦ୍ଧପାଟଣାରୁ ହଜାର ହଜାର ପୁରୁଷ ଓ ମହିଳା ରଥ ଟାଣି ଟାଣି କଷଣଅଣ୍ଟା ଗ୍ରୀନ ଗୋଲା ଛକ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ନେଇଥିଲେ । ସେହିପରି ଅମୃତମଣୋହି, ଅଳପୁଆ, ପେଣ୍ଠ ପାଳ ବଲୁରିଆ ତରଡ଼ିପାଳ ତନୁପୁର, ମାଳିପୁର, ବଡ଼ପଡା, ନୀଳକଣ୍ଠପୁର ଆଦି ବିଭିନ୍ନ ଅଂଚଳରେ ପବିତ୍ର ରଥ ଯାତ୍ରା ମହାସମାରୋହରେ ବିପୁଳ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି ।



# ଶ୍ରୀ ପତିତ ପାବନ ମନ୍ଦିର ବିଜେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଅନୁଷ୍ଠିତ



ନୀଳଗିରି, ୧୬।୭ (ସଂଚାର ବ୍ୟୁରୋ)ଃ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବ ପୀଠ, ଦେବଗିରି ପାହାଡ ପାଦ ଦେଶରେ ଅବସ୍ଥିତ ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ବିଜେ ପରମ କାରୁଣିକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଶହ ଶହ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁଙ୍କ ଗହଣରେ ଅନୁଷ୍ଠିତ ହୋଇ ଯାଇଛି।

ଏହି ଅବସରର ଶ୍ରୀ ଶ୍ରୀ ପତିତ ପାବନ ମନ୍ଦିର ପରିସର ଭକ୍ତି, ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଅପୂର୍ବ ମିଳନ ସ୍ଥଳୀରେ ପରିଣତ ହୋଇଥିଲା। ନବଯୌବନ ବେଶ ଓ ନେତ୍ରୋତ୍ସବ ପରେ, ମଧୁସୂଦନ ନାୟକ ମୁଖ୍ୟ ସେବକ ଭାବେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ମଙ୍ଗଳଧୂପ ପରେ ମୁଖ୍ୟ ପୂଜକ, ସେବାୟତ ମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଘଣ୍ଟ-ଘଣ୍ଟା, ଶଙ୍ଖ-ମୃଦଙ୍ଗ, କୀର୍ତ୍ତନ, ଆଦିବାସୀ ନୃତ୍ୟ ଓ ଜୟ ଜଗନ୍ନାଥ ଧ୍ୱନି ସହିତ ଆଲଟ-ଚାମର ସେବା ସହ ଅନୁଷ୍ଠିତ ରଥଯାତ୍ରାରେ ଭକ୍ତିମୟ ସଂକୀର୍ତ୍ତନ ଓ ଜଗନ୍ନାଥ ଭଜନ ସମଗ୍ର ପରିବେଶକୁ ଆଧ୍ୟାତ୍ମିକତାରେ ଭକ୍ତି ମୟ କରି ଦେଇ ଥିଲା। ଏହି ଅବସରରେ ଭୋଗ ଅର୍ପଣ, ଛେରାପହଁରା ଓ ରଥଟଣା ପରମ୍ପରା ମଧ୍ୟ ବିଧି ବିଧାନ ସହିତ ସମ୍ପନ୍ନ ହୋଇଥିଲା।

ତତ୍ ସହିତ ପ୍ରବଚକ ଡ.ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱପୂର୍ଣ୍ଣ , ସରଳ , ସାବଲୀଳ ଭାଷା ଯରେ ଶ୍ରୀ ଜଗନ୍ନାଥଙ୍କ ଲୀଳା ବର୍ଣ୍ଣନାରେ ଶ୍ରଦ୍ଧାଳୁ ମାନେ ଅବିଭୁତ ହୋଇପଡ଼ିଥିଲେ। ପଞ୍ଚଲିଙ୍ଗେଶ୍ୱରଛକସ୍ଥିତ ମାଉସୀମା' ମନ୍ଦିର ଅଭିମୁଖେ ରଥଯାତ୍ରା ସମୟରେ ସାମୂହିକ ସଂକୀର୍ତ୍ତନ ,ଭକ୍ତିଗୀତ ଓ ପ୍ରବଚନ ସମଗ୍ର ପରିବେଶକୁ ଏକ ଅଲୌକିକ ଭାବାବେଶ ରେ ପରିଣତ କରିଥିଲା।

ପରିଶେଷରେ ଚତୁର୍ଦ୍ଧାମୂର୍ତ୍ତି ଓ ପ୍ରଭୁ ସୁଦର୍ଶନଙ୍କୁ ଶ୍ରୀ ଶିରିଡି ସାଇ ମନ୍ଦିର ସ୍ଥିତ ମାଉସୀ ଶ୍ରୀଗୁଣ୍ଡିଚାଙ୍କ ଘରେ ବିରାଜମାନ କରାଯାଇ ଭୋଗ ପ୍ରସାଦ ବଣ୍ଟନ ସହ ପବିତ୍ର ଘୋଷଯାତ୍ରାର ପ୍ରଥମ ପର୍ଯ୍ୟାୟର ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା।

# ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଚା' ବଣ୍ଟନ




ନିଶ୍ଚିନ୍ତକୋଇଲି, ୧୬।୭ (ସଂଚାର ବ୍ୟୁରୋ)ଃ ଜିଗ୍ନୀପୁର ଗ୍ରାମ ପଞ୍ଚାୟତ ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ରହ୍ମକ୍ଷେତ୍ର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଶ୍ରୀଗୁଣ୍ଡିଚା ଘୋଷଯାତ୍ରାରେ ଆସୁଥିବା ଶ୍ରଦ୍ଧାଳୁ ମାନଙ୍କୁ ନିଶୁଳ୍କ ଚା ବଣ୍ଟନ କରାଯାଇଛି। ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀମାନ୍ ସୁମନ୍ତ କୁମାର ଘଡ଼ାଇ ଏହି ଚା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରଦ୍ଧାଳୁ ମାନଙ୍କୁ ଚା ପ୍ରଦାନ କରିଥିଲେ। ଜିଗ୍ନୀପୁର ପଞ୍ଚାୟତ ବିଜେପି ପକ୍ଷରୁ ୧୦ବର୍ଷ ହେବ ଶ୍ରୀଗୁଣ୍ଡିଚା ରଥଯାତ୍ରାରେ ଏହି ନିଶୁଳ୍କ ଚା ବଣ୍ଟନ କରାଯାଉଛି। କଟକ ଜିଲ୍ଲା ଗ୍ରାମୀଣ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି କୁଳମଣୀ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଳୟ କୁମାର ଘଡ଼ାଇ, ରଜନୀକାନ୍ତ ମହାନ୍ତି, ତ୍ରିଲୋଚନ ବେହେରା, ସତ୍ୟରଞ୍ଜନ ମିଶ୍ର, ସ୍ମୃତିରଞ୍ଜନ ଦାସ, ନିରଞ୍ଜନ ଦାସ, ଗୌତମ ଦଳାଇ, ଦିଲ୍ଲିପ ଦାସ, ବିଶ୍ୱଜିତ୍ ସିଂହ, ଅଭିରାମ ସାହୁ, ଯୁଧିଷ୍ଠିର ଜେନା ପ୍ରମୁଖଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

● ପୁରୀ ରଥଯାତ୍ରାରେ ସାମିଲ ହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖେ



**ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ସୌଭାଗ୍ୟର କଥା**

ପୁରୀ,୧୬।୭(ସଂଚାର ବ୍ୟୁରୋ): ପବିତ୍ର ରଥଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକ୍ଷେତ୍ର ପୁରୀ ଗସ୍ତ କରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହେବା ସହ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି। ଏହି ପବିତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଓ ଗୌରବମୟ ଦିନ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମଗ୍ର ମାନବ ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ଏକ ଅନନ୍ୟ ଗଣପର୍ବ ହେଉଛି ରଥଯାତ୍ରା। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ରକ୍ଷାକର୍ତ୍ତା ଓ ତାଙ୍କର ମହିମା ଅପାର। ଆଜି ପବିତ୍ର ବଡ଼ଦାଣ୍ଡରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମୋତେ ମିଳିଛି। ମୁଁ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରୁଛି।

ଏହା ପୂର୍ବରୁ ଶ୍ରୀ ପ୍ରଧାନ ପୁରୀ ଗୋବର୍ଦ୍ଧନ ପୀଠ ପରିଦର୍ଶନ କରିଥିଲେ। ସେଠାରେ ସେ ପୂଜ୍ୟ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କୁ ସାକ୍ଷାତ କରି ତାଙ୍କର ସାନ୍ନିଧ୍ୟ ଲାଭ କରିଥିଲେ।

ବିପର୍ଯ୍ୟୟ ପରିଚାଳନା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ବୈଠକ

# ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ

- ଭୁବନେଶ୍ୱର ଓ କଟକ ସହରାଞ୍ଚଳରେ ଜଳ ନିଷ୍କାସନକୁ ଗୁରୁତ୍ୱ
- ଜଙ୍ଗଲ ନିଆଁ, ବଜ୍ରପାତ, ସାପ କାମୁଡ଼ା ମୁକାବିଲା ପାଇଁ ସଚେତନତା



ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ): ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ଅଧୀନରେ ଗଠିତ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି (ଏସଇସି)ର ୨୦୨୬-୨୭ ବର୍ଷର ପ୍ରଥମ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ବିପର୍ଯ୍ୟୟ ବିପଦ ପରିଚାଳନା ପାଣ୍ଠି (ଏସଡିଆରଏମଏଫ)ର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ୨୦୨୬-୨୭ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ)ରେ ୧,୭୧୮ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରେ ୪୨୯ କୋଟି ଟଙ୍କା ସହ ମୋଟ ୨,୧୪୭ କୋଟି ଟଙ୍କାର ବ୍ୟବସ୍ଥା ଥିବା ବେଳେ ୨୦୨୬-୨୭ରେ ବର୍ତ୍ତମାନ ସୁଦ୍ଧା ୧୦୬୪.୪୮ କୋଟି ଟଙ୍କା ବ୍ୟୟ ହୋଇଛି। ବିଭିନ୍ନ ବର୍ଷରେ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପାଇଁ ବିଭାଗ ଏବଂ ଜିଲ୍ଲାମାନଙ୍କୁ ଦିଆଯାଇଥିବା ଆର୍ଥିକ ସହାୟତା ମଧ୍ୟରୁ ୯୨.୯୩ ପ୍ରତିଶତ ବିନିଯୋଗ ପ୍ରମାଣପତ୍ର ପ୍ରାପ୍ତ ହୋଇଛି। ଆଗାମୀ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱର ମହାନଗର ନିଗମ ଓ କଟକ ମହାନଗର ନିଗମ ଅଞ୍ଚଳରେ ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହର ପ୍ରଭାବ ହ୍ରାସ ପାଇଁ ୧.୭୭ କୋଟି ଟଙ୍କାର ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଛି। ବିଏମସିରେ ବହୁମୁଖୀ ବିଶ୍ରାମସ୍ଥଳ, ବସ୍‌ଷ୍ଟପ୍‌ରେ କୁଲିଂ ମ୍ୟାଟ୍, ସାଲିଆ ସାହିରେ ରିଫ୍ଲେକ୍ଟିଭ୍ ରୁଫ୍‌ପେଣ୍ଟିଂ, କଟକ ନେତାଜୀ ବସ୍ ଟର୍ମିନାଲ ପ୍ଲାଟଫର୍ମରେ ରୁଫ୍ ହ୍ୟାଙ୍ଗିଂ ଏବଂ ପାନୀୟ ଜଳ ସୁବିଧା ଭଳି ପ୍ରକଳ୍ପ ଏଥିରେ ସାମିଲ ରହିଛି।

## ପ୍ରଭାତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧନା



କଟକ, ୧୬।୭ (ସଂଚାର ବ୍ୟୁରୋ): ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଭାରତୀୟ ଜନତା ପାର୍ଟିରେ ଯୋଗଦେବା ପରେ ୫୩ନଂ ୱାର୍ଡବାସୀଙ୍କ ପକ୍ଷରୁ ଗୁରୁବାର ଓଏମ୍‌ପି ଡାକବଙ୍ଗଳାଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ବିଶ୍ୱାଳ ଯେଉଁ ଦଳକୁ ଯିବେ ଆମେ ତାଙ୍କ ସହିତ ରହିଛୁ ଓ ଆମ ସମର୍ଥନ ପୂର୍ଣ୍ଣମାତ୍ରାରେ ତାଙ୍କ ସହିତ ରହିଛି ବୋଲି ୱାର୍ଡବାସୀ କହିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଦରଖାପାଟଣା ପୂଜା କମିଟିର ସଭାପତି ଅନାଦି ଚରଣ ସ୍ୱାଇଁ, ସମ୍ପାଦକ ରଞ୍ଜନ କୁମାର ବେଉରା, ଅନ୍ଦରପୁର ପୂଜା କମିଟିର ସମ୍ପାଦକ ଅମର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା

## ରାଣୀହାଟରେ ଛେରାପହଁରା କଲେ ଜିଲ୍ଲାପାଳ



କଟକ,୧୬।୭ (ସଂଚାର ବ୍ୟୁରୋ): କଟକରେ ଚାନ୍ଦିନୀ ଚୌକ, ଦୋଳମୁଣ୍ଡାଇ, ରାଣୀହାଟ ସମେତ ଯୋବ୍ରା, ତୁଳସୀପୁର, ପିଠାପୁର, ମହାନଦୀ ବିହାର ଓ ପ୍ରଥମକରି ଆରମ୍ଭ ହୋଇଥିବା ସେକ୍ଟର-୬, ସିଡିଏ ଆଦି ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବିଭିନ୍ନ ରଥଯାତ୍ରା କମିଟି ଦ୍ୱାରା ଅନୁଷ୍ଠିତ ହେଉଥିବା ରଥଯାତ୍ରା ଆୟୋଜନରେ ଯୋଗ ଦେଇ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଛନ୍ତି। ପରମ୍ପରା ଅନୁଯାୟୀ ଅପରାହ୍ଣ ୪ଟା ସମୟରେ ରାଣୀହାଟଠାରେ ବଳଦେବଜୀଉ ରଥଯାତ୍ରା କମିଟି ପକ୍ଷରୁ ଶ୍ରୀଶ୍ରୀବଳଦେବଜୀଉ ମନ୍ଦିରର ରଥରେ ମହାପ୍ରଭୁଙ୍କ ନିତିକାନ୍ତି ଅନୁଷ୍ଠିତ ହେବା ପରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ରଥାରୂଢ଼ ତିନି ଠାକୁରଙ୍କ ରଥର ଛେରା ପହଁରା ଓ ପୂଜା ଅର୍ଚ୍ଚନା କରିଥିଲେ। ପରେ ରଥଟଣା ହୋଇଥିଲା। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ହେଉଥିବା 'ଉତ୍କଳ ପ୍ରସଙ୍ଗ' ପତ୍ରିକାର ପାଠକାର୍ପଣ କରାଯାଇଥିଲା।

## ହାତୀ ଆକ୍ରମଣରେ ନାବାଳକଙ୍କ ମୃତ୍ୟୁ

ବନ୍ଧମୁଣ୍ଡା,୧୬।୭(ସଂଚାର ବ୍ୟୁରୋ): ଏକ ଜଙ୍ଗଲୀ ହାତୀ ଆକ୍ରମଣରେ ଆଜି ଜଣେ ୧୬ ବର୍ଷୀୟ ନାବାଳକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବନ୍ଧମୁଣ୍ଡା ଆର୍‌ଏସ୍ କଲୋନୀର ବାସିନ୍ଦା ଆଲୋକ ମହାନ୍ତ ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ଆଲୋକଙ୍କ ପରିବାରକୁ ନିୟମାନୁସାରେ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଜୟନ୍ତୀରେ ବିପ୍ଳବୀ ଚକ୍ରଧର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ): କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କୁ ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧା ସହ ସ୍ମରଣ କରାଯାଇଥିଲା। ଗାନ୍ଧୀବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ପ୍ରଜାଙ୍କ ଅଧିକାର, ସ୍ୱାଭିମାନ ଓ ନ୍ୟାୟ ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ତାଙ୍କର ତ୍ୟାଗ, ସାହସ ଓ ଦେଶପ୍ରେମ ଆଜି ମଧ୍ୟ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା।

ଚକ୍ରଧର ବେହେରା କନିକା ପ୍ରଜା ଆନ୍ଦୋଳନର ଜଣେ ଅଦମ୍ୟ ସଂଗ୍ରାମୀ ଓ ଗରିବ ନିଷ୍ପେଷିତ ପ୍ରଜାଙ୍କ ଅଧିକାର ପାଇଁ ଆଜୀବନ ସଂଘର୍ଷ କରିଥିବା ଜଣେ ନିର୍ଭୀକ ଜନନେତା ଥିଲେ। ଅନ୍ୟାୟ, ଅନୀତି ଓ ଶୋଷଣ ବିରୋଧରେ ତାଙ୍କର ଲଢ଼େଇ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଓ କୃଷକ ଆନ୍ଦୋଳନର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ହୋଇ ରହିଛି। ଆଜି ସକାଳେ ସ୍ଥାନୀୟ ରାଜଭବନ ଛକରେ ଥିବା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ତାଙ୍କର ଦେଶପ୍ରେମ, ସାମାଜିକ ନ୍ୟାୟ ପ୍ରତି ନିଷ୍ଠା ଏବଂ କନିକା ପ୍ରଜା ଆନ୍ଦୋଳନରେ ତାଙ୍କର ଐତିହାସିକ ଅବଦାନକୁ ସ୍ମରଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ, ଗାନ୍ଧୀବାଦୀ ନେତା ପ୍ରହ୍ଲାଦ ସିଂ, ସାହିତ୍ୟିକ ତଥା ସମାଜସେବୀ ଲକ୍ଷ୍ମୀଧର ବେହେରା, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାସ ଓ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ରହି ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ଲୋକସମ୍ପର୍କ ଅଧିକାରୀ ସଙ୍ଗୀତା ମହାରଣା, ଅଭିନାଶ ସାଗର, ଅଂଶୁମାନ ସାହୁଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ବହୁ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସରକାର ତୃତୀୟ ଥର ରଥଯାତ୍ରା ପରିଚାଳନାରେ ବିଫଳ: ଭକ୍ତ

■ ଦର୍ଶନାର୍ଥୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ

ଭୁବନେଶ୍ୱର,୧୬।୭(ସଂଚାର ବ୍ୟୁରୋ): ପୁରୀ ରଥଯାତ୍ରାରେ ଦଳାଚକଟା ହେବା ଫଳରେ ଜଣେ ଭକ୍ତଙ୍କ ମୃତ୍ୟୁ ଘଟିଥିବା ଘଟଣାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିବା ସହ ଆଗାମୀ ଦିନରେ ଏପରି ଘଟଣାକୁ ରୋକିବା ପାଇଁ ଓଡ଼ିଶା ସରକାର ସତର୍କ ରହି ଜନସମାଗମର ଉଚିତ ପରିଚାଳନା କରିବାକୁ ନିବେଦନ କରିଛନ୍ତି। ଏହି ଘଟଣାରେ ଶ୍ରୀ ଦାସ ବିଶ୍ୱବିଦିତ ରଥଯାତ୍ରା ସମୟରେ ପୁଣିଥରେ ହୋଇଥିବା ଅବ୍ୟବସ୍ଥା ଓ ସୁରକ୍ଷା ବିଫଳତା ପାଇଁ ଓଡ଼ିଶା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପୂର୍ବରୁ ଘଟିଥିବା ଦୁଃଖଦ ଭିଡ଼ ଦୁର୍ଘଟଣାରେ ଭକ୍ତମାନଙ୍କ ପ୍ରାଣହାନି ଓ ଶତାଧିକ ଲୋକ ଆହତ ହେବା ପରେ ସେ ଏହି ଦୁର୍ଘଟଣା ପାଇଁ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି। ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ବଡ଼ଦାଣ୍ଡର ମରିଚିକୋଟ ଛକ ନିକଟରେ ଆଜି ଅତ୍ୟଧିକ ଭିଡ଼ ଯୋଗୁଁ କେନ୍ଦୁଝରର ଅନିଲ ଦାସ ଶ୍ୱାସରୁଦ୍ଧ ହୋଇପଡ଼ିଥିଲେ। ପୁଲିସ କର୍ଡନରୁ ପ୍ରାୟ ୧୦୦ ଫୁଟ ଦୂରରେ ସେ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଥଯାତ୍ରା ସମୟରେ ଏଭଳି ବାରମ୍ବାର ଘଟଣା ଘଟିବା ଅତ୍ୟନ୍ତ ଚିନ୍ତାଜନକ କଥା ଓ ଏହାର ପୁନର୍ବାର ସତର୍କ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଛନ୍ତି।

ସେ କହିଛନ୍ତି ଯେ ଆବଶ୍ୟକତାଠାରୁ ଅଧିକ କର୍ଡନ ପାସ, ଆରଏସଏସ ସ୍ୱେଚ୍ଛାସେବୀଙ୍କୁ କେଉଁ ଆଧାରରେ କର୍ଡନ ଭିତରକୁ ଅନୁମତି ଆଦି ମଧ୍ୟ ବିଭ୍ରାଟର ଅନ୍ୟ ଏକ କାରଣ ବୋଲି ଶ୍ରୀ ଦାସ କହିଛନ୍ତି। ପୁଣି ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ମହାପ୍ରଭୁଙ୍କୁ ବିନା ଟାହିଆରେ ଶ୍ରୀ ମନ୍ଦିରରୁ ରଥକୁ ପହଣ୍ଡି କରିବା ସମସ୍ତ ଓଡ଼ିଆ ଜାତିକୁ ବ୍ୟଥିତ କରିଛି। ତେବେ ଓଡ଼ିଆଙ୍କ ପ୍ରାଣ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରିଚାଳନା ସମୟରେ ଭକ୍ତଙ୍କ ସୁରକ୍ଷା ଓ କଲ୍ୟାଣ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ବୋଲି କହିବା ସହ ମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ଓ ଜଗନ୍ନାଥଙ୍କ ପ୍ରତି ଯଦି ସାମାନ୍ୟ ଭକ୍ତି ଅଛି ତେବେ ଆଇନମନ୍ତ୍ରୀ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

# ଦଳାଚକଟାରେ ଆହତଙ୍କୁ ଭେଟିଲେ ବିଜେଡି ନେତା



ପୁରୀ,୧୬।୭(ସଂଚାର ବ୍ୟୁରୋ): ଆଜି ରଥଯାତ୍ରା ସମୟରେ ମନ୍ଦିରଠାରୁ ପାଖାପାଖି ୨୦୦ ମିଟର ଦୂରବର୍ତ୍ତୀ ମରିଚିକୋଟଠାରେ ଦଳାଚକଟା ହେବା ଫଳରେ ୨ ଜଣ ଭକ୍ତ ମୃତ୍ୟୁବରଣ କରିଥିବା ବେଳେ ୩ ଶହରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ପୁରୀ ଜିଲ୍ଲା ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କୁ ଭେଟିଛନ୍ତି ବିଜେଡିର କେତେକ ନେତା। ସେମାନେ ଭକ୍ତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ହସ୍ପିଟାଲ୍ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆଜି ସକାଳ ୮ଟାରୁ ସନ୍ଧ୍ୟା ସୁଦ୍ଧା ମୋଟ ୩୬୨ ଜଣ ଭକ୍ତ ହସ୍ପିଟାଲରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଅବସରରେ ବିଜେଡି ନେତାମାନେ ଏହା କେବଳ ଏକ ଦୁର୍ଘଟଣା ନୁହେଁ, ବରଂ ରାଜ୍ୟ ସରକାରଙ୍କ ବିଫଳ ବ୍ୟବସ୍ଥା ଓ ପ୍ରଶାସନିକ ଅବହେଳାର ଗମ୍ଭୀର ପରିଣାମ ବୋଲି କହିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଦାୟିତ୍ୱ ନେଇଥିବା ସରକାର ଏଥିରେ କାହିଁକି ବିଫଳ ହେଲେ, ତାହାର ଜବାବ ଓ ସମ୍ପୂର୍ଣ୍ଣ ତଦନ୍ତ ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ଏଥିସହ ଏହି ଦଳାଚକଟାରେ ମୃତ୍ୟୁବରଣ କରିଥିବା ଭକ୍ତମାନଙ୍କ ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିବା ସକାଶେ ସେମାନେ ଦାବି କରିଛନ୍ତି। ଏଥିସହ ଗୁରୁତର ଆହତମାନଙ୍କୁ ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲ ତଥା ଏମ୍ସକୁ ଉତ୍ତମ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରିବା ସକାଶେ ନେତାମାନେ ଦାବି କରିଛନ୍ତି।

# ପୁରୀରେ ବର୍ଷା ଜଳ ନିଷ୍କାସନ ପାଇଁ ୫୮ ପମ୍ପ ମୁତୟନ

**ଜିଲ୍ଲାର ୬୦ ସ୍ଥାନରେ ୨ ଦିନ ହେବ ଚାଲିଛି କାର୍ଯ୍ୟ**



ପୁରୀ,୧୬।୭(ସଂଚାର ବ୍ୟୁରୋ): ରଥଯାତ୍ରା ପୂର୍ବ ସନ୍ଧ୍ୟାରେ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାତାର ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାର ୬୦ଟି ପ୍ରଭାବିତ ସ୍ଥାନରେ ଗତ ୨ ଦିନ ହେବ ଅହୋରାତ୍ର ଜଳ ନିଷ୍କାସନ କାର୍ଯ୍ୟ ଜାରି ରହିଛି।

ଏହି ଜଳ ନିଷ୍କାସନ ଅପରେସନକୁ ତ୍ୱରାନ୍ୱିତ କରିବା ପାଇଁ ସମୁଦାୟ ୫୮ଟି ଶକ୍ତିଶାଳୀ ପମ୍ପ ମୁତୟନ କରାଯାଇଛି। ମିନିଟ୍ ପ୍ରତି ୪,୨୦୦ ଲିଟର ଜଳ ନିଷ୍କାସନ କ୍ଷମତା ବିଶିଷ୍ଟ ୧୦ଟି ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ୍ କାର୍ଯ୍ୟ କରୁଥିବା ବେଳେ ମିନିଟ୍ ପ୍ରତି ୧,୬୦୦ ଲିଟର ଜଳ ନିଷ୍କାସନ କ୍ଷମତା ବିଶିଷ୍ଟ ୧୬ଟି ଟ୍ରେଲର୍ ପମ୍ପ ନିୟୋଜିତ କରାଯାଇଛି। ଏଥିସହ ବିଭିନ୍ନ ଗଳିକନ୍ଦିରେ ଜମି ରହିଥିବା ପାଣି ବାହାର କରିବା ପାଇଁ ମିନିଟ୍ ପ୍ରତି ୪୦୦ ଲିଟର ଜଳ ନିଷ୍କାସନ କ୍ଷମତା ବିଶିଷ୍ଟ ୩୨ଟି ପୋର୍ଟେବଲ୍ ପମ୍ପ କାମ କରୁଛନ୍ତି। ଗତ ଦୁଇ ଦିନ ମଧ୍ୟରେ ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବାର କର୍ମଚାରୀ ବର୍ଷାଜନିତ ଜଳବନ୍ଦୀ ଅଞ୍ଚଳରୁ ଲକ୍ଷାଧିକ ଲିଟର ପାଣି ନିଷ୍କାସନ କରି ସାଧାରଣ ଜନଜୀବନ ସ୍ୱାଭାବିକ କରିପାରିଛନ୍ତି।

# ଯୋବ୍ରା ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥଯାତ୍ରା



କଟକ,୧୬।୭(ସଂଚାର ବ୍ୟୁରୋ): ଆଜି ପବିତ୍ର ରଥଯାତ୍ରା ଉପଲକ୍ଷେ ଯୋବ୍ରା ନୂଆସାହିସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚଳିତ ବର୍ଷ ୫୧ତମ ରଥଯାତ୍ରା ମହୋତ୍ସବ ପାଳନ କରାଯାଉଛି। ଅପରାହ୍ଣ ୨ଟାରେ ସୂର୍ଯ୍ୟ ପୂଜା ଓ ରଥ ପୂଜା ସମ୍ପାଦିତ ହୋଇଥିଲା। ଏହାପରେ ଠାକୁରମାନେ ଗୋଟି ପହଣ୍ଡିରେ ଆସି ରଥରେ ବିଜେ କରିଥିଲେ। ଅପରାହ୍ଣ ୩ଟାରେ ସାହି ଅଧିକାରୀ କାଶୀନାଥ ନାୟକ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଯୋବ୍ରା ଶନି ମନ୍ଦିର ଦେଇ ବ୍ୟାରେଜ ଛକ, ଡିପୋ ଛକ, ଲକ୍ଷ୍ମୀ ବଜାର ଓ ଶାରଳା ମନ୍ଦିର ଦେଇ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ସନ୍ଧ୍ୟାରେ ପହଞ୍ଚିଥିଲା। ପୁଲିସ ପ୍ରଶାସନ ଓ ବିଦ୍ୟୁତ ବିଭାଗର କର୍ମଚାରୀମାନେ ରଥଟଣା ସମୟରେ ସହଯୋଗ କରିଥିଲେ। ରଥ ଉପରେ ସେବାୟତଙ୍କ ମଧ୍ୟରୁ ଦେବାଶିଷ ବେହେରା, ଅଜିତ ସ୍ୱାଇଁ, ଦାଶରଥୀ ନାୟକ, ସତ୍ୟମ ନାୟକ ଓ ପୁରୋହିତ ଠାକୁରଙ୍କୁ ସେବା ଦେଇଥିଲେ। ବିଧାୟିକା ସୋଫିଆ ଫିରଦୋଷ, ସୁକାନ୍ତ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ନୟନ କିଶୋର ମହାନ୍ତି, କଟକ ଡିସିପି ଖିଲାରି ଋଷିକେଶ ଦାମଦେଓ, କଟକ ମହାନଗର ନିଗମର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସହ ଯୋବ୍ରା ଦୁର୍ଗାପୂଜା କମିଟି ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ସଂଗ୍ରାମ ରାଉତରାୟଙ୍କ ସହ ଶତାଧିକ ଭକ୍ତ ସହଯୋଗ କରିଥିଲେ।

# ଅଧିକ ଓଜନ ଯୋଗୁଁ ଖୋଲାଯାଇଥିଲା ଜଗନ୍ନାଥଙ୍କ ଟାହିଆ: ରାମକୃଷ୍ଣ ଦାସମହାପାତ୍ର

ପୁରୀ,୧୬।୭(ସଂଚାର ବ୍ୟୁରୋ): ଜଗନ୍ନାଥ ମହାପ୍ରଭୁଙ୍କ ଟାହିଆ ଖୋଲାଯିବା ପ୍ରସଙ୍ଗ ନେଇ ପ୍ରତିକ୍ରିୟା ଦେଇଛନ୍ତି ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର। ସେ କହିଛନ୍ତି ଯେ ଜଗନ୍ନାଥ ମହାପ୍ରଭୁଙ୍କ ଟାହିଆ ଅଧିକ ଓଜନିଆ ହୋଇଯାଇଥିଲା। ତେଣୁ ଶେଷରେ ଏହାକୁ ଖୋଲି ଦିଆଯାଇଥିଲା। ତା'ଛଡ଼ା ପହଣ୍ଡି ସମୟରେ ଭୀଷଣ ବର୍ଷା ହେଉଥିବାରୁ ଏଥିରେ ଟାହିଆ ଓଜନ ଆହୁରି ଅଧିକ ହୋଇଯାଇଥିଲା। ସେହିପରି ବର୍ଷାରେ ତୁଳସୀ ଭିଜିଯିବାରୁ ଏହା ଅଧିକ ଓଜନିଆ ହୋଇଯାଇଥିଲା। ଏପରି ସ୍ଥିତିରେ ଟାହିଆ ଖୋଲା ନ ଯାଇଥିଲେ ମହାପ୍ରଭୁଙ୍କ ଅଙ୍ଗ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଥିଲା ବୋଲି ଯୁବ ଦଇତାପତି କୀର୍ତ୍ତି ପ୍ରକାଶ ଦାସ ମହାପାତ୍ର କହିଛନ୍ତି। ଏହିସବୁ କାରଣରୁ ପହଣ୍ଡି ସମୟରେ ବଡ଼ ଠାକୁରଙ୍କ ଟାହିଆ ଖୋଲାଯାଇଥିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଟାହିଆ ତିଆରି କରିବା ଏକ ପବିତ୍ର ଓ ବଂଶାନୁକ୍ରମିକ ସେବା। ପୁରୀର ରାଘବ ଦାସ ମଠର କାରିଗରମାନେ ଅକ୍ଷୟ ତୃତୀୟାରୁ ସମ୍ପୂର୍ଣ୍ଣ ପ୍ରାକୃତିକ ସାମଗ୍ରୀ ଯଥା ବାଉଁଶ, ବେତ, ସୋଲ ଓ ବିଭିନ୍ନ ପ୍ରକାର ସୁଗନ୍ଧିତ ଧଳା ଫୁଲ ବ୍ୟବହାର କରି ଏହାକୁ ପ୍ରସ୍ତୁତ କରନ୍ତି। ଏହାର ପରିମାପ ମଧ୍ୟ ଶାସ୍ତ୍ରାନୁମୋଦିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆ ପାଇଁ ୩୭ ଟି ବାଉଁଶ କାଠି, ବଳଭଦ୍ରଙ୍କ ପାଇଁ ୩୩ଟି ଏବଂ ଦେବୀ ସୁଭଦ୍ରାଙ୍କ ପାଇଁ ୧୨ଟି ବାଉଁଶ କାଠିର ବ୍ୟବହାର କରାଯାଏ।

# ଥାନାରେ ସ୍ୱତନ୍ତ୍ର ଶାଖା, ନିଷ୍ପତ୍ତି କାର୍ଯ୍ୟକାରୀ କେବେ?

ଭୁବନେଶ୍ୱର,୧୬।୭: ରାଜ୍ୟର ପୁଲିସ୍ ଥାନାଗୁଡ଼ିକରେ ଅପରାଧ ନିୟନ୍ତ୍ରଣ, ଅପରାଧିକ ମାମଲାର ତଦନ୍ତ ଓ ଏ ସଂକ୍ରାନ୍ତୀୟ ମାମଲା ପରିଚାଳନା ଲାଗି ସ୍ୱତନ୍ତ୍ର ଶାଖା ଗଠନ ଲାଗି ଦୀର୍ଘ ବର୍ଷ ଧରି ପ୍ରସ୍ତାବ ଥିଲେ ମଧ୍ୟ ବିଭିନ୍ନ କାରଣରୁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଅପରାଧି ମାମଲାରେ ସଂଖ୍ୟାଧିକ କ୍ଷେତ୍ରରେ ଆସାମୀମାନେ ନିର୍ଦ୍ଦୋଷରେ ଖଲାସ ହୋଇଯାଉଥିବା ବେଳେ ଅନ୍ୟ ପକ୍ଷରେ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଉଠୁଛି ଓ ପୁଲିସ୍ ଅଧିକାରୀମାନେ ବ୍ୟାପକ ଚାପରେ ରହୁଥିବା ଘେନି ବାରମ୍ବାର ଚର୍ଚ୍ଚା ହେଉଛି।

ଆଇନ୍‌ଶୃଙ୍ଖଳା ରକ୍ଷା ସହ ସଭା, ସମିତି, ଶୋଭାଯାତ୍ରା, ଧାରଣା, ଧର୍ମଘଟ ଆଦିର ନିୟନ୍ତ୍ରଣ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ନିରାପତ୍ତା ଲାଗି ପୁଲିସ୍ ଉପରେ ଅଧିକ ଚାପ ରହୁଛି। ଗୋଟିଏ ପଟେ ହଜାର ହଜାର ସଂଖ୍ୟକ ପଦବୀ ରାଜ୍ୟ ପୁଲିସ୍ ବାହିନୀରେ ବର୍ଷ ବର୍ଷ ଧରି ପୂରଣ ହୋଇପାରୁ ନ ଥିବା ବେଳେ ଅନ୍ୟ ପଟେ ସୀମିତ ସଂଖ୍ୟକ ପୁଲିସ୍ ଅପରାଧିକ ମାମଲା ବୁଝିବା ସହ ଅନ୍ୟ କାମରେ ବି ନିୟୋଜିତ ହେଉଛନ୍ତି। ଏଥିଯୋଗୁଁ ଜଣେ ଜଣେ ପୁଲିସ୍ ଅଧିକାରୀଙ୍କୁ ୧୨ରୁ ୧୬ଘଣ୍ଟା ପର୍ଯ୍ୟନ୍ତ ଦିନେ ଦିନେ ଖଟିବାକୁ ପଡୁଛି ବୋଲି ଅନେକ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ କହୁଛନ୍ତି।

ରାଜ୍ୟ ସରକାରଙ୍କ ନିକଟରେ ଥିବା ପ୍ରସ୍ତାବ ମୁତାବକ ଅପରାଧ ପରିଚାଳନା ବ୍ୟବସ୍ଥାକୁ ଆଇନ୍‌ଶୃଙ୍ଖଳା ରକ୍ଷା ଓ ଭିଆଇପି ନିରାପତ୍ତା କାର୍ଯ୍ୟକଳାପରୁ ପୃଥକ କରାଯିବା କଥା। ଫଳରେ ଗୋଟିଏ ଗୋଟିଏ ଥାନାରେ ଦୁଇ ଦୁଇ ଜଣ କରି ଇନ୍ସପେକ୍ଟର ରହିବା କଥା। ଜଣେ କେବଳ ଅପରାଧ ନିୟନ୍ତ୍ରଣ ଓ ଏ ସଂକ୍ରାନ୍ତୀୟ ମାମଲା ପରିଚାଳନା କଥା ବୁଝିବ ଓ ତାଙ୍କ ଅଧିନରେ ଏହି କାମ ପାଇଁ ସ୍ୱତନ୍ତ୍ର ଭାବେ ଏସଆଇ, ଏଏସ୍ଆଇ, ହାବିଲଦାର ଓ କନଷ୍ଟେବଳମାନେ ରହିବା ଆବଶ୍ୟକ। ଅନ୍ୟାନ୍ୟ ବ୍ୟାପାର ବୁଝିବା ପାଇଁ ଅନ୍ୟ ଜଣେ ଇନ୍ସପେକ୍ଟର ଥାନାରେ ରହିବେ ଓ ତାଙ୍କ ଅଧିନରେ ମଧ୍ୟ ଏଥିଲାଗି ସ୍ୱତନ୍ତ୍ର କର୍ମଚାରୀ ରହିବା କଥା। ଦୁଇ ଜଣ ଇନ୍ସପେକ୍ଟରଙ୍କ ପାଇଁ ପ୍ରତି ଥାନାରେ ଭିତ୍ତିଭୂମି ମଧ୍ୟ ଲୋଡ଼ାପଡୁଛି।

ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟରେ ଦୀର୍ଘ ବର୍ଷ ଧରି ପଡ଼ି ରହିଛି। ବିଗତ ସରକାର ସମୟରେ ଏହାକୁ କାର୍ଯ୍ୟକାରୀ କରାଯାଉନଥିଲା ଓ ଏବେ ମଧ୍ୟ ଏହି ପ୍ରସ୍ତାବ ଶୀତଳଭଣ୍ଡାରରେ ପଡ଼ି ରହିଛି। ଅବସ୍ଥା ଏଭଳି ହୋଇଛି ଯେ ଅପରାଧିକ ମାମଲାର ତଦନ୍ତକାରୀ ଅଧିକାରୀମାନେ ଅନ୍ୟ କାମରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ପାଇଁ କିଛି ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଚାର୍ଜସିଟ୍ ଆଦି ପ୍ରସ୍ତୁତ କରୁଛନ୍ତି। ଏକଥା ସମସ୍ତେ ଜାଣୁଥିଲେ ମଧ୍ୟ କେହି ପ୍ରତିକାର ପାଇଁ ଆଗେଇ ଆସୁନାହାନ୍ତି।

ପୁଲିସ୍ ଥାନାରେ ଏଭଳି ସଂସ୍କାର ଲାଗି ଏଯାବତ୍ ବଜେଟରେ ମଧ୍ୟ ଅର୍ଥ ବ୍ୟବସ୍ଥା ହେଉନାହିଁ। ଅନ୍ୟପଟେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଅଧିକ ମାନବ ସମ୍ବଳର ଆବଶ୍ୟକତା ପଡ଼ିବ। କିନ୍ତୁ ଏବେ ପୁଲିସ୍ ବାହିନୀରେ ୨୦ ହଜାରରୁ ଅଧିକ ପଦବୀ ଖାଲି ପଡ଼ିଛି। କୁହାଯାଉଛି, ପ୍ରାୟ ଏକ-ତୃତୀୟାଂଶ ପଦବୀ ବିଭିନ୍ନ କାରଣରୁ ପୂରଣ ହୋଇପାରୁନାହିଁ। ବର୍ଷକୁ ବର୍ଷ ଖାଲି ପଦବୀ ସଂଖ୍ୟା ବଢ଼ିବାରେ ଲାଗିଛି।

ଖାଲି ପଡ଼ିଥିବା ସବଇନ୍ସପେକ୍ଟର ପଦବୀ ପୂରଣ ପାଇଁ ପ୍ରାୟ ୩ ବର୍ଷ ତଳେ ବିଜ୍ଞାପନ ପ୍ରକାଶ ପାଇଥିଲା। କିନ୍ତୁ ନିଯୁକ୍ତି ପରୀକ୍ଷାରେ ବ୍ୟାପକ କେଲେଙ୍କାରୀ ଧରାପଡ଼ିବା ପରେ ଏହି ପରୀକ୍ଷାକୁ ପ୍ରାୟ ଦେଢ଼ବର୍ଷ ତଳୁ ବାତିଲ କରାଗଲାଣି। ଏହି ଘଟଣାରେ ଅନେକ ବ୍ୟକ୍ତି ଗିରଫ ହୋଇଛନ୍ତି। ସର୍ବଭାରତୀୟ ନିଟ୍ ପରୀକ୍ଷାରେ ଅନୁରୂପ ଗଣ୍ଡଗୋଳ ହୋଇଥିବା ବେଳେ ଦୁଇ ମାସ ଭିତରେ ସାରି ପରୀକ୍ଷା ହୋଇଗଲା। ଅଥଚ ଦେଢ଼ ବର୍ଷ ଭିତରେ ପୁଲିସ୍ ସବ୍‌ଇନ୍ସପେକ୍ଟର ପଦବୀ ପୂରଣ ପାଇଁ ପୁନର୍ବାର ପରୀକ୍ଷା ଲାଗି ପଦକ୍ଷେପ ନିଆଯାଇପାରୁନାହିଁ। ବରିଷ୍ଠ ପୁଲିସ୍ ଅଧିକାରୀମାନେ ସ୍ୱୀକାର କରୁଛନ୍ତି ଯେ ନିଶା ପ୍ରସାର ଓ ଅନ୍ୟାନ୍ୟ କାରଣରୁ ଅପରାଧ, ଦୁର୍ଘଟଣା ଆଦି ବଢ଼ି ଚାଲୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସହ ମାମଲା ପରିଚାଳନା, ଭିଆଇପିଙ୍କ ନିରାପତ୍ତା ଓ ଆଇନ୍‌ଶୃଙ୍ଖଳା ରକ୍ଷା ପାଇଁ ପୁଲିସ୍ କର୍ମଚାରୀମାନଙ୍କୁ ଦେଢ଼ ଗୁଣରୁ ଦୁଇ ଗୁଣ ସମୟ ଖଟିବାକୁ ପଡୁଛି। (ତଥ୍ୟ)

■ 'ମହାପ୍ରଭୁ ଜଗନ୍ନାଥ' ଉପରେ ହାଇକୋର୍ଟଙ୍କ କଟକଣା

# ରିଲିଜ ହେବନି ଆନିମେଟେଡ୍ ଫିଲ୍ମ



କଟକ,୧୬।୭(ସଂଚାର ବ୍ୟୁରୋ): ବିବାଦୀୟ ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ଏବେ ରିଲିଜ୍ ହୋଇପାରିବ ନାହିଁ। ଆସନ୍ତା ୧୭ ତାରିଖରେ ଏହି ଫିଲ୍ମ ରିଲିଜ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ବେଳେ ହାଇକୋର୍ଟ ଏହା ଉପରେ କଟକଣା ଲଗାଇଛନ୍ତି। ଅଦାଲତଙ୍କ ଅନୁମତି ବିନା ଏହି ଫିଲ୍ମ ପ୍ରଦର୍ଶନ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି ଆସନ୍ତା ଅଗଷ୍ଟ ୫ ତାରିଖକୁ ଧାର୍ଯ୍ୟ ହୋଇଛି। ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଦସ୍ୟ ମହେଶ ସାହୁ, ଡକ୍ଟର ପ୍ରମୋଦ ଆଚାର୍ଯ୍ୟ, ଉମାଶଙ୍କର ଆଚାର୍ଯ୍ୟ ଓ ଶାଶ୍ୱତ ସାହୁଙ୍କ ପକ୍ଷରୁ ପୃଥକ ଭାବେ ରୁଜୁ ଦୁଇଟି ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ବିଚାରପତି ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର, ଆଇନଜୀବୀ ସମ୍ବିତ ପତ୍ରୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ଶୁକ୍ରବାର ୧୭ ଜୁଲାଇ ୨୦୨୬, ଭୁବନେଶ୍ୱର

Friday 17 July 2026, Bhubaneswar


# କଂଗ୍ରେସ ସହ ମେଣ୍ଟ ନା ବୁଝାମଣା

ଭାରତୀୟ ରାଜନୀତିର ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତିରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ରାଜନୈତିକ କୌଶଳ ସର୍ବଦା ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଲୋକସଭା ନିର୍ବାଚନ ୨୦୨୪ ପରେ ଏବଂ ଆଗାମୀ ବିଧାନସଭା ନିର୍ବାଚନ ଦୃଷ୍ଟିରୁ କଂଗ୍ରେସ ସହ ପୁନଃ ମେଣ୍ଟ କରିବା ମମତାଙ୍କ ପାଇଁ ଉପଦେୟ ହେବ କି, ସେ ପ୍ରଶ୍ନ ଏବେ ତୀବ୍ର ବିତର୍କର ବିଷୟ ହୋଇଛି। ଏକଦା କଂଗ୍ରେସ ଠାରୁ ଦୂରେଇ ଯାଇଥିବା ମମତା ପୁଣି ଥରେ ହାତର ହାତ ଧରିବେ କି ସେନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଛି।



ପ୍ରଥମେ ଅତୀତ ଇତିହାସ ଦେଖିବା ଦରକାର। ୨୦୧୬ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମସି) ଏବଂ କଂଗ୍ରେସ ମଧ୍ୟରେ ମେଣ୍ଟ ହୋଇଥିଲା। ଏହା ମମତାଙ୍କୁ ବିଜୟୀ କରିଥିଲା ସତ, କିନ୍ତୁ ପରବର୍ତ୍ତୀ ସମୟରେ ସମ୍ପର୍କ ଖରାପ ହୋଇଥିଲା। କଂଗ୍ରେସ ନେତାମାନେ ଟିଏମ୍ସିର ଅନୁପ୍ରବେଶକାରୀ ନୀତି ଏବଂ ସ୍ଥାନୀୟ ସ୍ତରରେ ଅଧିକାର ହରାଇବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ଟିଏମ୍ସି ଏକାକୀ ଲଢ଼ି ବିପୁଳ ବିଜୟ ଲାଭ କରିଥିଲା। ଏହା ପ୍ରମାଣ କରେ ଯେ ମମତାଙ୍କ ବ୍ୟକ୍ତିଗତ ଜନପ୍ରିୟତା ଏବଂ ସ୍ଥାନୀୟ ସଂଗଠନ କଂଗ୍ରେସର ସହାୟତା ବିନା ମଧ ଯଥେଷ୍ଟ ଶକ୍ତିଶାଳୀ।

ଏବେ ରାଷ୍ଟ୍ରୀୟ ସ୍ତରରେ ବିଜେପି-ବିରୋଧୀ ମେଣ୍ଟ ନେଇ ଆଲୋଚନା ଚାଲିଛି। ଇଣ୍ଡିଆ ମେଣ୍ଟ ମଧ୍ୟରେ କଂଗ୍ରେସ ଏକ ମୁଖ୍ୟ ଖୁଣ୍ଟ ହୋଇ ରହିଛି। ମମତା ଯଦି କଂଗ୍ରେସ ସହ ମେଣ୍ଟ କରନ୍ତି, ତେବେ ପଶ୍ଚିମବଙ୍ଗରେ ବିଜେପି ବିରୋଧୀ ଭୋଟ ବିଭାଜନ ରୋକାଯାଇପାରେ। ଏହା ଜାତୀୟ ସ୍ତରରେ ବି ବିରୋଧୀ ଶକ୍ତିଗୁଡ଼ିକୁ ଏକତ୍ରିତ କରିବାରେ ସହାୟକ ହୋଇପାରେ। ବିଶେଷ କରି ମୁସଲିମ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ଭୋଟ ଏକତ୍ରିତ ହେବା ସମ୍ଭାବନା ରହିଛି। ଅର୍ଥନୈତିକ ପ୍ରକଳ୍ପ, କେନ୍ଦ୍ରର ଅନୁଦାନ ଏବଂ ରାଜ୍ୟର ବିକାଶ ପାଇଁ କଂଗ୍ରେସ-ସମର୍ଥିତ ଜୋଟ ସହିତ ଥିବା ମମତାଙ୍କ ଆଲୋଚନା ଶକ୍ତି ବଢ଼ାଇପାରେ।

କିନ୍ତୁ ଏହି ମେଣ୍ଟର ଅନେକ ଅସୁବିଧା ମଧ ରହିଛି। ପ୍ରଥମତଃ, କଂଗ୍ରେସର ବର୍ତ୍ତମାନର ଅବସ୍ଥା ଅତ୍ୟନ୍ତ ଦୁର୍ବଳ। ପଶ୍ଚିମବଙ୍ଗରେ କଂଗ୍ରେସର ସଂଗଠନ ପ୍ରାୟ ନିଷ୍କ୍ରିୟ ହୋଇଛି। ମେଣ୍ଟ କଲେ ଟିଏମସିକୁ ଅଧିକାଂଶ ଆସନ ଛାଡ଼ିବାକୁ ପଡ଼ିବ, ଯାହା ମମତାଙ୍କ ପାର୍ଟିର କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିପାରେ। ଅତୀତର ମେଣ୍ଟରେ ଦେଖାଯାଇଥିବା ପରି କଂଗ୍ରେସ ନେତାମାନେ ଟିଏମସିରେ ଯୋଗ ଦେବା କିମ୍ବା ସ୍ଥାନୀୟ ସ୍ତରରେ ବିବାଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଦ୍ୱିତୀୟତଃ, ମମତାଙ୍କ ରାଜନୈତିକ ପରିଚୟ ହେଉଛି 'ବିଜେପି ବିରୋଧୀ କିନ୍ତୁ କଂଗ୍ରେସ-ନିରପେକ୍ଷ'। କଂଗ୍ରେସ ସହ ପୁନଃ ମେଣ୍ଟ କଲେ ସେହି ପରିଚୟ କ୍ଷୁଣ୍ଣ ହୋଇପାରେ ଏବଂ କେନ୍ଦ୍ରରେ ବିଜେପି ଏହାକୁ ଟାର୍ଗେଟ କରି ପ୍ରଚାର କରିପାରେ।

ତୃତୀୟତଃ, ଆଞ୍ଚଳିକ ଦଳଗୁଡ଼ିକର ସ୍ୱାଧୀନତା ରକ୍ଷା କରିବା ଆଜିର ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ମମତା ପୂର୍ବରୁ କହିଛନ୍ତି ଯେ ସେ କେନ୍ଦ୍ରରେ କଂଗ୍ରେସ-ନେତୃତ୍ୱାଧୀନ ସରକାର ଚାହୁଁ ନାହାନ୍ତି। ଯଦି ମେଣ୍ଟ କରି କଂଗ୍ରେସକୁ ଅଧିକ ଗୁରୁତ୍ୱ ଦିଆଯାଏ, ତେବେ ଟିଏମସିର ସ୍ୱାଧୀନ ଭାବମୂର୍ତ୍ତି କ୍ଷୁଣ୍ଣ ହେବ। ଏହାଛଡ଼ା ବାମପନ୍ଥୀ ଏବଂ ଅନ୍ୟାନ୍ୟ ଛୋଟ ଦଳଗୁଡ଼ିକ ସହ ସମ୍ପର୍କ ମଧ ପ୍ରଭାବିତ ହୋଇପାରେ।

ଏକ ବିକଳ୍ପ ଦୃଷ୍ଟିକୋଣ ହେଉଛି ଟିଏମସି ଏକାକୀ ଲଢ଼ିବା। ମମତାଙ୍କ ଜନସମର୍ଥନ, ଲୋକକଲ୍ୟାଣମୂଳକ ଯୋଜନା (କନ୍ୟାଶ୍ରୀ, ରୂପଶ୍ରୀ ଆଦି) ଏବଂ ସଂଗଠନର ଶକ୍ତି ଏହାକୁ ସମ୍ଭବ କରୁଛି। କିନ୍ତୁ ବିଜେପିର କ୍ରମାଗତ ଆକ୍ରମଣ ଏବଂ ଜାତୀୟ ସ୍ତରର ରାଜନୈତିକ ପରିବର୍ତ୍ତନ ଦୃଷ୍ଟିରୁ କିଛି ରଣନୈତିକ ବୁଝାମଣା ଆବଶ୍ୟକ ହୋଇପାରେ। ସେଥିପାଇଁ ପୂର୍ଣ୍ଣ ମେଣ୍ଟ ନୁହେଁ, ବରଂ ନିର୍ଦ୍ଦିଷ୍ଟ ଆସନରେ ବୁଝାମଣା କରିବା ଅଧିକ ଉପଦେୟ ହୋଇପାରେ।

ଶେଷକଥା, ମମତାଙ୍କ ପାଇଁ କଂଗ୍ରେସ ସହ ପୁନଃ ମେଣ୍ଟ କରିବା ଏକ ବିପଦପୂର୍ଣ୍ଣ ଖେଳ। ଏହା ସ୍ୱଳ୍ପକାଳୀନ ଲାଭ ଦେଇପାରେ କିନ୍ତୁ ଦୀର୍ଘକାଳୀନ ଦୃଷ୍ଟିରୁ ତାଙ୍କର ଆଞ୍ଚଳିକ ଆଧିପତ୍ୟକୁ ଦୁର୍ବଳ କରିପାରେ। ବର୍ତ୍ତମାନର ପରିସ୍ଥିତିରେ ସ୍ୱାଧୀନତା ଏବଂ କୌଶଳପୂର୍ଣ୍ଣ ଆଲୋଚନା ମାଧମରେ ଟିଏମସି ନିଜର ଶକ୍ତି ବଜାୟ ରଖି ବିରୋଧୀ ଧାରାକୁ ସମର୍ଥନ ଦେବା ଅଧିକ ବୁଦ୍ଧିମାନ ପଦକ୍ଷେପ ହେବ। ରାଜନୀତି ହେଉଛି ସମ୍ଭାବନାର ଖେଳ; ମମତାଙ୍କୁ ଏହି ଖେଳରେ ତାଙ୍କ ଅତୀତର ଅଭିଜ୍ଞତା ଏବଂ ଜନସମର୍ଥନକୁ ଆଧାର କରି ନିଷ୍ପତ୍ତି ନେବାକୁ ପଡ଼ିବ।

# ଶ୍ରୀବିଗ୍ରହଙ୍କ ଜନ୍ମବେଦୀ ଆଡ଼ପ ମଣ୍ଡପ ବା ଶ୍ରୀଗୁଣ୍ଡିଚା ମନ୍ଦିର


**ସନ୍ତୋଷ କୁମାର ଦାଶ**




ଶ୍ରୀ ନୀଳାଚଳ କ୍ଷେତ୍ର ପୁରୀର ଅନ୍ୟତମ ପୁଣ୍ୟ ସ୍ଥାନ ହେଉଛି ଶ୍ରୀ ଗୁଣ୍ଡିଚା ମନ୍ଦିର ବା ଆଡ଼ପ ମଣ୍ଡପ। ବିଭିନ୍ନ ପ୍ରାଚୀନ ଶାସ୍ତ୍ର ଗ୍ରନ୍ଥ ଓ ଲୋକ ସାହିତ୍ୟରେ ଶ୍ରୀ ଗୁଣ୍ଡିଚା ମନ୍ଦିର କୁ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ଆଡ଼ପ ମଣ୍ଡପ, ଗୁଣ୍ଡିଚା ଘର, ରାସ ମଣ୍ଡପ ଆଦି ନାମ ରେ ଭାବ ରେ ବର୍ଣ୍ଣନା କରାଯାଇଛି। 'ସ୍କନ୍ଦ ପୁରାଣ' ଅନୁସାରେ ଯଜ୍ଞବେଦୀ ଓ ତାର ସନ୍ନିକଟ ସ୍ଥାନ ନୃସିଂହ କ୍ଷେତ୍ର ରୂପେ ବିଦିତ। ଆଡ଼ପ ମଣ୍ଡପ ନୃସିଂହ କ୍ଷେତ୍ରର ପରିସର ଭୁକ୍ତ। ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ମଣ୍ଡପ ଚତୁର୍ଦ୍ଧା ବିଗ୍ରହଙ୍କର ପ୍ରଥମ ଅଧିଷ୍ଠାନ ସ୍ଥଳ। ଗୁଣ୍ଡିଚା ମନ୍ଦିର କୁ କାହିଁକି 'ଆଡ଼ପ ମଣ୍ଡପ' କୁହାଯାଏ ତାର ରହିଛି ଭିନ୍ନ ଭିନ୍ନ ମତ। ଗୋଟିଏ ମତ ହେଉଛି, 'ଗୁଣ୍ଡ୍' ଧାତୁର ଅର୍ଥ ଲୁଚାଇବା। ସେଇଥିରୁ ଆସିଛି 'ଗୁଣ୍ଡିଚା' ନାମ। ସେଠାର ଯଜ୍ଞ ବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ଆବିର୍ଭାବ ବା ଜନ୍ମକାଳରେ, ସେମାନଙ୍କୁ ପଞ୍ଚବସ୍ତ୍ରରେ ଆଚ୍ଛାଦିତ ବା ଲୁକ୍‌କାୟିତ କରି ରଖା ଯାଇଥିଲା। ତେଣୁ ଆବରଣ ବା ଅନ୍ତରାଳ ଯୁକ୍ତ ମଣ୍ଡପରୁ ଆଡ଼ପ ମଣ୍ଡପ ନାମ ଆସିଛି। ଅନ୍ୟ ଏକ ମତ ହେଉଛି- ଆଡ଼ପର ଅର୍ଥ ଏନ୍ତୁଡ଼ିଶାଳ। ଏହା ଚତୁର୍ଦ୍ଧା ବିଗ୍ରହ ଙ୍କର ଏନ୍ତୁଡ଼ିଶାଳ ହୋଇ ଥିବାରୁ ଏହା ଆଡ଼ପମଣ୍ଡପ। ଆଉ ଗୋଟିଏ ମତରେ, 'ଆଟୁ'ର ଅର୍ଥ ପଟା ଭାଡ଼ି। ମାଦଳା ପାଞ୍ଜିରେ ଏ ସଂପର୍କରେ ଥିବା ସୂଚନା ଅନୁସାରେ, ଦ୍ୱାଦଶ ଶତାବ୍ଦୀରେ ଗୁଣ୍ଡିଚା ଘରଟି କାଠ ମଣ୍ଡପ ଗୃହରେ ନିର୍ମିତ ଥିଲା। ଏଣୁ ଆଟୁ ବା କାଠ ମଣ୍ଡପ ରୁ ଆଡ଼ପ ମଣ୍ଡପ ହୋଇଥିବା ସମ୍ଭବ।ଏହି ମଣ୍ଡପର ମାହାତ୍ମ୍ୟ ଓ ପବିତ୍ରତା ସଂପର୍କରେ 'ସ୍କନ୍ଦପୁରାଣ-ଉତ୍କଳ ଖଣ୍ଡ' ଅନ୍ତର୍ଗତ 'ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟ ରେ ବର୍ଣ୍ଣନା ରହିଛି। ଏପରିକି ଗୁଣ୍ଡିଚା ମଣ୍ଡପ ବା ଆଡ଼ପ ମଣ୍ଡପ ପ୍ରଭୁ ଙ୍କ ପାଇଁ ପୃଥିବୀର ସବୁଠାରୁ ପ୍ରୀତିପ୍ରଦ ସ୍ଥାନ ବୋଲି ମହାପ୍ରଭୁ ନିଜେ କହିଥିବା ସେଥିରେ ଉଲ୍ଲେଖ ଅଛି। ଗବେଷକ ମାନଙ୍କ ମତରେ କାଳ କ୍ରମେ କାଷ୍ଠ ମଣ୍ଡପର ରକ୍ଷଣା ବେକ୍ଷଣ ଓ ସୁରକ୍ଷା ନିମନ୍ତେ ସେଠାରେ ଏକ କାଷ୍ଠ ନିର୍ମିତ କୁଟୀର ନିର୍ମିତ ହୋଇଥିଲା। ତାହାକୁ ଗୁଣ୍ଡିଚା ଘର କୁହାଗଲା। ପରବର୍ତ୍ତୀ କାଳରେ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ ସମୟ ରେ ଯେଉଁ ପରିଦୃଶ୍ୟ ମାନ ପୀଢ଼ ଶୈଳୀର ମନ୍ଦିର ନିର୍ମିତ ହୋଇଛି ତାହା ଗୁଣ୍ଡିଚା ମନ୍ଦିର ବା ଗୁଣ୍ଡିଚା ମଣ୍ଡପ ନାମରେ ଅଭିହିତ ହୋଇଛି। ତେଣୁ ଗୁଣ୍ଡିଚା ମଣ୍ଡପ ବା ଆଡ଼ପମଣ୍ଡପ, ଗୁଣ୍ଡିଚା ଘର ବା ଗୁଣ୍ଡିଚା ମନ୍ଦିର ଏକ ସ୍ଥାନ ଓ ଏକ ଅର୍ଥବୋଧକ। ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହ ମାନେ ଯେଉଁ ସ୍ଥାନରେ ଏକ ସପ୍ତାହବ୍ୟାପୀ ଅବସ୍ଥାନ କରିଥାନ୍ତି, ତାହାକୁ ଆଡ଼ପ ମଣ୍ଡପ ବୋଲି କୁହାଯାଇଥାଏ। କିନ୍ତୁ 'ନୀଳାଦ୍ରି ମହୋଦୟ'ରେ ଏହି ସ୍ଥାନକୁ 'ଯଜ୍ଞବେଦୀ' ଏବଂ ସ୍କନ୍ଦ ପୁରାଣ ରେ 'ମହାବେଦୀ' ବୋଲି ଉଲ୍ଲେଖ କରାଯାଇଛି। କବି ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରିଛନ୍ତି। ଅପର ପକ୍ଷରେ ଆଡ଼ପ ମଣ୍ଡପ ମାହାତ୍ମ୍ୟ ସଂପର୍କରେ କୃଷ୍ଣ ଦାସଙ୍କ 'ଦେଉଳ ତୋଳା' ପ୍ରସଙ୍ଗରେ ବର୍ଣ୍ଣିତ ଅଛି ଯେ, ସ୍ୱପ୍ନ ରେ ନିର୍ଦ୍ଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସୁନା ର ଶଗଡ଼ ଧରି ସମୁଦ୍ରକୂଳସ୍ଥ ଚକ୍ରତୀର୍ଥ ଠାରେ ଆବିର୍ଭୂତ ଦାରୁ ନିକଟକୁ ଗଲେ। ବସୁ ଶବରକୁ ମଧ୍ୟ ନିମନ୍ତ୍ରଣ କରିଥିଲେ। ସ୍ୱପ୍ନରେ ପ୍ରଭୁଙ୍କର ଆଜ୍ଞା ମତେ ରାଜା ନିଜେ ମୁଣ୍ଡରେ ପାଟ ମୁଟୁଳା ବାନ୍ଧି ଠିଆ ହେଲେ। ଶକଟ ବା ଶଗଡ଼ ଉପରେ ବିଜେ କଲେ ଦାରୁ। ଏ ମହାଦାରୁ ଙ୍କୁ ଧରି ରାଜା ଆଡ଼ପ ମଣ୍ଡପ ଠାରେ ନିଜେ ଉପସ୍ଥିତ ରହି ଯାଗ କରାଇଲେ। ଯାଗ ବେଦୀକୁ ମାଡ଼ି ନୃସିଂହ ରହିଲେ। ଏହି ଆଡ଼ପ ମଣ୍ଡପ ଠାରେ ଜଗନ୍ନାଥ ମୂର୍ତ୍ତିକୁ ଗଢ଼ିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ରାଣୀ ଗୁଣ୍ଡିଚା ଦେବୀଙ୍କୁ ଜଣାଇଲେ।ତୁମ ନାମରେ ଗୁଣ୍ଡିଚା ଯାତ୍ରା ହେବ। ଜଗନ୍ନାଥ ଏହି ଆଡ଼ପ ମଣ୍ଡପ ରେ କିଛି ଦିନ ଅବସ୍ଥାନ କରିବେ।ନୀଳାଦ୍ରି ମହୋଦୟ'ର ବର୍ଣ୍ଣନା ଅନୁସାରେ, ନୀଳାଚଳ ରେ ଦଶବର୍ଷ ପର୍ଯ୍ୟନ୍ତ ଶ୍ରୀ ବିଗ୍ରହ ମାନଙ୍କ ର ଦର୍ଶନ ଓ ପୂଜାର୍ଚ୍ଚନା ରେ ଯେଉଁ ଫଳ ମିଳେ,ସେହି ଫଳ ଯଜ୍ଞ ବେଦୀ ବା ଆଡ଼ପ ମଣ୍ଡପ ରେ ଗୋଟିଏ ଦିନର ଦର୍ଶନ ରେ ମିଳିଥାଏ। ସ୍କନ୍ଦପୁରାଣ ଉତ୍କଳଖଣ୍ଡ ର 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ' ରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ, ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ଏବଂ ଯେଉଁଠାରେ ତୁମର ସହସ୍ର ଅଶ୍ୱମେଧ ଯଜ୍ଞର ଯଜ୍ଞବେଦୀ, ସେହି ଗୁଣ୍ଡିଚା ମଣ୍ଡପକୁ ଆମ୍ଭମାନଙ୍କୁ ନେଇଯିବ। ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ହେତୁ ଅଖଣ୍ଡ ପ୍ରୀତିଜନକ। ମୁଁ ସେଠାକୁ (ଆଡ଼ପ ମଣ୍ଡପକୁ) ନବଦିନ ଗମନ କରିବି ଏବଂ ସେଠାରୁ ପୁନରାୟ ଏହି ସ୍ଥାନକୁ (ଶ୍ରୀମନ୍ଦିରକୁ) ଆଗମନ କରିବି। ସେଠାରେ ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏହି ନବଦିନ ଯାତ୍ରାରେ ଶ୍ରୀବିଗ୍ରହମାନେ ସେଠାରେ ସାତଦିନ ଅବସ୍ଥାନ କରିଥାନ୍ତି।ତାହା'ମହାବେଦୀ ମହୋତ୍ସବ' ଭାବରେ ଖ୍ୟାତ। ପୁରାଣର ବର୍ଣ୍ଣନା ଅନୁଯାୟୀ, ଏହି 'ମହାବେଦୀ ମହୋତ୍ସବ'କୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। 'ସ୍କନ୍ଦପୁରାଣ'ର ୨୯ ଅଧ୍ୟାୟ ରେ କୁହାଯାଇଛି, "ରାଜାଙ୍କ ପ୍ରତିଷ୍ଠିତ ଶ୍ରୀମନ୍ଦିର ତାଙ୍କର ଯେପରି ପ୍ରୀତିପ୍ରଦ, ଅଶ୍ୱମେଧ ଯଜ୍ଞର ମହାବେଦୀ ନୃସିଂହ କ୍ଷେତ୍ର ମଧ୍ୟ ତଦନୁରୂପ ପ୍ରୀତିପ୍ରଦ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀ କ୍ଷେତ୍ର ପୁରୀଠାରେ ମାନବୀୟ ଲୀଳା କରୁଛନ୍ତି। ପ୍ରତ୍ୟେକ ମନୁଷ୍ୟ ପରି ନିଜ ଜନ୍ମ ସ୍ଥାନ କୁ ବୁଲି ଯିବାକୁ ମହାପ୍ରଭୁ ବି ଇଚ୍ଛା ପ୍ରକାଶ କରି ଏହି ଲୀଳା କରୁଛନ୍ତି। ନିଜ ଜନ୍ମ ସ୍ଥାନରେ ସେ ସାତ ଦିନ ରହିବା ଲାଗି ରଥଯାତ୍ରାର ବିଧାନ କରାଇଛନ୍ତି। ସେଠାରେ ନବମୀ ଦିନ ଭକ୍ତମାନଙ୍କୁ 'ସନ୍ଧ୍ୟାଦର୍ଶନ ଦେଇ, ଦଶମୀ ଦିନ ଶ୍ରୀବିଗ୍ରହମାନେ ବାହୁଡ଼ାଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏଣୁ ଶ୍ରୀ ଗୁଣ୍ଡିଚା ମନ୍ଦିର ରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ରହିଥାଏ ଅନେକ ଉତ୍କଣ୍ଠା ଓ ଆଗ୍ରହ।


ତୁଳସୀପୁର, ପୁରୀ
ମୋବାଇଲ୍:୯୪୩୯୩୬୧୮୮


# ସାମ୍ୟ ମୈତ୍ରୀ ଚେତନାର ପ୍ରତୀକ ଘୋଷଯାତ୍ରା


**ଡକ୍ଟର ଲକ୍ଷ୍ମଣ ସାହୁ**




ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ଭକ୍ତମାନଙ୍କ ଆବେଗର ଏକ ମହୋତ୍ସବ ପର୍ବ। ଭକ୍ତ ଓ ଭଗବାନଙ୍କ ମହାମିଳନର ପର୍ବ। ଭକ୍ତ ହୃଦୟରେ ଜାଗରିତ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବନାକୁ କେହି କେବେ ବଦଳାଇ ଦେଇ ପାରିନାହାଁନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଜଗନ୍ନାଥ ପ୍ରଭୁଙ୍କ ସ୍ୱୟଂ ସେବକ ଭାବରେ ନିଜକୁ ସମର୍ପିତ କରିଛନ୍ତି। ସେହି ଲୀଳାମୟ ବିଶ୍ୱ ଚର୍ଚ୍ଚିତ ଜଗତର ନାଥ ଜଗନ୍ନାଥଙ୍କ ଲୀଳାକୁ କେହି ବୁଝିପାରିବା ସମ୍ଭବ ନୁହେଁ। ଜଗନ୍ନାଥ ଦେଶ କେବଳ ଓଡିଶା ନୁହେଁ ସମଗ୍ର ବିଶ୍ୱବ୍ୟାପକ ଏହା ଅସ୍ୱୀକାର କରିହୁଏ ନାହିଁ। ଗୋଟିଏ ବଳିଷ୍ଠ ବିଶ୍ୱାସ ସମଗ୍ର ଜଗତର ନାଥ ସେ, ବିଶ୍ୱ ବ୍ୟାପି ତାଙ୍କର ଏ ଘୋଷଯାତ୍ରା ମହୋତ୍ସବ। ନୟନ ପଲକେ ଥରେ ତାଙ୍କୁ ରତ୍ନ ସିଂହାସନ ଉପରେ ହେଉ ଅବା ରଥାରୂଢ଼ ଭାବରେ ଦେଖି ଦେଲେ ମହାମୁକ୍ତି ମିଳିବାର ଦୃଢ଼ ବିଶ୍ୱାସ ଭକ୍ତ ମନରେ ଅପ୍ରତିହତ ରହିଛି। ସେହିଠାରୁ ହିଁ ସୃଷ୍ଟି ଜଗନ୍ନାଥ ଧର୍ମ।

ମଣିଷର ଧର୍ମ ବିଶ୍ୱାସରୁ ହିଁ ପର୍ବପର୍ବାଣିର ସୃଷ୍ଟି ଓ ତାହାର ନୀତିଗତ ପାଳନ ଏକ ବଳିଷ୍ଠ ଦିଗ। କେଉଁ ଆଦିମ କାଳରୁ ମଣିଷ ଏହି ଧର୍ମ ବିଶ୍ୱାସକୁ ପାଥେୟ କରି ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ବୃକ୍ଷ, ଲତା, ପଶୁ, ପକ୍ଷୀ, ସର୍ପକୁ ଏଯାବତ ପୂଜା କରିଆସୁଛି। ମଣିଷର ଜୀବନଧାରାକୁ ଶୃଙ୍ଖଳିତ କରିଛି। ମାନବ ସଭ୍ୟତାର ଉନ୍ମେଷ କାଳରୁ ମଣିଷ ଧର୍ମ ଦ୍ୱାରା କବଳିତ ଓ ନିୟମିତ। ଧର୍ମବିନା ମାନବ ସମାଜର ସ୍ଥିତି ଯେପରି ବିପନ୍ନ, ମାନବ ସମାଜ ବ୍ୟତିରେକ ଧର୍ମର ଅଭିବୃଦ୍ଧି ମଧ୍ୟ ତଦନୁରୂପେ ଅକଳ୍ପନୀୟ। ପ୍ରତ୍ୟେକ ଧର୍ମ ଏକ ନିର୍ଦ୍ଦିଷ୍ଟ ଉପାସ୍ୟଙ୍କୁ ପ୍ରାଧାନ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଆଦର୍ଶର ସହାୟତାକୁ ଭିତ୍ତି କରି ପ୍ରତିଷ୍ଠା ଲାଭ କରେ। ସମାଜରେ ପରିବ୍ୟାପ୍ତ ବିଶୃଙ୍ଖଳା, ଅନ୍ଧବିଶ୍ୱାସ, କୁସଂସ୍କାର, ଅନ୍ୟାୟ, ଅନୀତି ପ୍ରଭୃତିର ଦୂରୀକରଣ ନିମନ୍ତେ ଧର୍ମ ମାଧ୍ୟମରେ ସଂସ୍କାରର ଆବଶ୍ୟକତା ଉପଲବ୍ଧ କରାଯାଇଛି। ମଣିଷର ସଂସ୍କାର ଚିତ୍ତ ଚେତନାରୁ ଧର୍ମର ସୃଷ୍ଟି। ଶୁଦ୍ଧ ଓ ପବିତ୍ରମୟ ତଥା ସଂସ୍କାରଶୀଳ ଜୀବନ ଧାରଣ ନିମନ୍ତେ ମଣିଷ ତାର ଉପାସ୍ୟ ଦେବତା ମାଧ୍ୟମରେ ବିଭିନ୍ନ ପର୍ବପର୍ବାଣି ପାଳନ କରେ।

ଉତ୍କଳୀୟ ପର୍ବ ଭିତରେ ରଥଯାତ୍ରା ଏକ ଶ୍ରେଷ୍ଠ ପର୍ବ। ଏହା କେବଳ ଉତ୍କଳର ନୁହେଁ ରାଷ୍ଟ୍ରର ଓ ଅନ୍ତଃରାଷ୍ଟ୍ରର ସର୍ବଶେଷରେ ବିଶ୍ୱର ଉପାସ୍ୟ ଦେବତା ଭାବରେ ପୂଜିତ ଓ ପାଳିତ। ଏହି ମହାପର୍ବରେ ରଥରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦାରୁ ମୂର୍ତ୍ତି ବିଦ୍ୟମାନ ହୁଅନ୍ତି। ବିଶ୍ୱର ବୈଚିତ୍ର୍ୟମୟ ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ରୂପେ ଜଗନ୍ନାଥ ହେଉଛନ୍ତି କେବଳମାତ୍ର ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ଆଦ୍ୟ ପ୍ରତୀକ। କାରଣ ସଂସ୍କୃତିର ମୂଳ ଆଧାର ହେଉଛନ୍ତି ସ୍ୱୟଂ ଲୀଳାମୟ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ। ଏଦୃଷ୍ଟିରୁ ମଣିଷ ସଂସ୍କୃତିର ଆଦି ପ୍ରକାଶ ହିଁ ଜଗନ୍ନାଥ ସଂସ୍କୃତିରେ ଘଟିଛି। ଆଦିମାନବ ଦାରୁକୁ ଦେବତା ରୂପେ ପୂଜା କରି ଆସିଛି। ସେହି ପୂଜନ ପରମ୍ପରାର ପ୍ରତୀକ ପୁରୁଷୋତ୍ତମ କ୍ଷେତ୍ର ବଡଦାଣ୍ଡରେ ବଡ ଠାକୁରଙ୍କ ରଥଯାତ୍ରା ପ୍ରଚଳିତ ହୋଇଆସୁଛି।

ମାନବୀୟ ସମାଜରେ କେଉଁ ଆଦିମ କାଳରୁ ଆଦିମାନବ ଦାରୁ ଦେବତା ଅର୍ଥାତ ବୃକ୍ଷର ପୂଜକ ସାଜି ଆସିଛି। ଏହି ବୃକ୍ଷ ବା ଦାରୁ ହିଁ ପ୍ରକୃତି। ପ୍ରକୃତି ହିଁ ପରମବ୍ରହ୍ମ। କେବଳ ଶବର ସଭ୍ୟତାରେ ଦାରୁର ପ୍ରାଧାନ୍ୟ ଉଜ୍ଜୀବିତ ନୁହେଁ, ବରଂ ଆଧୁନିକ ସଭ୍ୟତାର ମହାମନ୍ତ୍ର ପାଲଟିଯାଇଛି। ଜନ୍ମରୁ ମୃତ୍ୟୁ, ଏନ୍ତୁଡିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକା ଅପରିହାର୍ଯ୍ୟ। ଜୀବଦ୍ଦଶା ଯେହେତୁ ଦାରୁ ସର୍ବସ୍ୱ, ମାନବର ଜନ୍ମ-ମୃତ୍ୟୁ ଓ ଜୀବନ ସହିତ ଅଙ୍ଗାଙ୍ଗୀ ରୂପେ ଜଡିତ, ସେହି ଦୃଷ୍ଟିରୁ ପ୍ରକୃତିର ପରମ ଉପଜୀବ୍ୟ ଦାରୁକୁ ନିଜର ପରମ ଦେବତା ବା ଇଷ୍ଟ ରୂପେ ଗ୍ରହଣ କରି ନେଇଛି। ଯାହାର ପ୍ରତିଫଳନ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ବିଶ୍ୱ ଆଧ୍ୟାତ୍ମିକ ଚେତନାରେ ବିଦିତ ହୋଇପାରିଛି। ପ୍ରାଚୀନ କାଳରୁ ମହୋଦଧି କୂଳରେ ଶବରମାନେ ଏକ ବୃକ୍ଷଗଣ୍ଠିଙ୍କୁ ପୂଜା କରି ଆସୁଥିଲେ। ତେଣୁ ଏହି ଦାରୁ ବା ବୃକ୍ଷ ପୂଜା ବା ଉପାସନାରୁ ଆଦିମ ଅଧିବାସୀ ଶବରମାନଙ୍କ ଦ୍ୱାରା ଘୋଷଯାତ୍ରାର ସୃଷ୍ଟି ବୋଲି କୁହାଯାଇପାରେ। ଏହି ଶବର ଦେବତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଗଣ୍ଡିଚା ଯାତ୍ରା ଆର୍ଯ୍ୟ ପରମ୍ପରାରେ ଘୋଷ ପର୍ବର ମାନ୍ୟତା ଲାଭ କରିଛି।

ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସକଳେ ସବୁ ଭୁଲି ଜଗନ୍ନାଥଙ୍କ ଭକ୍ତ ପାଲଟିଯାନ୍ତି। ସାମାଜିକ ଜୀବନରେ ଦେଖାଦେଇ ଥିବା ଛୋଟ-ବଡ ନୀତି, ଛୁଆଁ - ଅଛୁଆଁ ଭେଦଭାବକୁ ଦୂରେଇ ଦେଇ ସାମ୍ୟ, ମୈତ୍ରୀ ଓ ପ୍ରୀତିର ଭାବ ଉଦ୍ରେକ କରି ବିଶ୍ୱକୁ ' ବସୁଧୈବ କୁଟୁମ୍ବକମ୍ ' ବିଚାରଧାରାରେ ଗୋଟିଏ ଡୋରିରେ ବାନ୍ଧିଦିଏ। ଜଗନ୍ନାଥଙ୍କ ଏହି ରଥଯାତ୍ରା ସମନ୍ୱୟବାଦର ବାଣୀ ପ୍ରଚାର କରେ। ଏହା ଜାଗତିକତା, ସଂହତି ଓ ସହାବସ୍ଥାନ, ସାମ୍ୟ, ମୈତ୍ରୀ, ଭାତୃଭାବ, ଜାତୀୟତା ଓ ଆର୍ନ୍ତଜାତୀୟତା ପାଇଁ ଶବର ସଂସ୍କୃତିରୁ ଉତ୍ପନ୍ନ ହୋଇ ସମୟକ୍ରମେ ବ୍ରାହ୍ମଣ ଧର୍ମ ଦ୍ୱାରା ପ୍ରଭାବିତ ହୋଇ ଶେଷରେ ଶ୍ୱେତାଙ୍ଗମାନଙ୍କ ମଧ୍ୟରେ ସମାଦୃତ ହେବା ଫଳରେ ବିଶ୍ୱ ବ୍ୟାପକ ହୋଇପାରିଛି। ଆର୍ଯ୍ୟ, ଅନାର୍ଯ୍ୟ, ଶବର, ବ୍ରାହ୍ମଣ, ବୌଦ୍ଧ, ଜୈନ, ଶାକ୍ତ,



ଗାଣପତ୍ୟ, ବୈଷ୍ଣବ, ଶିଖ୍ ଆଦି ବିଭିନ୍ନ ଧର୍ମ ଓ ସଂସ୍କୃତିର ସମନ୍ୱୟରେ ଜଗନ୍ନାଥ ସଂସ୍କୃତି ଓ ଧାମ ପରିପୂର୍ଣ୍ଣତା ଲାଭ କରିଛି। ଏପରିକି ଖ୍ରୀଷ୍ଟିୟାନ୍ ଓ ଇସଲାମ ଧର୍ମ ସହ ଜଗନ୍ନାଥ ଧର୍ମର ଅନେକ ସାମଞ୍ଜସ୍ୟ ରହିଥିବା ଜଣାଯାଏ।

ଯେଉଁଠି ସଂସ୍କୃତି ଶୁଦ୍ଧ ଓ ସମ୍ମୁନ୍ନତ, ସେଠି ମାନବବାଦୀ ଜୀବନର ପରିପ୍ରକାଶ ଏକ ଧର୍ମୀୟ ବିଚାର ଧାରାର ବାହ୍ୟ ଆବରଣ ମଧ୍ୟରେ ଆବଦ୍ଧ ହେବା କେବେ ଅସମ୍ଭବ ନୁହେଁ। ଧର୍ମ ଯଦି ଶୁଦ୍ଧ ଜୀବନ ଯାପନ ପ୍ରକ୍ରିୟାର ମାର୍ଗ ପାଲଟେ, ସଂସ୍କୃତି ଯଦି ଏକ ସମ୍ମୁନ୍ନତ ସମୃଦ୍ଧି ପ୍ରକ୍ରିୟାର ସ୍ୱରୂପ ହୁଏ, ସେଠି କେବେ ଧାର୍ମିକ ସଂକୀର୍ଣ୍ଣତାର ଛାପ ପଡ଼ିନଥାଏ। ଜଗନ୍ନାଥ ସଂସ୍କୃତିର ସର୍ବମଙ୍ଗଳ ବସୁଧୈବ କୁଟୁମ୍ବକମ୍ ଭାବଧାରା ଯୀଶୁଙ୍କ ଚିନ୍ତାଧାରା ସହ ମିଳନ ଘଟିଛି। ଜୈନ ମାନଙ୍କ ଜୀବେ ଦୟା ତାହା ଜଗନ୍ନାଥ ସଂସ୍କୃତିର ନିରାମିଷ ମହା ପ୍ରସାଦ ଓ ପରିବେଷଣ ପ୍ରକ୍ରିୟାରୁ ସ୍ପଷ୍ଟ ବାରିହୁଏ। ଶ୍ରୀକ୍ଷେତ୍ର ଆନନ୍ଦ ବଜାରରେ ଆଚାଣ୍ଡାଳ ବ୍ରାହ୍ମଣ କଦଳୀ ଗୋଟିଏ ପତ୍ରରେ ବସି ଆନନ୍ଦ ଚିତ୍ତରେ ମହାପ୍ରସାଦ ସେବନ କରି ଜାତି - ଭେଦ, ଛୁଆଁ - ଅଛୁଆଁ, ଉଚ୍ଚ - ନୀଚ ଭାବକୁ ଦୂରେଇ ଦେଉଛି। ସେଠି ପୂଜା, ସେବା, ଅନ୍ନପ୍ରସାଦ ସେବନ ପ୍ରଭୃତି କାର୍ଯ୍ୟକ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ବିଚାର ଲୋପ ପାଇ ସମନ୍ୱୟ ଭାବ ପ୍ରକାଶ ପାଇଛି।

ସନାତନ ହିନ୍ଦୁ ଜଗତର ଅଭିନବ ସାମ୍ୟବାଦ ଚିନ୍ତନର ମହାମନ୍ତ୍ରୀ ଜଗନ୍ନାଥ ତତ୍ତ୍ୱ ହେଉଛି ବିଭିନ୍ନ ଧର୍ମ ମତବାଦର ଏକ ସମନ୍ୱୟ ପୀଠସ୍ଥଳୀ। ଦରିଦ୍ର ନାରାୟଣ, ପତିତପାବନ, ଜନତା ଜନାର୍ଦ୍ଦନଙ୍କର ଭାବ ଆବେଗର ସମଦୃଷ୍ଟି ହିଁ ବିଶ୍ୱଧର୍ମ। ସମଦର୍ଶୀ ବ୍ୟକ୍ତି ହିଁ ବେଦର ପୁରୁଷୋତ୍ତମ '। ସେହିଁ କେବଳ ସର୍ବ ଲୋକ ହିତକର ଲୋକନାୟକ, ଉତ୍କଳର ରାଜା ପୁରୁଷୋତ୍ତମ। ତାଙ୍କ ନିକଟରେ ସବୁ ଜାତିର ଲୋକ, ସବୁ ଧର୍ମର ବ୍ୟକ୍ତି, ସବୁ ଭାଷାର ଜନତା ସକଳେ ସମାନ। ସକଳେ ତାଙ୍କର ଭକ୍ତ, ସେ ସମସ୍ତଙ୍କର ଅତି ଆଦରର, ଆପଣାର ପ୍ରଭୁ। ତାଙ୍କ ନିକଟରେ ସବୁ ଧର୍ମ, ଜାତି, ବର୍ଣ୍ଣ ଏକାକାର ହୋଇଯାଇଛି ତାହା ସେଠି ପାଲଟି ଯାଇଛି ଗୋଟିଏ ଧର୍ମ - ମାନବଧର୍ମ, ଗୋଟିଏ ଜାତି - ମାନବ ଜାତି।

ପ୍ରତ୍ୟେକ ସମାଜକୁ ଅତିକ୍ରମ କରି ସେ ଅକଳ୍ପନୀୟ ଅସୀମତ୍ୱର ଠାକୁର। ସକଳ ସାମ୍ପ୍ରଦାୟିକ ସସୀମତ୍ୱକୁ ଦୂରେଇ ଦେଇଥିବାରୁ ସକଳେ ତାଙ୍କୁ ମୁକ୍ତ କଣ୍ଠରେ ସ୍ୱୀକାର ଓ ପୂଜା କରନ୍ତି। କେବଳ ଜଗନ୍ନାଥ ନୁହନ୍ତି, ଏ ପବିତ୍ର ଧାମର ନାମ ଶ୍ରୀପୁରୁଷୋତ୍ତମ। ପୁନରପି ମହାପ୍ରଭୁ ଜଗନ୍ନାଥ ପୁରୁଷୋତ୍ତମର ପ୍ରତୀକ। କାରଣ ସେ ଅବତାର ତଥା ଶକ୍ତିଙ୍କ ମନ୍ତ୍ରରେ ଆମନ୍ତ୍ରିତ ଓ ପୂଜିତ। ତାଙ୍କ ନିକଟରେ ମହାପ୍ରସାଦ ନିବେଦିତ ହେବା ବେଳେ ଶ୍ରୀରାମ, ଶ୍ରୀକୃଷ୍ଣ, ଲକ୍ଷ୍ମୀ, ଦୁର୍ଗା, ବିଷ୍ଣୁ, ବିମଳା ସମେତ ବେଢ଼ା ଭିତରେ ଅବସ୍ଥାପିତ ଅନ୍ୟାନ୍ୟ ଦେବା ଦେବୀମାନଙ୍କ ସେବନ ନିମନ୍ତେ ନିମନ୍ତ୍ରିତ ହୋଇଥାନ୍ତି। ଭାରତର କୃଷ୍ଣ ଓ ରାମ ଭକ୍ତଗଣ ଅତ୍ୟନ୍ତ ଭକ୍ତିରେ ଜଗନ୍ନାଥଙ୍କୁ ଉପାସନା କରିଥାନ୍ତି। ଜଗନ୍ନାଥଙ୍କ ମୂର୍ତ୍ତିରେ ସେମାନଙ୍କ ଆରାଧ୍ୟ ଦେବତା ପ୍ରତିଫଳିତ ବୋଲି ଦୃଢ ବିଶ୍ୱାସ ରହିଛି। ଜଗନ୍ନାଥଙ୍କ ନିକଟରେ ରାମ ବା କୃଷ୍ଣ ଉପାସନା ମଧ୍ୟରେ କୌଣସି ତଫାତ୍ ନାହିଁ।

କୁହାଯାଇଛି 'ଦୀପରୁ ଦୀପ ଲଗାଇଲେ, ତେଜ ଯେସନେ ସମତୁଲେ / କାର୍ଯ୍ୟ କାରଣ ଭିନ୍ନ ନୋହି, ଶ୍ରୀକୃଷ୍ଣ ଜଗନ୍ନାଥ ସେହି। ଏଣୁ ଜଗନ୍ନାଥ କୃଷ୍ଣ, ଅଭିନ୍ନ ଅଟନ୍ତି ଅର୍ଜୁନ-' ବଳରାମ ଦାସ ତାଙ୍କ ବେଦାନ୍ତ ସାରଗୁପ୍ତା 'ରେ ଉଲ୍ଲେଖ କରିଛନ୍ତି। ସେଭଳି ହିନ୍ଦୁ ଭାବନାର ଦଶ ଅବତାର ହିଁ ଜଗନ୍ନାଥଙ୍କର ପରି ପ୍ରକାଶ ବୋଲି ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟସଂହିତାରେ ଉଲ୍ଲେଖ କରି ଲେଖିଛନ୍ତି - ' ଅବତାର ଦଶ ଏହି ଦାରୁରୂପ ଏହି ଦାରୁ ସେ ଲୀନ / ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ ବିଜେ ରତ୍ନ ସିଂହାସନେ' କବି ବଳରାମ ଦାସ ରତ୍ନ ସିଂହାସନରେ ଚାରିବେଦର ପ୍ରକାଶ ଘଟିଥିବା ଗୁପ୍ତଗୀତାରେ ଦର୍ଶାଇଛନ୍ତି। ବଳଭଦ୍ର ସାମବେଦ, ସୁଭଦ୍ରା ଋକ୍ ବେଦ, ଜଗନ୍ନାଥ ଯଜୁର୍ବେଦ ଓ ସୁଦର୍ଶନ ଅଥର୍ବ ବେଦ। ଭକ୍ତମାନଙ୍କ ପାଇଁ ପୁରୁଷୋତ୍ତମ ପୀଠ ହେଉଛି ଗୁପତ ବୈକୁଣ୍ଠପୁରୀ। ଏଠି ସ୍ୱୟଂ ଭଗବାନ ଏଠାରେ ମୂର୍ତ୍ତି ନିର୍ମାଣ କରିଥିବାର ବିଶ୍ୱାସ ରହିଆସିଛି।

ଜଗନ୍ନାଥଙ୍କ ଚକ୍ଷୁକୁ ସୂର୍ଯ୍ୟ ଓ ଚନ୍ଦ୍ର ସହ ତୁଳନା କରାଯାଇଛି। ଶ୍ରୀମନ୍ଦିର ସୂର୍ଯ୍ୟଙ୍କ ପଞ୍ଚରଥ ତୁଲ୍ୟ କଳ୍ପନା କରାଯାଇଛି। ମନ୍ଦିର ଚୂଡାରେ ରଥର ସଂକେତ ନୀଳଚକ୍ର, ସିଂହଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ଓ ବେଢ଼ା ମଧ୍ୟରେ ସୂର୍ଯ୍ୟନାରାୟଣ ମନ୍ଦିର ଅଛି। ତିନି ରଥଙ୍କୁ ଅତ୍ୟନ୍ତ ସୁନ୍ଦର ଭାବରେ ସପ୍ତ ରଙ୍ଗ କନା ଦ୍ୱାରା ସଜ୍ଜିତ କରାଯାଇଥାଏ। ଯାହା ସୂର୍ଯ୍ୟ କିରଣଙ୍କ ସପ୍ତବର୍ଣ୍ଣ ସହ ସଂପୃକ୍ତ। ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟଣ ଗତି ଅନୁସାରେ ରଥତ୍ରୟ ପରିଚାଳିତ ହୋଇଥାଏ। ସୌରମଣ୍ଡଳରେ ନବଗ୍ରହ ଅନୁସାରେ ଜଗନ୍ନାଥଙ୍କର ନବଦିନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ରତ୍ନ-ସିଂହାସନରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତଗଣ ଦ୍ୱାପରର ଶ୍ରୀକୃଷ୍ଣ, ବଳରାମ ଓ ସୁଭଦ୍ରା ମନେ କରିଥାନ୍ତି। ଏହି ତ୍ରିମୂର୍ତ୍ତିଙ୍କୁ ପୃଥିବୀରେ ଦେଖାଯାଉଥିବା ତିନୋଟି ରଂଗର ଲୋକ ସହ ଶ୍ୱେତ, ପୀତ ଓ କୃଷ୍ଣ ରୂପେ ଧରାଯାଇଛି। ପୁନଶ୍ଚ ତିନୋଟି ମୌଳିକ ଗୁଣ ଯଥା ସତ୍ତ୍ୱ, ତମ ଓ ରଜ ଗୁଣ ସହିତ ତୁଳନା କରାଯାଇଛି। କବି ସାରଳା ଦାସଙ୍କ ମୂଷଳ ପର୍ବରେ କୁହାଯାଇଛି 'ଶ୍ୱେତ - ପୀତ - କୃଷ୍ଣ ବର୍ଣ୍ଣ ତିନୋଟି ମୂରତି / ସତ୍ତ୍ୱ, ରଜ, ତମ ଗୁଣ ହୋଇ ବିରାଜନ୍ତି। ଏପରି ତିନି ମୂର୍ତ୍ତି ଭିତରେ ସୃଷ୍ଟି କର୍ତ୍ତା ବ୍ରହ୍ମା, ପାଳନ କର୍ତ୍ତା ଓ ପ୍ରଳୟ କର୍ତ୍ତା ମହେଶ୍ୱରଙ୍କୁ ଲକ୍ଷ୍ୟ କରାଯାଏ।

ତେଣୁ ବିଶ୍ୱର ବହୁ ଚର୍ଚ୍ଚିତ ଶ୍ରୀଜଗନ୍ନାଥ ଏକ ରହସ୍ୟମୟ ଦେବତା। ତାଙ୍କର ରହସ୍ୟ ଭେଦ କରିବା ସହଜସାଧ୍ୟ ନୁହେଁ। ତାଙ୍କ ପାଖରେ ସମସ୍ତ ଭକ୍ତ ସମାନ, ଅତି ନିଜର, ଅତି ଆପାଣାର। ସେ ଶିଖ, ମୁସଲମାନ, ଖ୍ରୀଷ୍ଟିୟାନ ଓ ହିନ୍ଦୁର ବଡ ଠାକୁର। ସେ ଭକ୍ତ ଦାସିଆର, ଗଜପତି ରାଜାଙ୍କର, ସାଲବେଗର, ହରିଦାସଙ୍କର, ବଳରାମ ଦାସଙ୍କର ଓଗେର ସମସ୍ତଙ୍କୁ ବାହୁ ମେଲେଇ କୋଳେଇ ନିଅନ୍ତି। ତେଣୁ ଜଗନ୍ନାଥ ଧର୍ମ ଓ ସଂସ୍କୃତି କହେ - ପୃଥିବୀରେ ଗୋଟିଏ ଜାତି, ତାହା ହେଉଛି ମଣିଷ ଜାତି। ଏହି ମହାମନ୍ତ୍ର ଧ୍ୱନି ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢ଼ି ଉଠିଛି। ତେଣୁ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥଙ୍କ ରଥଯାତ୍ରା ସମଗ୍ର ବିଶ୍ୱରେ ବିଭିନ୍ନ ସ୍ଥାନରେ ପାଳନ କରାଯାଇ ଉଦ୍ ଘୋଷଣା କରେ....ସେ ଭକ୍ତର ଭଗବାନ...!!!


**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ - ୪**
**ମୋବାଇଲ୍:୯୦୪୦ ୧୫୧୪ ୭୫**


# ହେଇଟି ଶୁଣୁଛ!


**ହୃଷୀକେଶ ପାଣିଗ୍ରାହୀ**




ବିବାହ କେବଳ ଏକ ସାମାଜିକ ସ୍ୱୀକୃତି ନୁହେଁ, ଏହା ଦୁଇଟି ମନ ଏବଂ ଦୁଇଟି ପରିବାର ମଧ୍ୟରେ ଏକ ପବିତ୍ର ସମ୍ପର୍କର ଅୟମାରମ୍ଭ। ପାରମ୍ପରିକ ଭାବେ ଆମ ସମାଜରେ ଯେତେବେଳେ ପୁଅ କିମ୍ବା ଝିଅ ବିବାହ ଯୋଗ୍ୟ ହୁଅନ୍ତି, ସେତେବେଳେ ମଧ୍ୟସ୍ଥିଙ୍କ ସାହାଯ୍ୟରେ ପ୍ରସ୍ତାବ ଖୋଜାଯାଏ। ବଂଶ, ପରମ୍ପରା, ଶିକ୍ଷାଗତ ଯୋଗ୍ୟତା ଏବଂ ପରିବାରର ସ୍ଥିତିକୁ ଭଲଭାବେ ତର୍ଜମା କରାଯାଇ 'ଆରେଞ୍ଜ ମ୍ୟାରେଜ୍' ବା ପାରିବାରିକ ସହମତିରେ ବିବାହ ସ୍ଥିର ହୁଏ। ବନ୍ଧୁବାନ୍ଧବ ଓ ସାଇପଡ଼ିଶାଙ୍କ ଗହଣରେ ରୀତିନୀତି ଅନୁଯାୟୀ ନୂଆ ସଂସାର ଗଢ଼ିଉଠେ। କିନ୍ତୁ ଆଜିର ଆଧୁନିକ ସମାଜରେ ବିବାହ ଏବଂ ସମ୍ପର୍କର ସଂଜ୍ଞା ସମ୍ପୂର୍ଣ୍ଣ ବଦଳିଯାଇଛି। ଲଭ୍ ମ୍ୟାରେଜ୍ ଓ କୋର୍ଟ ମ୍ୟାରେଜ୍ ପରେ ଏବେ 'ଲିଭ୍-ଇନ୍ ରିଲେସନସିପ୍' ଭଳି ପାଶ୍ଚାତ୍ୟ ସଂସ୍କୃତି ସାଧାରଣ ହେବାକୁ ଲାଗିଲାଣି। ଏତିକିରେ କଥା ସରିନି, ବର୍ତ୍ତମାନ ଏକ ଭୂତାଣୁ ଭଳି ବ୍ୟାପିବାରେ ଲାଗିଛି 'ରିଲେସନସିପ୍ ୱିଥ୍ ମଲ୍ଟିପୁଲ୍ ପାର୍ଟନର୍ସ' ଅର୍ଥାତ୍ ଏକାଧିକ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିବା। ଏଭଳି ମାନସିକତା ଯୋଗୁଁ ବିବାହ ଭଳି ପବିତ୍ର ବନ୍ଧନ ତାର ସ୍ଥିତି ହରାଉଛି। ଯେଉଁ ସମ୍ପର୍କକୁ ସାତ ଜନ୍ମର ବୋଲି କୁହାଯାଉଥିଲା, ତାହା ଏବେ ଗୋଟିଏ ଜନ୍ମ ମଧ୍ୟ ତିଷ୍ଠିପାରୁ ନାହିଁ। ଏହାର ଏକ ଚରମ ଓ ଅଭାବନୀୟ ଉଦାହରଣ ନିକଟରେ ପୁଣେରେ ଦେଖିବାକୁ ମିଳିଛି। ଫେବୃଆରୀ ୨୦୨୬ରେ ପୁଣେର ଜଣେ ପ୍ରତିଷ୍ଠିତ ବିଲ୍ଡରଙ୍କ ୨୫ ବର୍ଷୀୟ ପୁଅ କେତନ ଅଗ୍ରୱାଲଙ୍କ ସହ ୨୦ ବର୍ଷୀୟା ସିୟା ଗୋୟଲଙ୍କ ନିର୍ବନ୍ଧ ହୋଇଥିଲା। ଏହା ଏକ ଭବ୍ୟ ଆରେଞ୍ଜ ମ୍ୟାରେଜ୍‌ର ଯୋଜନା ଥିଲା,



ଯେଉଁଥିରେ ରାଜସ୍ଥାନର ଏକ ପ୍ରାସାଦରେ ୧୭ କୋଟି ଟଙ୍କା ଖର୍ଚ୍ଚ କରି ବିବାହ ଉତ୍ସବ ଏବଂ ଅତିଥିଙ୍କ ପାଇଁ ଦୁଇଟି ପ୍ରାଇଭେଟ୍ ଜେଟ୍‌ର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସିୟା ପୂର୍ବରୁ ଚେତନ ଚୌଧୁରୀ ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କରେ ଥିଲେ ଓ ସେ ଏହି ବିବାହ ଚାହୁଁନଥିଲେ।

ଜୁନ୍ ୧୮ ତାରିଖରେ ଟ୍ରେକିଂ ବାହାନାରେ ସିୟା କେତନଙ୍କୁ ଲୋହଗଡ଼ ଦୁର୍ଗକୁ ନେଇଯାଇଥିଲେ। ସେଠାରେ ପୂର୍ବ ଯୋଜନା ମୁତାବକ ସିୟାଙ୍କ ପ୍ରେମିକ ଚେତନ ଏକ ହୁଡି ପିନ୍ଧି ପଛେ ପଛେ ଆସିଥିଲେ ଏବଂ ସୁଯୋଗ ଦେଖି କେତନଙ୍କୁ ଏକ ଗଭୀର ଉପତ୍ୟକାକୁ ଠେଲି ହତ୍ୟା କରିଥିଲେ। ସିୟାଙ୍କ କହିବା ଅନୁସାରେ, ପରିବାର ଆଗରେ ବିବାହ ଭାଙ୍ଗି ସମ୍ମାନ ହରାଇବା ଅପେକ୍ଷା କେତନଙ୍କୁ ରାସ୍ତାରୁ ହଟାଇଦେବା ତାଙ୍କ ପାଇଁ ସହଜ ଥିଲା। ଆଜିକାଲି ସମାଜରେ ଏଭଳି ବିଭତ୍ସ ଘଟଣା ଦିନକୁ ଦିନ ବଢ଼ିଚାଲିଛି। ସମ୍ପର୍କର ଜଟିଳତା ଯୋଗୁଁ କିଏ ହତ୍ୟା କରି ଶବକୁ ନୀଳ ଡ୍ରମ୍‌ରେ ଲୁଚାଉଛି ତ କିଏ ଫ୍ରିଜ୍ ଭିତରେ ଭର୍ତ୍ତି କରୁଛି। ଆଉ କିଏ ଜୀବନସାରା କୋର୍ଟ କଚେରୀ ମାମଲାରେ ଫସି ଶେଷରେ ଆତ୍ମହତ୍ୟାର ବାଟ ବାଛିନେଉଛି।

ବିବାହ 'ଆରେଞ୍ଜ' ହେଉ କିମ୍ବା 'ଲଭ୍', ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉଭୟ ପୁଅ ଓ ଝିଅଙ୍କର ସମ୍ପୂର୍ଣ୍ଣ ମାନସିକ ସହମତି। ପରିବାରର ଚାପରେ ବା ସାମାଜିକ ସମ୍ମାନ ରଖିବା ପାଇଁ ଜଣେ ଅନିଚ୍ଛୁକ ସାଥୀକୁ ବିବାହର ବନ୍ଧନରେ ବାନ୍ଧିବା ଅନୁଚିତ। ପରସ୍ପରକୁ ବୁଝିବା, ସମ୍ମାନ ଦେବା ଏବଂ ଭବିଷ୍ୟତ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବା ପରେ ହିଁ ବିବାହ ନିଷ୍ପତ୍ତି ନେବା ଆବଶ୍ୟକ; ନଚେତ୍ ସମାଜରେ ପ୍ରତିଦିନ କେତନ ଭଳି ଅପରିପକ୍ୱ ବୟସର ନିରୀହ ଜୀବନ ଝଡ଼ିପଡୁଥିବ।


**ମୌଦା, ସୋସୋ, କେନ୍ଦୁଝର**
**ମୋବାଇଲ୍:୮୨୪୯୫୮୬୨୦୭**

## ଜୋର ଧରିଲା ଇରାନ୍-ଆମେରିକା ଆକ୍ରମଣ

# ବୁଧବାର ରାତିରୁ ଇରାନ୍ ଉପରେ ମିସାଇଲ ବର୍ଷା ଜାରି

**ଇରାନର ମିଶାଇଲ ମାଡ଼ରେ ଥରିଲା କୁଏତ ଓ ବାହାରିନ**

**ଟୁନବ ଦ୍ୱୀପର ସାମରିକ ଭିତ୍ତିଭୂମିକୁ ବିଧ୍ୱସ୍ତ କଲା ଆମେରିକା**

**ସବୁ ପ୍ରକାର ଶକ୍ତି ରପ୍ତାନୀ ବନ୍ଦ କରିବାକୁ ଆଇଆରଜିସିର ଚେତାବନୀ**



ତେହରାନ, ୧୬।୭: ଗୁରୁବାର ମଧ୍ୟପ୍ରାଚ୍ୟ ଉତ୍ତେଜନା ପୁଣିଥରେ ଜୋର୍ ଧରିଛି। ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ-ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବାଣିଜ୍ୟିକ ଜାହାଜ ଚଳାଚଳ କରିବା ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବା ସହିତ ତେହରାନରେ ଏୟାରଷ୍ଟ୍ରାଇକ୍ କରିବା ପରେ ଇରାନ ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯାଇଛି। ଗୁରୁବାର ଇରାନ୍ ଆମେରିକାର ଆଞ୍ଚଳିକ ସାମରିକ ଘାଟି ବାହାରିନ ଓ କୁଏତ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ତେବେ କ୍ଷୟକ୍ଷତି ସମ୍ପର୍କରେ କୌଣସି ତ୍ୱରିତ ସୂଚନା ମିଳିନାହିଁ। ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ସାନି ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ଶେଷକରିବା ସମ୍ପର୍କିତ ସମ୍ଭାବ୍ୟ ଅନ୍ତରୀଣ ବୁଝାମଣା ପୁଣିଥରେ ଦୁର୍ବଳ କରିଛି। ଇରାନ କହିଛି ଯେ, ଆମେରିକା ଏହାର ଆର୍ମି ବାରାକ୍ ଉପରେ ଆକ୍ରମଣ କରିଛି, ଯେଉଁଥିରେ ଅତିକମ୍‌ରେ ଇରାନର ୭ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି। ଇରାନ ଓ ଆମେରିକା ମଧ୍ୟରେ ସାନି ଆକ୍ରମଣ ହେବା ପରଠାରୁ ୩୫ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୦୦ରୁ ଅଧିକ ଆହତ ହୋଇଥିବା ଇରାନ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତା'ର ରିପୋର୍ଟରେ ପ୍ରକାଶ କରିଛି।

ସୂଚନାଯୋଗ୍ୟ ଯେ, ଫେବ୍ରୁଆରି ୨୮ ତାରିଖରେ ଇସ୍ରାଏଲ-ଆମେରିକା ଇରାନର ଉପରେ ମିଳିତ ଆକ୍ରମଣ କରିବା ପରେ ଏପ୍ରିଲରେ ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ପ୍ରଥମ ପ୍ରତିବନ୍ଧକ ଲଗାଇଥିଲା। ତେବେ ୬୦ ଦିନ ପାଇଁ ଅନ୍ତରୀଣ ଚୁକ୍ତି ହେବା ପରେ ଆମେରିକା ହର୍ମୁଜରୁ ପ୍ରତିବନ୍ଧକ ହଟାଇ ନେବା ସହ ବାଣିଜ୍ୟିକ ଜାହାଜ ଚଳାଚଳକୁ ସ୍ୱାଭାବିକ କରିଥିଲା। ମାତ୍ର ଏବେ ପୁଣିଥରେ ଆମେରିକା ହର୍ମୁଜରେ କଟକଣା ଜାରି କରିବା ପରେ ଗୁରୁବାର ଇରାନ୍ ଓ ଆମେରିକା ମଧ୍ୟରେ ଭୀଷଣ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

ଆମେରିକା ସେନାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) କହିଛି ଯେ, ଆମେରିକା ବୁଧବାର ସାରାରାତି ଇରାନର ଡଜନେରୁ ଅଧିକ ବେସାମରିକ ଭିତ୍ତିଭୂମି ତଥା ସାମରିକ ସ୍ଥଳ ଉପରେ ଆକ୍ରମଣ କରିଛି। ଏଥିସହିତ ସକାଳ ହେବା ପରେ ପୁନଶ୍ଚ ଆକ୍ରମଣ କରିବା ସହିତ ଦିନର ବିଳମ୍ବିତ ପ୍ରହର ଯାଏ ଆକ୍ରମଣ ଜାରି ରଖିଛି। ସେଣ୍ଟକମ୍ କହିଛି ଯେ, କୁରାକାଓ ପତାକା ଲାଗିଥିବା ତୈଳ ଟ୍ୟାଙ୍କର ବେଲମା ଖାର୍ଗ ଦ୍ୱୀପ ଆଡ଼କୁ ଗତି କରୁଥିଲା। ଆମେରିକାର ସୈନ୍ୟମାନେ ଆଗକୁ ନ ବଢ଼ିବା ପାଇଁ ବାରମ୍ବାର ସତର୍କ କରାଇଥିଲେ। ମାତ୍ର ତାହା ନ ମାନିବାରୁ ଆମେରିକା ସେନା ତୈଳ ଟ୍ୟାଙ୍କରର ସ୍ମୋକ୍‌ଷ୍ଟେକ୍ ଉପରେ ହେଲ୍‌ଫାୟାର ମିଶାଇଲ୍ ମାଡ଼ କରି ଏହାକୁ ଅକାମୀ କରିଦେଇଥିଲା।

ଇରାନର ଗ୍ରେଟର ଟୁନବ ଦ୍ୱୀପ ଉପରେ ଆମେରିକାର ଆକ୍ରମଣକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଟୁନବ ଦ୍ୱୀପ ଉପରେ ଆକ୍ରମଣ କରି ଏହା ଇରାନର ପ୍ରତିରକ୍ଷା ଓ କ୍ଷେପଣାସ୍ତ୍ର ସ୍ଥଳକୁ ବିଧ୍ୱସ୍ତ କରିଥିବା ସେଣ୍ଟ୍ରାଲ୍ କମାଣ୍ଡ ଦାବି କରିଛି। ସେହିଭଳି ବାଲୁଚେସ୍ତାନ ଓ ସିସ୍ତାନରେ ଥିବା ଯାନ୍ତ୍ରିକ ପଦାତିକ ବ୍ରିଗେଡର ୩୮ ବାରାକ ଉପରେ ଆମେରିକା ମିସାଇଲ ମାଡ଼ କରିଥିବା ଇରାନର ସରକାରୀ ଗଣମାଧ୍ୟମଗୁଡ଼ିକ ରିପୋର୍ଟ କରିଛନ୍ତି। ଏଠାରେ ଅତିକମ୍‌ରେ ଆମେରିକା ୧୩ଟି ମିସାଇଲ ମାଡ଼ କରିଛି, ଯାହା ଫଳରେ ୭ ଜଣ ଲୋକଙ୍କ ମୃତ୍ୟୁ ଘଟିଛି।

ଗୁରୁବାର ଇରାନ ସଂସଦର ବାଚସ୍ପତି ତଥା ଇରାନ-ଆମେରିକା ଶାନ୍ତି ଆଲୋଚନାର ମୁଖ୍ୟ ମଧ୍ୟସ୍ଥ ମହମ୍ମଦ ବାଘେର କାଲିବାଫ୍ ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଆମେରିକା ଅନ୍ତରୀଣ ଶାନ୍ତିଚୁକ୍ତିକୁ ସମ୍ମାନ ନ ଦିଏ ତା'ହେଲେ ଇରାନ ବ୍ୟାପକ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହିଛି। ସେହିପରି ଆମେରିକାର ହର୍ମୁଜ ପ୍ରତିବନ୍ଧକ ପରେ ଇରାନର ରିଭଲ୍ୟୁସନ୍ ଗାର୍ଡ କହିଛି ମଧ୍ୟପ୍ରାଚ୍ୟରୁ ହେଉଥିବା ଶକ୍ତି ରପ୍ତାନୀକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାକୁ ଧମକ ଦେଇଛି।

## ମମତାଙ୍କୁ ଆଉ ଏକ ଝଟ୍‌କା

# ଇସ୍ତଫାଦେଲେ ଟିଏମ୍‌ସି ରାଜ୍ୟସଭା ଏମପି କୋଏଲ ମଲ୍ଲିକ



କୋଲକାତା, ୧୬।୭: ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ ଆଉ ଏକ ଝଟକା ଲାଗିଛି। ଅଭିନେତ୍ରୀରୁ ରାଜନେତ୍ରୀ ହୋଇଥିବା ଏବଂ ପଶ୍ଚିମବଙ୍ଗର ଟିଏମସି ରାଜ୍ୟସଭା ଏମପି କୋଏଲ ମଲ୍ଲିକ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। କୋଏଲ ମଲ୍ଲିକ ଏପ୍ରିଲ ମାସରେ ହିଁ ଟିଏମସିର ପ୍ରତିନିଧିତ୍ୱ କରି ରାଜ୍ୟ ସଭା ଏମପି ହୋଇଥିଲେ। ଦଳରୁ ଇସ୍ତଫା ଦେବାରେ ସେ ଚତୁର୍ଥ ଏମପି। ତାଙ୍କ ପୂର୍ବରୁ ଅନ୍ୟ ତିନିଜଣ ଏମପି ଦଳ ଛାଡିସାରିଛନ୍ତି ।

ଟିଏମସି ରାଜ୍ୟସଭା ଏମପି କୋଏଲ ମଲ୍ଲିକ ଉପରାଷ୍ଟ୍ରପତିଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। କୋଏଲ ମଲ୍ଲିକଙ୍କ ଇସ୍ତଫା ପରେ, ରାଜ୍ୟ ସଭାରେ ତୃଣମୂଳ କଂଗ୍ରେସ (ଟିଏମସି) ଏମପିଙ୍କର ସଂଖ୍ୟା ନଅକୁ ହ୍ରାସ ପାଇଛି। କୋଏଲ ମଲ୍ଲିକ ଜଣେ ଲୋକପ୍ରିୟ ଟଲିଉଡ୍ ଅଭିନେତ୍ରୀ। ତାଙ୍କ ଇସ୍ତଫାକୁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଆଉ ଏକ ଝଟକା ଭାବରେ ଦେଖାଯାଉଛି। ବୁଧବାର ଦଳର ନେତା ମଦନ ମିତ୍ର ମଧ୍ୟ ମମତାଙ୍କଠାରୁ ଅଲଗା ହୋଇ ରୀତବ୍ରତଙ୍କ ଶିବିରରେ ଯୋଗ ଦେଇଥିଲେ । ଗୁରୁବାର ଏମପି କୋଏଲ ମଲ୍ଲିକ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି ।

କୋଏଲ ମଲ୍ଲିକଙ୍କ ପ୍ରକୃତ ନାମ ରୁକ୍ମିଣୀ ମଲ୍ଲିକ। ସେ ଜଣେ ପ୍ରସିଦ୍ଧ ବଙ୍ଗୀୟ ଅଭିନେତ୍ରୀ, ମୁଖ୍ୟତଃ ଟଲିଉଡ୍‌ର 'ଟଲି-କ୍ୱିନ୍' ଭାବରେ ଜଣାଶୁଣା।

ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନଙ୍କୁ ଲେଖିଥିବା ଏକ ଚିଠିରେ କୋଏଲ ମଲ୍ଲିକ କହିଛନ୍ତି ଯେ, ସେ ତାଙ୍କ ପଦରୁ ଇସ୍ତଫା ଦେଉଛନ୍ତି ଏବଂ ଇସ୍ତଫା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସେ ରାଜ୍ୟ ସଭାର ସମସ୍ତ ଅଧିକାରୀ ଏବଂ ସଦସ୍ୟଙ୍କ ପ୍ରତି କୃତଜ୍ଞତା ମଧ୍ୟ ପ୍ରକାଶ କରିଛନ୍ତି।

## ଗାଜାରେ ଇସ୍ରାଏଲର ଏୟାର୍ ଷ୍ଟ୍ରାଇକ୍

# ଦୁଇ ଦିନରେ ୧୨ ମୃତ



ଗାଜା ସିଟି, ୧୬।୭: ଇସ୍ରାଏଲ ଓ ହାମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହୋଇଥିଲେ ହେଁ ଗାଜା ଭୂଖଣ୍ଡରେ ଇସ୍ରାଏଲର ସାମରିକ ଆକ୍ରମଣ ଥମିବାର ନାଁ ନେଉନାହିଁ। ବୁଧବାର ହୋଇଥିବା ଇସ୍ରାଏଲୀ ଏୟାର୍ ଷ୍ଟ୍ରାଇକରେ ଅତିକମରେ ୧୨ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଗୁରୁତର ବିଷୟ ହେଉଛି, ଉତ୍ତର ଗାଜାର ଜବାଲିଆ ଶରଣାର୍ଥୀ ଶିବିରରେ ଥିବା ଏକ ପୁଲିସ ଷ୍ଟେସନ ଉପରେ ହୋଇଥିବା ବୋମାବର୍ଷଣରେ ଜଣେ ମହିଳା ଓ ସିନିୟର କମାଣ୍ଡର କର୍ଣ୍ଣେଲ ମହମ୍ମଦ ମରୱାନ ସାଲେମଙ୍କ ସମେତ ୬ ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି। ସେହିପରି ଦକ୍ଷିଣ ଗାଜାର ଖାନ୍ ୟୁନିସ ଏବଂ ରାଫା ସୀମାବର୍ତ୍ତୀ ଅଞ୍ଚଳରେ ମଧ୍ୟ ଇସ୍ରାଏଲୀ ସେନାର ଗୁଳିମାଡ଼ ଓ ବୋମାବର୍ଷଣରେ ଜଣେ ଶିଶୁ ସମେତ ଅନ୍ୟମାନଙ୍କର ମୃତ୍ୟୁ ହୋଇଛି।

## ଟାୟାର ଫାଟି ଘର ଭିତରେ ପଶିଗଲା ଟ୍ରକ୍, ୩ ମୃତ



ଲକ୍ଷ୍ନୌ, ୧୬।୭: ଉତ୍ତର ପ୍ରଦେଶର ମିର୍ଜାପୁରରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍‌ର ଟାୟାର ଫାଟି ଯିବାରୁ ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ ଗୋଟିଏ ଘର ଉପରେ ମାଡ଼ି ଯାଇଥିଲା। ଟ୍ରକ୍ ମାଡ଼ି ଯିବାରୁ ଉକ୍ତ ଘରର ୩ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଥିଲାବେଳେ ଜଣେ ୧୨ ବର୍ଷର ଝିଅଙ୍କ ସମେତ ୨ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଟ୍ରକ୍‌ଟି ସିମେଣ୍ଟ ନେଇ ବାରାଣସୀରୁ ସୋନଭଦ୍ର ଯାଉଥିଲା। ରାତି ୩ଟା ସମୟରେ ଟ୍ରକ୍‌ର ଟାୟାର ଫାଟି ଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଗୋଟିଏ ଘର ଭିତରେ ପଶି ଯାଇଥିଲା। ସେତେବେଳେ ଘରର ଲୋକମାନେ ଶୋଇଥିଲେ। କେହି କିଛି ଜାଣିବା ପୂର୍ବରୁ ୩ ଜଣ ଲୋକଙ୍କ ଉପରେ ଗାଡ଼ି ମାଡ଼ି ଯାଇ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ମୃତକମାନେ ରାଜାରାମ (୪୭), ସୁଖିଆ (୭୦) ଓ ଚନ୍ଦତାରା (୪୫) ବୋଲି ଜଣାପଡ଼ିଛି।

## ସିରିଜ୍ ଆକ୍ରମଣରେ ୯ ପୁଲିସ ମୃତ, ୩୧ ଆହତ

ଇସଲାମାବାଦ, ୧୬।୭: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ତେହେରିକ-ଏ-ତାଲିବାନ ପାକିସ୍ତାନ(ଟିଟିପି) ଦ୍ୱାରା ହୋଇଥିବା ସିରିଜ୍ ଆକ୍ରମଣରେ ନଅ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ୩୧ ଆହତ ହୋଇଛନ୍ତି। ପ୍ରଥମ ଘଟଣାରେ ଟିଟିପିଆତଙ୍କବାଦୀମାନେ ବାନ୍ନୁର ମାରିଅନ୍ ପୁଲିସ ଷ୍ଟେସନ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଛଅ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା ଏବଂ ୧୨ ଆହତ ହୋଇଥିଲେ। ଆତଙ୍କବାଦୀମାନେ ବିସ୍ଫୋରକ ଭର୍ତ୍ତି ଏକ ଟ୍ରକ୍ ପୁଲିସ ଷ୍ଟେସନ ସହ ଧକ୍କା କରି ବିସ୍ଫୋରଣ କରିଥିଲେ। ଟିଟିପି ଆତଙ୍କବାଦୀମାନେ ଆକ୍ରମଣ ମଧ୍ୟ କରିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସେହିପରି ଦ୍ୱିତୀୟ ଘଟଣାରେ ଲୋୟର ଦିର୍ ଜିଲ୍ଲାରେ ଏକ ପୁଲିସ କନଭୟ ଉପରେ ହୋଇଥିବା ଆକ୍ରମଣରେ ତିନି ଜଣ ପୁଲିସ କର୍ମଚାରୀ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିବା ସହିତ ଗୁଳି ଚାଳନା କରିଥିଲେ। ଏଥିରେ ତିନି ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବାବେଳେ ୧୯ ଜଣ ଆହତ ହୋଇଥିଲେ। ହାଇଦର ନିକଟସ୍ଥ ଲାଡାମ ଟପ୍‌ରେ ଏହି ଆକ୍ରମଣ ହୋଇଥିଲା।



## ଅଧାରାତି ହେଲେ ଚାଲିବନି ସୋସିଆଲ ମିଡିଆ ଆପ୍

ନୂଆଦିଲ୍ଲୀ, ୧୬।୭: ପିଲାଙ୍କ ସୁରକ୍ଷା ଓ ଡିଜିଟାଲ ନିଶାକୁ କମ୍ କରିବା ପାଇଁ ସାରା ଦୁନିଆରେ କଡ଼ା ପଦକ୍ଷେପ ନିଆଯାଉଛି। ଏହାକୁ ନେଇ ନିକଟରେ ଏକ ରିପୋର୍ଟ ସାମନାକୁ ଆସିଛି। ବ୍ରିଟେନ୍ ସରକାରର ନୂତନ ସୁରକ୍ଷା ନିୟମ ଅନୁସାରେ, ଏବେ କିଶୋର/କିଶୋରୀଙ୍କୁ ଅଧା ରାତି ପରେ ସୋସିଆଲ ମିଡିଆ ଆପ୍ ବ୍ୟବହାର କରିବା ପାଇଁ ନିଜର ଫୋନରେ ସେଟିଂରେ ପରିବର୍ତ୍ତନ କରିବାକୁ ହେବ। ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆକୁ ସମ୍ପୂର୍ଣ୍ଣ ଭାବରେ ରୋକ୍ ଲଗାଇବାର ଯୋଜନାର ଘୋଷଣାର ମାସକ ପରେ, ସରକାର କହିଛନ୍ତି ଯେ, ୧୬-୧୭ ବର୍ଷର ପିଲାଙ୍କ ପାଇଁ ରାତିରେ ଡିଫଲ୍ଟ ଭାବରେ କର୍ଫ୍ୟୁ ଲଗାଇବାର ଯୋଜନା ପ୍ରସ୍ତୁତ କରୁଛନ୍ତି। ରିପୋର୍ଟ ଅନୁସାରେ, ୧୬ ଓ ୧୭ ବର୍ଷର ପିଲାଙ୍କ ପାଇଁ ରାତିରେ ସୋସିଆଲ ମିଡିଆ ଆପ୍ସର ବ୍ୟବହାରକୁ ଡିଫଲ୍ଟ ଭାବରେ ରୋକି ଦିଆଯିବ।

## ନୋଏଡାରେ ପ୍ରଥମ ରଥଯାତ୍ରା

# ୨୦୦୦ ଅଣଓଡ଼ିଆ ଭକ୍ତଙ୍କ ସମାଗମ



ନୋଏଡା, ୧୬।୭: ଉତ୍ତର ପ୍ରଦେଶର ନୋଏଡାର ସେକ୍ଟର ୬୧ସ୍ଥିତ ରୟାଲ ଗାର୍ଡେନ ଇଷ୍ଟେଟ ପରିସରରେ ଅବସ୍ଥିତ ଶ୍ରୀ ସ୍ୱର୍ଣ୍ଣକ୍ଷେତ୍ରଠାରେ ମହାସମାରୋହରେ ରଥଯାତ୍ରା ଉତ୍ସବ ପାଳନ କରାଯାଇଛି। ଏହି ପବିତ୍ର ପାର୍ବଣ ଉପଲକ୍ଷେ ବଡ଼ି ଭୋରରୁ ମନ୍ଦିର ମଧ୍ୟରେ ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସକାଳ ୮ଟା ସମୟରେ ଠାକୁରମାନଙ୍କର ଘୋଡ଼ାଗାଡ଼ି ରଥକୁ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମଥର ପାଇଁ ଏଠାରେ ଆୟୋଜିତ ହେଉଥିବା ରଥଯାତ୍ରାରେ ନୋଏଡାର ସେକ୍ଟର ୬୧, ୫୨, ୫୩ ଓ ୩୩ରେ ବସବାସ କରୁଥିବା ଓଡ଼ିଆ ଏବଂ ଅଣଓଡ଼ିଆ ପ୍ରାୟ ୨୦୦୦ ଭକ୍ତଙ୍କର ସମାଗମ ଘଟିଥିବା ଦେଖାଯାଇଥିଲା। ହିନ୍ଦୁ ସମ୍ମିଳନୀ ସମିତି, ରୟାଲ ଗାର୍ଡେନ ଇଷ୍ଟେଟ ମନ୍ଦିର ସମିତି ଓ ସାମୁଦାୟିକ ବିକାଶ ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ଘୋଷଯାତ୍ରାରେ ଶ୍ରଦ୍ଧାଳୁ ଓ ସଙ୍ଗଠକଙ୍କ ମଧ୍ୟରେ ପ୍ରବଳ ଉଲ୍ଲାସ ଉତ୍ସାହ ଦେଖିବାକୁ ମିଳିଥିଲା।

## ଜଗନ୍ନାଥଙ୍କୁ ଲାଗି କରାଯିବ ୧୦୮ ପ୍ରକାରର ୧୧,୦୦୦ ଆମ୍ବ



ନୂଆଦିଲ୍ଲୀ: ଚଳିତ ବର୍ଷ ନୂଆଦିଲ୍ଲୀରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପୂର୍ବ ଅପେକ୍ଷା ଆହୁରି ଭବ୍ୟ ହୋଇଛି। ପ୍ରଥମଥର ପାଇଁ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧିତ୍ୱ କରୁଥିବା ତିନୋଟି ପୃଥକ ରଥ ତ୍ୟାଗରାଜ ନଗରର ଶ୍ରୀ ଜଗନ୍ନାଥ ମନ୍ଦିରରୁ ଟଣାଯାଇଛି। ଏପର୍ଯ୍ୟନ୍ତ କେବଳ ଗୋଟିଏ ରଥ ଟଣାଯାଉଥିଲା। ଚଳିତ ବର୍ଷ ପୁରୀ ପରମ୍ପରା ଅନୁଯାୟୀ ପୃଥକ ରଥ ପ୍ରସ୍ତୁତ କରାଯାଇଛି। ଦ୍ୱାରକାର ଇସ୍କନ ମନ୍ଦିରରେ ରଥଯାତ୍ରା ସମୟରେ ୧୦୮ କିସମର ୧୧,୦୦୦ ଆମ୍ବ ଅର୍ପଣ କରାଯାଇଛି। ଦ୍ୱାରକାର ଇସ୍କନ ମନ୍ଦିରରେ ରଥଯାତ୍ରା ସମୟରେ ୧୧,୦୦୦ କିଲୋ ଆମ୍ବ ଅର୍ପଣ କରାଯିବ। ଗୁରୁବାର ଅପରାହ୍ଣ ୪ ଟାରେ ମନ୍ଦିରରୁ ରଥଯାତ୍ରା ଆରମ୍ଭ ହେବ।

## ହିନ୍ଦୁ ଛାତ୍ରଙ୍କୁ କଲମା, ଶିକ୍ଷକ ନିଲମ୍ବିତ

ହାଇଦ୍ରାବାଦ, ୧୬।୭: ହାଇଦ୍ରାବାଦର ସଇଦାବାଦ ଅଞ୍ଚଳର ଏକ ଘରୋଇ ସ୍କୁଲରେ ବିବାଦ ଦେଖାଦେଇଛି। ଦ୍ୱିତୀୟ ଶ୍ରେଣୀରେ ପଢ଼ୁଥିବା ଜଣେ ହିନ୍ଦୁ ଛାତ୍ରଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି ଯେ ତାଙ୍କ ପିଲାକୁ ସ୍କୁଲ କାର୍ଯ୍ୟକଳାପର ଅଂଶ ଭାବରେ 'କଲମା' ଓ 'ସୁରା ଫାତିହା' ପାଠ କରିବାକୁ କୁହାଯାଇଥିଲା। ଏହି ଘଟଣା ପରେ, ସ୍କୁଲ ପରିଚାଳନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଉଠିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଜୁଲାଇ ୧୫ରେ ପରିବାର ଏହି କଥିତ ନିର୍ଦ୍ଦେଶ ବିଷୟରେ ସ୍କୁଲକୁ ପ୍ରଶ୍ନ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ସ୍କୁଲ ସେହି ଶିକ୍ଷକକୁ ନିଲମ୍ବିତ କରିଛି।

ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ସ୍କୁଲଟି ହାଇଦ୍ରାବାଦର ପୁରୁଣା ସହର ଅଞ୍ଚଳ ଅନ୍ତର୍ଗତ ସଇଦାବାଦରେ ଅବସ୍ଥିତ। ପରିବାର ଅଭିଯୋଗ କରିଛନ୍ତି ଯେ ପିଲାଟିକୁ ଧାର୍ମିକ ଶ୍ଲୋକ ମନେ ରଖିବାକୁ ଏବଂ ପାଠ କରିବାକୁ କୁହାଯାଇଥିଲା। କିଛି ରିପୋର୍ଟ ଏହାକୁ ଗୃହକାର୍ଯ୍ୟ ଭାବରେ ବର୍ଣ୍ଣନା କରିଥିବା ବେଳେ ଅନ୍ୟମାନେ ଏହାକୁ ସ୍କୁଲ କାର୍ଯ୍ୟକଳାପର ଅଂଶ ଭାବରେ ଉଲ୍ଲେଖ କରିଛନ୍ତି। ପରବର୍ତ୍ତୀ ସମୟରେ ଅଭିଭାବକମାନେ ମ୍ୟାନେଜମେଣ୍ଟ ସହିତ କଥାବାର୍ତ୍ତା କରିବା ପାଇଁ ସ୍କୁଲକୁ ଯାଇଥିଲେ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସର୍ବଶେଷ ସୂଚନା ଅନୁଯାୟୀ, ସ୍କୁଲ ପରିଚାଳନା ଏପର୍ଯ୍ୟନ୍ତ କୌଣସି ସାର୍ବଜନୀନ ବିବୃତ୍ତି ଜାରି କରିନାହିଁ।

## ରୋହିଙ୍ଗ୍ୟା ଓ ବାଂଲାଦେଶୀ ଅନୁପ୍ରବେଶ ମାମଲା

# ୧୩ ସ୍ଥାନରେ ଇଡି ଚଢ଼ାଉ

ଲକ୍ଷ୍ନୌ, ୧୬।୭: ଦେଶରୁ ରୋହିଙ୍ଗ୍ୟା ଓ ବାଂଲାଦେଶୀ ନାଗରିକଙ୍କ ବେଆଇନ୍ ଅନୁପ୍ରବେଶ କରାଇବା ଏବଂ ସେମାନଙ୍କୁ ଆତଙ୍କବାଦୀ ପାଣ୍ଠି ଯୋଗାଉଥିବା ଏକ ସଂଗଠିତ ସିଣ୍ଡିକେଟ୍ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମାମଲାରେ ଯାଞ୍ଚ ଏଜେନ୍ସି ଲକ୍ଷ୍ନୌ ସମେତ ସମୁଦାୟ ୧୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଉତ୍ତରପ୍ରଦେଶ ଆଣ୍ଟି-ଟେରୋରିଜିମ୍ ସ୍କ୍ୱାର୍ଡ ଦ୍ୱାରା ରୁଜୁ ହୋଇଥିବା ପ୍ରାଥମିକ ଏଫଆଇଆରକୁ ଆଧାର କରି ଇଡି ମନି ଲଣ୍ଡରିଂ ନିରୋଧୀ ଆକ୍ଟ ଅଧୀନରେ ଏହି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ଏହି ସଂଗଠିତ ଚକ୍ରଟି ବେଆଇନ୍ ଅନୁପ୍ରବେଶକାରୀଙ୍କ ପାଇଁ ଜାଲ୍ ଭାରତୀୟ ପରିଚୟପତ୍ର ପ୍ରସ୍ତୁତ କରିବା ସହ ଦେଶର ବିଭିନ୍ନ ପ୍ରାନ୍ତରେ ସେମାନଙ୍କ ଥଇଥାନ୍ ପ୍ରକ୍ରିୟାରେ ସହାୟତା କରୁଥିଲା।

ଇଡି ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ତଦନ୍ତରୁ ଏକ ଗଭୀର ଆର୍ଥିକ ନେଟୱାର୍କର ପର୍ଦ୍ଦାଫାସ ହୋଇଛି, ଯେଉଁଥିରେ କେତେକ ଚାରିଟେବୁଲ୍ ଟ୍ରଷ୍ଟ ଓ ସଂସ୍ଥା ବହୁ ପରିମାଣର ବୈଦେଶିକ ଅନୁଦାନ ପାଉଥିଲେ। ପରବର୍ତ୍ତୀ ସମୟରେ ଏହି ଅର୍ଥକୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ, ମ୍ୟୁଲ ଆକାଉଣ୍ଟ ଓ ବେଆଇନ୍ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଥିଲା।

## ନିଟ୍ ପ୍ରଶ୍ନପତ୍ର ପାଇଁ ୫ ଲକ୍ଷ ଟଙ୍କାର ଡିଲ୍



ନୂଆଦିଲ୍ଲୀ, ୧୬।୭: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସିବିଆଇ ଏକ ବଡ଼ ଖୁଲାସା କରିଛି। ଲାତୁରରେ ଥିବା ଏକ କୋଚିଂ ସେଣ୍ଟର ମାଲିକ ଶିବରାଜ ରଘୁନାଥ ମାଟେଗାଓଁକର ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିବା ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କୁ କହିଛି। ସିବିଆଇ ଶିବରାଜଙ୍କ ଜାମିନ ଆବେଦନକୁ ବିରୋଧ କରିଛି। ଏହି ସମୟରେ ଏଜେନ୍ସି କହିଛି ଯେ, ଶିବରାଜ ଏତେ ପରିମାଣର ଟଙ୍କା ଏନଟିଏର କେମେଷ୍ଟ୍ରି ପେପର୍ ପ୍ୟାନେଲ ସଦସ୍ୟ ପିଭି କୁଲକର୍ଣ୍ଣୀଙ୍କୁ ପ୍ରଦାନ କରିଥିଲେ। କୁଲକର୍ଣ୍ଣୀଙ୍କଠୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ହାସଲ କରିବା ପାଇଁ ଟଙ୍କା ଦିଆଯାଇଥିଲା। ଅନ୍ୟ ଅଭିଯୁକ୍ତଙ୍କ ସହ ଶିବରାଜ ଷଡଯନ୍ତ୍ର କରି ପ୍ରଶ୍ନପତ୍ର ହାସଲ କରିନେଇଥିଲେ। ଶିବରାଜଙ୍କ ପୁଅ କୁଲକର୍ଣ୍ଣୀଙ୍କ କେମେଷ୍ଟ୍ରି କୋଚିଂରେ ପାଠ ପଢୁଥିଲେ। ପ୍ରଶ୍ନପତ୍ର ହାସଲ କରିବା ସହ ପ୍ରଶ୍ନପତ୍ରକୁ ସେ ହାତରେ ଲେଖି ନୋଟ୍ ତିଆରି କରିଥିଲେ।

## ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା

# କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ ନୋଟିସ୍



ନୂଆଦିଲ୍ଲୀ, ୧୬।୭: ଦିଲ୍ଲୀର ଯନ୍ତର-ମନ୍ତରଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦିଲ୍ଲୀ ହାଇକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ୱାଙ୍ଗଚୁକଙ୍କ ବିଗିଡୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଉପରେ ଗୁରୁବାର ଶୁଣାଣି କରି ଅଦାଲତ କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଦେଶରେ ପ୍ରତ୍ୟେକ ନାଗରିକଙ୍କ ଜୀବନର ମୂଲ୍ୟ ରହିଛି ଏବଂ ତାଙ୍କ ଜୀବନର ରକ୍ଷା ପାଇଁ ସମସ୍ତ ସମ୍ଭବ ପ୍ରୟାସ କରିବା ସରକାରଙ୍କ ଦାୟିତ୍ୱ ଅଟେ।

ମାମଲାର ଶୁଣାଣି ସମୟରେ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସୋନମ ୱାଙ୍ଗଚୁକଙ୍କର ପ୍ରତିଦିନ ଡାକ୍ତରୀ ପରୀକ୍ଷା କରାଯିବ। ସେ କୋର୍ଟଙ୍କୁ ଜଣାଇଛନ୍ତି ଯେ, ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟ ଉପରେ ଦୈନିକ ନଜର ରଖାଯାଉଛି ଏବଂ ଏଥିପାଇଁ ଏକ ନିୟମିତ ହେଲ୍‌ଥ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରାଯାଉଛି। କେନ୍ଦ୍ର ସରକାରଙ୍କ ଏହି ଆଶ୍ୱାସନାକୁ ରେକର୍ଡ କରିବା ସହ ତାଙ୍କ ସ୍ୱାସ୍ଥ୍ୟର ଉଚିତ୍ ଯତ୍ନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ୧୫୦ କୋଟିର ମାଲିକ ବାପାଙ୍କୁ ଗୁଳିକଲା ପୁଅ



ଗାଜିଆବାଦ, ୧୬।୭: ନିକଟରେ ଜୟପୁରର ଆୟୁଷୀ ଶର୍ମା ନାମକ ଜଣେ ଯୁବତୀ ମାଆଙ୍କ ସରକାରୀ ଚାକିରି ଓ ୧୪ କୋଟିର ସମ୍ପତ୍ତି ଲୋଭରେ ଗାଡ଼ି ଚଢ଼ାଇ ମାଆକୁ ମାରିଦେବା ଘଟଣା ସାରା ଦେଶକୁ ହତବାକ କରିଦେଇଥିଲା। ଆଉ ଏବେ ଉତ୍ତର ପ୍ରଦେଶ ଗାଜିଆବାଦରେ ବି ସମାନ ଘଟଣା ଘଟିଛି। ହେଲେ ଏଠି ଟାର୍ଗେଟ୍‌ରେ ମାଆ ନୁହେଁ, ବାପା ବଳି ପଡ଼ିଯାଇଛି। ଆଉ ହତ୍ୟାକାରୀ ଝିଅ ନୁହେଁ ପୁଅ। ୧୫୦ କୋଟି ସମ୍ପତ୍ତିର ମାଲିକ ବାପାକୁ ଗୁଳି କରି ମାରି ଦେଇଛି ପୁଅ। ବାପାର ସବୁ ସ୍ନେହ, ଭଲପାଇବାର ଫଳ ବନ୍ଧୁକ ମୁନରେ ଦେଇଛି ପିତୃହନ୍ତା।

ଉତ୍ତରପ୍ରଦେଶର ଗାଜିଆବାଦ ଜିଲ୍ଲାର ମୋଦିନଗରରେ ସମ୍ପତ୍ତି ବିବାଦକୁ କେନ୍ଦ୍ରକରି ଘଟିଛି ଏହି ହୃଦୟବିଦାରକ ଘଟଣା। ୩୨ ବର୍ଷୀୟ ପୁଅ ନିଜ ବାପାଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ ପିସ୍ତଲ ଧରି ଫେରାର ହୋଇ ଯାଇଥିବାବେଳେ ତାକୁ ଧରିବା ପାଇଁ ପୁଲିସ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି।

ପୁଲିସ ସୂଚନା ଅନୁସାରେ, ମୋଦିନଗରର ବୁଦାନା ଗାଁର ବାସିନ୍ଦା ମୃତକ ହରିଓମ ଚୌଧୁରୀ (୫୨) ସେ ଅଞ୍ଚଳର ଜଣେ ଧନୀ କୃଷକ ଭାବେ ପରିଚିତ। ତାଙ୍କ ନାଁରେ ମୋଦିନଗରରେ ପ୍ରାୟ ୭୫ ଏକର(ବିଘା) ଜମି ଥିବା ସହ ଦିଲ୍ଲୀ-ମେରଠ ରୋଡ୍‌ରେ ତାଙ୍କର ଏକ ମାର୍କେଟ୍ ରହିଥିଲା। ହରିଓମଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୫୦ କୋଟି ଟଙ୍କା ବୋଲି ଆକଳନ କରାଯାଇଛି। ଏହି ସମ୍ପତ୍ତିକୁ ନେଇ ବାପ-ପୁଅଙ୍କ ମଧ୍ୟରେ ସବୁବେଳେ ପାଟିତୁଣ୍ଡ ହେଉଥିଲା। ପୁଲିସର ତଦନ୍ତ ଅନୁସାରେ ବଡ଼ ପୁଅ ନିଖିଲ ସବୁବେଳେ ମଦ ପିଇ ନିଶାରେ ବୁଡ଼ି ରହୁଥିଲେ। ଆଉ ବାପା ହରିଓମ ଚୌଧୁରୀ ଏଥିପାଇଁ ସବୁବେଳେ ତାଙ୍କୁ ତାଗିଦ କରୁଥିଲେ। ପୁଅର ଜିଦ୍ ଓ ଝଗଡ଼ା ଯୋଗୁ ବାପା ହରିଓମ ବଜାରରେ କିଛି ଦୋକାନ ଓ ୨୫ ବିଘା ଜମି ନିଖିଲ ନାଁରେ କରିଦେଇଥିଲେ। କିନ୍ତୁ ନିଖିଲ ବାକି ସମ୍ପତ୍ତି ମଧ୍ୟ ନିଜ ନାଁରେ କରିଦେବାକୁ ଚାହୁଁଥିଲେ। ହେଲେ ଯେହେତୁ ହରିଓମଙ୍କର ଆଉ ଏକ ସାନ ପୁଅ ଥିଲା, ତେଣୁ ସେ ନିଖିଲଙ୍କ ଦାବିରେ ରାଜି ହୋଇ ନଥିଲେ। ତା ଛଡ଼ା ବଡ଼ ପୁଅ ମଦ ନିଶାରେ ସବୁ ସମ୍ପତ୍ତି ଉଡ଼ାଇଦେବ ବୋଲି ହରିଓମଙ୍କ ମନରେ ଭୟ ଥିଲା।

ବୁଧବାର ରାତିରେ ହରିଓମ ନିଜ ପତ୍ନୀ ଅନୀତା ଓ ସାନ ପୁଅ ନିଶୁଙ୍କ ସହ ରାତ୍ରିଭୋଜନ କରୁଥିବା ବେଳେ ନିଖିଲ ମଦ ପିଇ ଘରକୁ ଫେରିଥିଲେ। ନିଶା ପାଇଁ ବାପା ପୁଣିଥରେ ତାକୁ ତାଗିଦ କରିବାରୁ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା।

ଅଭିଯୋଗ ଅନୁସାରେ, ଉତ୍ତ୍ୟକ୍ତ ହୋଇ ନିଖିଲ ଏକ ପିସ୍ତଲ ବାହାର କରି ବାପାଙ୍କ ଉପରକୁ ଗୁଳି ଚଳାଇଥିଲେ। ପ୍ରଥମ ଗୁଳି ହରିଓମଙ୍କ ମୁହଁରେ ବାଜିବା ପରେ ସେ ତଳେ ପଡ଼ିଯାଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କ ମୁହଁ, ଛାତି ଓ ପେଟକୁ ଲକ୍ଷ୍ୟ କରି ଆହୁରି ଗୁଳି ଚଳାଇଥିଲେ। ପୁଲିସ କହିଛି ଯେ, ମୃତଦେହରେ ୪ରୁ ୬ଟି ଗୁଳିର ଚିହ୍ନ ମିଳିଛି।

ତଦନ୍ତ ବେଳେ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ୨୦୧୮ ମସିହାରେ ମଧ୍ୟ ନିଖିଲ ନିଜ ସାନ ଭାଇ ନିଶୁଙ୍କ ଉପରେ ଗୁଳି ଚଳାଇବାକୁ ଚେଷ୍ଟା କରିଥିବା ଅଭିଯୋଗ ରହିଛି। ପୁଲିସ ଏହି ଘଟଣାକୁ ମଧ୍ୟ ପୁଣିଥରେ ଖୋଲି ନୂଆକରି ଯାଞ୍ଚ କରୁଛି। ତେବେ ନିଖିଲ ଏବେ ବି ଫେରାର ଅଛି। ପୁଲିସ ତଦନ୍ତ କରିବା ସହ ଖୋଜିବା ଜାରି ରଖିଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଫେରାର ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

**ନିଟ୍ ୟୁଜି ୨୦୨୬ ଫଳାଫଳ ପ୍ରକାଶିତ**

# ଆର୍ଯ୍ୟନ୍ ଓ ପନ୍‌ସୁଲ୍ ଯୁଗ୍ମ ଟପ୍ପର୍



ନୂଆଦିଲ୍ଲୀ,୧୬।୭: ନିଟ୍ ୟୁଜି ୨୦୨୬ ଫଳାଫଳ ଆଜି ପ୍ରକାଶ ପାଇଛି। ଏଥିରେ ୧୧.୧୧ ଲକ୍ଷ ଛାତ୍ରଛାତ୍ରୀ ସଫଳତା ପାଇବା ସହ ମେଡିକାଲ୍ ଶିକ୍ଷାରେ ଆଡମିଶନ୍ ନେବା ସକାଶେ ଯୋଗ୍ୟତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ଅଫିସିଆଲ୍ ଓ୍ୱେବ୍‌ସାଇଟ୍‌ରୁ ସେମାନଙ୍କ ସ୍କୋରକାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଏନ୍‌ଟିଏ ଓ ଭାଷାଭିତ୍ତିକ ଅଂଶଗ୍ରହଣର ପକ୍ଷରୁ ସର୍ବଭାରତୀୟ ର୍‌ୟାଙ୍କ୍, ରାଜ୍ୟ ଟପର୍, ବର୍ଗଭିତ୍ତିକ ଟପର୍, କ୍ୱାଲିଫାଇଂ କଟ୍‌ଅଫ୍ ତାଲିକା ପ୍ରକାଶ ପାଇଛି। ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩୮ ଜଣ ୬୯୦ରୁ ଅଧିକ ନମ୍ବର ରଖିବାରେ ସକ୍ଷମ ହୋଇଛନ୍ତି। ସେହିପରି ପଞ୍ଜାବର ଆର୍ଯ୍ୟନ୍ ଗୁପ୍ତା ଓ ହରିଆନାର ପନ୍‌ସୁଲ୍ ବନସଲ୍ ୭୨୦ରୁ ୭୧୫ ନମ୍ବର ରଖି ଯୁଗ୍ମ ଭାବେ ଜାତୀୟ ସ୍ତରରେ ଟପ୍ପର୍ ହୋଇଛନ୍ତି। ଗତ ୨୧ ତାରିଖରେ ହୋଇଥିବା ନିଟ୍ ୟୁଜିରେ ପାଖାପାଖି ୨୦ ଲକ୍ଷ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଇସ୍ରୋ ଛାଡ଼ିବେ ଶତାଧିକ ବୈଜ୍ଞାନିକ!

ନୂଆଦିଲ୍ଲୀ,୧୬।୭: ଭାରତୀୟ ଅନ୍ତରୀକ୍ଷ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ୧୦୦ରୁ ଅଧିକ ବୈଜ୍ଞାନିକ ଇସ୍ତଫା ଦେବା ଘଟଣାକୁ ନେଇ ସରକାର ଚିନ୍ତା ପ୍ରକଟ କରିଛନ୍ତି। ବୈଜ୍ଞାନିକମାନଙ୍କର ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସରରେ ରୋକ୍ ଲଗାଇବା ଲାଗି ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ସ୍ପେସ୍ (ଡିଓଏସ୍) ସାନି ନିର୍ଦ୍ଦେଶାବଳୀ ଜାରି କରିଛି। ବିଶେଷକରି 'ଗଗନୟାନ ହ୍ୟୁମାନ' ପରି ଗୁରୁତ୍ୱପୂର୍ଣ୍ଣ ଜାତୀୟ ମିଶନ୍ ସହ ସମ୍ପୃକ୍ତ ଗ୍ରୁପ୍-ଏ ବୈଜ୍ଞାନିକ ଓ ବୈଷୟିକକର୍ମଚାରୀମାନଙ୍କର ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ଆବେଦନ ଉପରେ ଡିଓଏସ୍ ପକ୍ଷରୁ ଗତ ୧୪ରେ ଜାରି କରାଯାଇଥିବା ଅନ୍ତରୀଣ ସ୍ମାରକପତ୍ରରେ କଟକଣା ଲଗାଯାଇଛି। କେତେଜଣ ବୈଜ୍ଞାନିକ ଇସ୍ତଫା ଦେଉଛନ୍ତି ତାହା ସରକାରୀ ଭାବରେ ପ୍ରକାଶିତ ହୋଇ ନଥିଲେ ମଧ୍ୟ ଏହି ମାସରେ ୧୦୦ରୁ ୧୨୦ ବୈଜ୍ଞାନିକ ଇସ୍ତଫା ଦେଇପାରନ୍ତି ବୋଲି ଇସ୍ରୋକୁ ଉଦ୍ଧାର କରି ଟାଇମ୍ସ ଅଫ୍ ଇଣ୍ଡିଆ ପ୍ରକାଶ କରିଛି।

● ଦିଲ୍ଲୀ ହାଉଜଖାସରେ ରଥଯାତ୍ରା

## ସାମିଲ ହେଲେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ



ନୂଆଦିଲ୍ଲୀ,୧୬।୭: ଦିଲ୍ଲୀର ହାଉଜଖାସ ଭିଲେଜସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ସବୁଠାରୁ ବୃହତ ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ୪୮ତମ ରଥଯାତ୍ରା ଅତ୍ୟନ୍ତ ଭବ୍ୟ ଓ ମହାସମାରୋହରେ ପାଳିତ ହୋଇଛି। ଏହି ପବିତ୍ର ଅବସରରେ ମନ୍ଦିର ପରିସରକୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଥିବା ବେଳେ ଓଡ଼ିଆ ଓ ଅଣଓଡ଼ିଆ ମିଶି ପ୍ରାୟ ଦେଢ଼ ଲକ୍ଷ ଭକ୍ତଙ୍କ ଜନସମୁଦ୍ର ସୃଷ୍ଟି ହୋଇଥିଲା। ଭୋରରୁ ମଙ୍ଗଳ ଆଳତି ଓ ସ୍ୱତନ୍ତ୍ର ନୀତିକାନ୍ତି ପରେ ଦ୍ୱିପହରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହୋଇଥିଲା। ଶଙ୍ଖ, ଘଣ୍ଟ, ମୃଦଙ୍ଗ ଓ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳିତ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା। ଦିଲ୍ଲୀର ଉପରାଜ୍ୟପାଳ ତରଣଜିତ୍ ସିଂହ ସାନ୍ଧୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରମ୍ପରିକ 'ଛେରାପହଁରା' ନୀତି ସମ୍ପନ୍ନ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ବାଂଶୁରୀ ସ୍ୱରାଜ, ବିଧାୟକ ସତୀଶ ଉପାଧ୍ୟାୟ, ଅନୀଲ ଶର୍ମା, ପୂର୍ବତନ ବିଧାୟକ ସୋମନାଥ ଭାରତୀ, ମୃଦୁଳା ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରାହ୍ନ ସାଢ଼େ ୨ଟାରେ ୧୮ ଫୁଟ ଉଚ୍ଚତାର ରଙ୍ଗାରଙ୍ଗ ରଥ ଆନସାରୀ ନଗର ଅଭିମୁଖେ ବାହାରିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଭକ୍ତମାନେ ପୁଷ୍ପ ବର୍ଷଣ ଓ ନଡ଼ିଆ ଭାଙ୍ଗି ମହାପ୍ରଭୁଙ୍କୁ ଆବାହନ କରିଥିଲେ। ସନ୍ଧ୍ୟା ସୁଦ୍ଧା ରଥ ମନ୍ଦିର ବେଢ଼ାକୁ ଫେରିଆସିଥିଲା। ବିଳମ୍ବିତ ରାତିରେ ମହାପ୍ରଭୁଙ୍କୁ ମନ୍ଦିର ବେସମେଣ୍ଟରେ ଥିବା ଆଡ଼ପ ମଣ୍ଡପକୁ ନିଆଯାଇଥିଲା। ଆସନ୍ତା ୨୪ ତାରିଖ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ଭକ୍ତମାନେ ସେଠାରେ ପ୍ରଭୁଙ୍କ ଦର୍ଶନ ଲାଭ କରିବେ।

## ଇସ୍କନ ରଥଯାତ୍ରାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



କୋଲକାତା, ୧୬।୭ (ସଂଚାର ବ୍ୟୁରୋ): ଇସ୍କନର ପାରମ୍ପରିକ ରଥଯାତ୍ରା କୋଲକାତାରେ ଗୁରୁବାର ଦିନ ପ୍ରାୟ ୧୨ଟା ସମୟରେ ଆଲବର୍ଟ ରୋଡରେ ଥିବା ଇସ୍କନ ମନ୍ଦିରରୁ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଉପସ୍ଥିତ ରହି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଇସ୍କନ ରଥ ହଙ୍ଗରଫୋର୍ଡ ଷ୍ଟ୍ରିଟ୍, ଏଜେସି ବୋଷ ରୋଡ, ଶରତ ବୋଷ ରୋଡ, ହାଜରା ରୋଡ, ଶ୍ୟାମା ପ୍ରସାଦ ମୁଖାର୍ଜୀ ରୋଡ, ଏକ୍ସାଇଡ୍ କ୍ରସିଂ, ଜବାହରଲାଲ ନେହେରୁ ରୋଡ ଏବଂ ଆଉଟରାମ ରୋଡ ହୋଇ ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ପହଞ୍ଚିଥିଲା। ଏହି ଅବସରରେ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା।

## ରଥ ଭଳି ସଜ୍ଜିତ କୋଲକାତାର ଟ୍ରାମ୍



କୋଲକାତା, ୧୬।୭ (ସଂଚାର ବ୍ୟୁରୋ): ରଥଯାତ୍ରା ମହୋତ୍ସବ ପାଇଁ ରଥ ସଦୃଶ ଏକ ପାରମ୍ପରିକ କୋଲକାତା ଟ୍ରାମକୁ ସଜାଯାଇଥିଲା। ଟ୍ରାମ ଭିତରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମା ରଖାଯାଇଥିଲା। ଗୁରୁବାର ସକାଳେ ରଥଶୈଳୀରେ ନିର୍ମିତ ଟ୍ରାମ୍‌ଟି ଗଡିଆହାଟ ଡିପୋରୁ ଧର୍ମତଲା ଦେଇ ଶ୍ୟାମବଜାରକୁ ଯାତ୍ରା କରିଥିଲା। ପୂର୍ବରୁ 'ଟ୍ରାମଯାତ୍ରା' ଏବଂ କୋଲକାତା ଟ୍ରାମ ଉପଭୋକ୍ତା ସଂଘ ସହରର ଟ୍ରାମ ପରିସେବାକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ। କିନ୍ତୁ ରଥଯାତ୍ରା ଦିନ ଏପରି ଟ୍ରାମ ଶୋଭାଯାତ୍ରା ପ୍ରଥମ ଥର ପାଇଁ ଆୟୋଜନ କରାଯାଇଛି।

'ସାଇ କା ଆଙ୍ଗନ୍'ରେ ତୃତୀୟ ବର୍ଷରେ ରଥଯାତ୍ରା

# ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଛେରାପହଁରା



ନୂଆଦିଲ୍ଲୀ,୧୬।୭(ସଂଚାର ବ୍ୟୁରୋ): ଗୁରୁଗ୍ରାମସ୍ଥିତ 'ସାଇ କା ଆଙ୍ଗନ୍'ଠାରେ ତୃତୀୟ ବର୍ଷ ପାଇଁ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଶ୍ରୀଜୀଉମାନଙ୍କୁ 'ସାଇ କା ଆଙ୍ଗନ୍'ସ୍ଥିତ ସଭାମଣ୍ଡପରେ ସ୍ଥାପନ କରାଯିବା ପରେ ଦେବ ନୀତି ସମ୍ପନ୍ନ ହୋଇ ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇଥିଲା। ଅପରାହ୍ନରେ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଗହଣରେ ଘଣ୍ଟଘଣ୍ଟା ନାଦ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ ପରେ ରଥାରୂଢ଼ କରାଯାଇଥିଲା। ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ରଥ ଉପରେ ଛେରା ପହଁରା କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ୍ ସଭାମଣ୍ଡପରେ ଶ୍ରୀଜୀଉମାନଙ୍କର ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୩ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ନୂଆଦିଲ୍ଲୀ, ହରିଆନା, ପଞ୍ଜାବ ଆଦି ପଡ଼ୋଶୀ ରାଜ୍ୟ ସମେତ ସ୍ଥାନୀୟ ଅଧିବାସୀମାନେ ଶହ ଶହ ସଂଖ୍ୟାରେ ଏଥିରେ ଯୋଗଦେଇଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର ଆଦି ରାଜ୍ୟ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ଦୁବାଇ ଓ ଲଣ୍ଡନରୁ ବହୁ ଭକ୍ତ ଗୁରୁଜୀଙ୍କ ନେତୃତ୍ୱରେ ଅନୁଷ୍ଠିତ ରଥଯାତ୍ରା ଉତ୍ସବରେ ଯୋଗଦେଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଧ୍ୟ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ମଧ୍ୟ ଏଠାରେ ରଥଯାତ୍ରା ଦେଖିବାକୁ ପହଞ୍ଚିଛନ୍ତି। ଏହି ଅବସରରେ ଓଡ଼ିଶାର ଉତ୍କର୍ଷ କଳା ଓ ସଂସ୍କୃତିର ପ୍ରଦର୍ଶନ ପୂର୍ବକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ରାତିରେ ପୁରୀର ସୂପକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସାଦରେ ସମସ୍ତ ଭକ୍ତଙ୍କୁ ଆପ୍ୟାୟିତ କରାଯାଇଛି। ସିବି ଶତପଥୀ କଲଚରାଲ ଫାଉଣ୍ଡେସନ ଓ 'ସାଇ କା ଆଙ୍ଗନ' ପରିଚାଳନା କମିଟି ପକ୍ଷରୁ ମହାପ୍ରଭୁଙ୍କର ଏହି ପବିତ୍ର ଯାତ୍ରା ତଥା ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଜଗନ୍ନାଥ ସଂସ୍କୃତିର ଜାଗରଣ ନିମିତ୍ତ ଓଡ଼ିଶାର ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ବହୁବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ରାମକୃଷ୍ଣ ମଠରୁ ଚୋରି

କୋଲକାତା,୧୬।୭ (ସଂଚାର ବ୍ୟୁରୋ): ବୁଧବାର ଉତ୍ତର କୋଲକାତାର ସିମ୍ଲାରେ ଥିବା ରାମକୃଷ୍ଣ ମଠ ଓ ମିଶନର ଶାଖା କେନ୍ଦ୍ରର ପ୍ରାର୍ଥନା ଗୃହରୁ ଅନେକ ପଙ୍ଖା ଓ ମହଙ୍ଗା ଚେୟାର ସମେତ ଜିନିଷପତ୍ର ଚୋରି ହୋଇଥିବା ସୂଚନା ମିଳିଛି। ଯେ ସଂଗ୍ରହାଳୟରେ ରହିଥିବା ବିରଳ କଳାକୃତିଗୁଡ଼ିକ ଅକ୍ଷୁର୍ଣ୍ଣ ଅଛି କି ନାହିଁ ମିଶନ କର୍ତ୍ତୃପକ୍ଷ ଓ ପୁଲିସ ବର୍ତ୍ତମାନ ଯାଞ୍ଚ କରୁଛନ୍ତି। ମଠର ସଚିବ ସ୍ୱାମୀ ଜ୍ଞାନାଲୋକାନନ୍ଦ କହିଛନ୍ତି ଯେ, ଗିରିଶ ପାର୍କ ଥାନାରେ ଚୋରି ସମ୍ପର୍କରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ତଦନ୍ତ ଆରମ୍ଭ କରିଛି। ମଠ ଓ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ପରିସରରେ ପହଞ୍ଚି ଦାବି କରିଥିଲେ ଯେ ସ୍ଥାନୀୟ ବିଧାୟକ ତାଙ୍କୁ ରଥଯାତ୍ରା ଉତ୍ସବ ସମ୍ପର୍କରେ ମଠ ପରିସରର ବାହାର କାନ୍ଥରେ ବ୍ୟାନର ଟାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଠ କର୍ତ୍ତୃପକ୍ଷ ତାଙ୍କୁ ଜଣାଇଥିଲେ ଯେ ସେମାନେ ବ୍ୟାନରଗୁଡ଼ିକର ବିଷୟବସ୍ତୁ ଦେଖିବା ପରେ ହିଁ ନିଷ୍ପତ୍ତି ନେବେ। ବ୍ୟକ୍ତି ଜଣକ ଚାଲିଯିବା ପରେ ଚୋରି ଘଟଣା ସାମ୍ନାକୁ ଆସିଥିଲା। ମଠର ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ଯେ ବ୍ୟାନର ଟାଙ୍ଗିବା ବିଷୟରେ ଆଲୋଚନା କରିବାକୁ ଆସିଥିବା ବ୍ୟକ୍ତି ଜଣକ ପରିସରରୁ ଅନେକ ଚେୟାର ଧରି ଚାଲିଯାଉଛନ୍ତି।

## ଆଜି ଗଡ଼ିବ ପ୍ରଥମ ହାଇଡ୍ରୋ ଟ୍ରେନ୍



ଚଣ୍ଡିଗଡ଼, ୧୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ହରିଆଣାର ଜିନ୍ଦ୍ ରେଳ ଷ୍ଟେସନରେ ଭାରତର ପ୍ରଥମ ଉଦ୍‌ଜାନ ଚାଳିତ (ହାଇଡ୍ରୋ) ରେଳଗାଡ଼ିର ଆନୁଷ୍ଠାନିକ ଉଦ୍‌ଘାଟନ କରିବେ। ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିକୌଶଳରେ ନିର୍ମିତ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଜିନ୍ଦ୍‌ଠାରୁ ସୋନିପତ୍ ରେଳଷ୍ଟେସନ ମଧ୍ୟରେ ଚାଲିବ। ଏଥିରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରଖାଯାଇଛି, ଯାହା ଯାତ୍ରୀମାନଙ୍କୁ ନେଇ ଯାଉଥିବା ବେଳେ ହାଇଡ୍ରୋଜେନ୍ ଲିକ୍, ଉତ୍ତାପ, ଶିଖା ଓ ଧୂଆଁକୁ ସହଜରେ ଠାବ କରିପାରିବ। ଏହି ଟ୍ରେନ୍ ଚଳାଚଳ ପାଇଁ କୌଣସି ବାହାର ସୂତ୍ରରୁ ଶକ୍ତି ଆବଶ୍ୟକ କରିବ ନାହିଁ। ଅଧିକନ୍ତୁ ଏହା ଉଦଯାନ ଓ ଅମ୍ଳଜାନ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟାଇ ଉତ୍ତାପ ଓ ଜଳୀୟ ବାଷ୍ପ ଜରିଆରେ ନିଜେ ଶକ୍ତି ସୃଷ୍ଟି କରି ଇଞ୍ଜିନକୁ କାର୍ଯ୍ୟକ୍ଷମ କରିବ। ଫଳରେ ପୂର୍ବରୁ ଇଞ୍ଜିନ୍ ସକ୍ରିୟ ହେବା ପାଇଁ ଆବଶ୍ୟକ ହେଉଥିବା ବିଦ୍ୟୁତ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଏହି ଟ୍ରେନର କାର୍ଯ୍ୟକ୍ଷମ ବା ଅପରେସନାଲ ଗତି ଘଣ୍ଟା ପ୍ରତି ୭୫ କିମି ଥିବା ଏହା ସର୍ବାଧିକ ଘଣ୍ଟା ପ୍ରତି ୧୧୦ କିମିଟରେ ବେଗରେ ଗତି କରିପାରିବ। ଏହି ଦୃଷ୍ଟିରୁ ଏହା ଜିନ୍ଦ୍ ଓ ସୋନିପତ୍ ମଧ୍ୟରେ କୌଣସି ବିଦ୍ୟୁତଚାଳିତ ଟ୍ରେନ୍ ତୁଳନାରେ ସର୍ବାଧିକ ଗତିରେ ଯାତ୍ରା କରିବ ବୋଲି କୁହାଯାଇଛି।

## ବସ୍‌କୁ ଧକ୍କା ଦେଲା ଟ୍ରକ, ୪ ମୃତ, ୩ ଆହତ

କୋଲକାତା, ୧୬।୭ (ସଂଚାର ବ୍ୟୁରୋ): ଖେଜୁରିରେ ଏକ ଦ୍ରୁତଗାମୀ ଟ୍ରକ ଖରାପ ହୋଇ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ବସ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ତିନିଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବସ୍ ଡ୍ରାଇଭର, ଦୁଇ ସହାୟକ ଏବଂ ମାଲିକ ଅଛନ୍ତି। ସୂତ୍ର ଅନୁଯାୟୀ, ରାତି ପ୍ରାୟ ୩ଟା ସମୟରେ ଦୀଘା-ନନ୍ଦକୁମାର ଜାତୀୟ ରାଜପଥର ଖେଜୁରି ଥାନା ଅନ୍ତର୍ଗତ ହେରିଆ ହସ୍ପିଟାଲ ନିକଟରେ ଏକ ଖାଲି ବସ୍ ଖରାପ ହୋଇ ଠିଆ ହୋଇଥିଲା। ଜଣେ ମେକାନିକ୍ ବସ୍ ମରାମତି କରୁଥିଲେ। ମାଲିକ, ଡ୍ରାଇଭର ଓ ହେଲପର ପାଖରେ ଠିଆ ହୋଇଥିଲେ। ହଠାତ୍ ଦୀଘା ଅଭିମୁଖେ ଯାଉଥିବା ଏକ ଟ୍ରକ ଅଟକିଥିବା ବସ୍ ପଛପଟେ ଜୋରରେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା।

## ପାର୍କ ଷ୍ଟ୍ରିଟ୍ ଗେଷ୍ଟ ହାଉସରେ ଅଗ୍ନିକାଣ୍ଡ

କୋଲକାତା, ୧୬।୭ (ସଂଚାର ବ୍ୟୁରୋ): ମାର୍କ୍ୱିସ୍ ଷ୍ଟ୍ରିଟ୍‌ସ୍ଥିତ ଗେଷ୍ଟ ହାଉସର ପଞ୍ଚମ ମହଲାରେ ଥିବା କାଠ ଫର୍ଣ୍ଣିଚରରୁ ନିଆଁ ଲାଗିଯାଇଛି। ଖବର ପାଇ ପାର୍କ ଷ୍ଟ୍ରିଟ୍ ଥାନାର ପୁଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁଇଟି ଦମକଳ ଗାଡ଼ି ନିୟୋଜିତ କରାଯାଇଥିଲା ଏବଂ ଅଗ୍ନିଶମ କର୍ମଚାରୀମାନେ ଏକ ଘଣ୍ଟା ମଧ୍ୟରେ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ।




ରବୀନ୍ଦ୍ର ମଣ୍ଡପରେ ଜାତୀୟ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ-୨୦୨୬

# ଲାଇସେନ୍ସ ରଦ୍ଦ, କମୁନି ସଡ଼କ ଦୁର୍ଘଟଣା



ଭୁବନେଶ୍ୱର,୧୬।୭: ଅମାନିଆ ଗାଡି ଚାଳକଙ୍କୁ ନିୟନ୍ତ୍ରଣ ପାଇଁ ସରକାର ଯେତେ ଦଣ୍ଡ ବ୍ୟବସ୍ଥା କଲେ ବି ସେମାନେ ସହଜରେ ମାନୁନାହାନ୍ତି। ବିଶେଷକରି ଲାଇସେନ୍ସ ରଦ୍ଦ ଓ ଆର୍ଥିକ ଜୋରିମାନା ସେମାନଙ୍କୁ କାବୁ କରୁନାହିଁ। ରାଜ୍ୟ ସରକାର ଏବେ ସଡ଼କ ଦୁର୍ଘଟଣାକୁ ନେଇ ଚିନ୍ତାରେ ପଡ଼ିଥିବା ବେଳେ ଅମାନିଆ ଗାଡ଼ିଚାଳକ ପାଇଁ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନଙ୍କୁ ଜବତ ପାଇଁ ଲାଇସେନ୍ସ ରଦ୍ଦ ଭଳି ପଦକ୍ଷେପ ନିଆଯାଇଥିଲା। ଏଥିଯୋଗୁଁ ଗତ ୨ ବର୍ଷରେ ରାଜ୍ୟରେ ୬୫ ହଜାରରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଥିବା ସରକାରୀ ଭାବେ କୁହାଯାଉଛି।

ସାଧାରଣତଃ ଲାଇସେନ୍ସ ନ ଥିବା ଚାଳକମାନେ ରାସ୍ତାଘାଟରେ ଗାଡ଼ିମୋଟର ଚଳାଇବା ଦଣ୍ଡନୀୟ ଅପରାଧ। ହେଲେ ଠିକଣା ଯାଞ୍ଚ ହେଉ ନ ଥିବାରୁ ଲାଇସେନ୍ସ ରଦ୍ଦ ହୋଇଥିବା ଚାଳକମାନେ ବି ବିନା ଭୟରେ ଗାଡ଼ିମୋଟର ଚଳାଉଛନ୍ତି। ଲାଇସେନ୍ସ ରଦ୍ଦ ତାଲିକାରେ ଭୁବନେଶ୍ୱରର ଦୁଇଟିଯାକ ଆରଟିଓ ଦପ୍ତର ସବୁଠାରୁ ଆଗରେ ରହିଛନ୍ତି। ଏଠାରେ ଦୁଇ ବର୍ଷରେ ସାଢ଼େ ୬ ହଜାରରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଛି। ଅନୁଗୋଳରେ ୪ ହଜାରରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଥିବା ବେଳେ କଟକରେ ୩୭୦୦ରୁ ଅଧିକ ଲାଇସେନ୍ସ ରଦ୍ଦ ହୋଇଛି।

କେବଳ ଲାଇସେନ୍ସ ରଦ୍ଦ ନୁହେଁ, ଅମାନିଆ ଚାଳକଙ୍କ ଉପରେ ଆର୍ଥିକ ଦଣ୍ଡ ମଧ୍ୟ ଲଗାଯାଉଛି। ଗତ ୨ ବର୍ଷରେ ଏଭଳି ଚାଳକଙ୍କ ଠାରୁ ୨୧୬ କୋଟି ଟଙ୍କାରୁ ଅଧିକ ଜରିମାନା ଆଦାୟ କରାଗଲାଣି। ଜରିମାନା ଗଣୁଥିବା ଚାଳକଙ୍କ ମଧ୍ୟରେ ମଦୁଆ ଓ ବିନା ଲାଇସେନ୍ସଧାରୀ ମଧ୍ୟ ରହିଛନ୍ତି। ଏତେ ପରିମାଣର ଜରିମାନା ଆଦାୟ ସତ୍ତ୍ୱେ ଡ଼େ଼କରେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି।

ରାଜ୍ୟ ସରକାର ବର୍ତ୍ତମାନ ସଡ଼କ ଦୁର୍ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ ବିନା ଲାଇସେନ୍ସଧାରୀ ବିଶେଷକରି ବେପରୁଆ ଗାଡ଼ି ଚାଳନା କରି ଲାଇସେନ୍ସ ହରାଇଥିବା ଚାଳକମାନେ ଯେଭଳି ଆଉ ଥରେ ସହଜରେ ଲାଇସେନ୍ସ ନ ପାଇବେ, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ସେହିଭଳି ଜରିମାନା ଗଣୁଥିବା ମଦୁଆ ଚାଳକମାନେ ମଧ୍ୟ ସହଜରେ ସୁଧୁରୁନାହାନ୍ତି। ତେଣୁ ମଦ ପିଇ ଗାଡ଼ି ଚଳାଇ ବାରମ୍ବାର ଧରାପଡୁଥିବା ଚାଳକମାନଙ୍କୁ କଠିନ ଦଫା ଲଗାଇ ଜେଲ୍ ପଠାଇବାକୁ ମତ ପ୍ରକାଶ ପାଉଛି।

ଅନ୍ୟ ପକ୍ଷରେ ଗାଁଗହଳରେ ଦୁଇଚକିଆ ଓ ଚାରିଚକିଆ ଗାଡ଼ି ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅନୁରୂପ ସଂଖ୍ୟାରେ କିନ୍ତୁ ଡ୍ରାଇଭିଂ ଲାଇସେନ୍ସ ହେଉନାହିଁ। ପରୀକ୍ଷା ଦେଇ ଲାଇସେନ୍ସ ହାସଲ କରିବା ଅପେକ୍ଷା ବିନା ଲାଇସେନ୍ସରେ ଗାଡ଼ି ଚଳାଇବାକୁ ଯୁବବର୍ଗ ପସନ୍ଦ କରୁଛନ୍ତି। ଏହା ମଧ୍ୟ ସଡ଼କ ଦୁର୍ଘଟଣାର ଅନ୍ୟତମ କାରଣ ପାଲଟୁଛି। ବିଶେଷକରି ଦୁର୍ଘଟଣା ପରେ ଲାଇସେନ୍ସ ନ ଥିବାରୁ ଚାଳକ ଓ ଆରୋହୀମାନେ କ୍ଷତିପୂରଣ ପାଇପାରୁନାହାନ୍ତି। ତେଣୁ ସଡ଼କ ଦୁର୍ଘଟଣାରେ ଅଙ୍କୁଶ ଲଗାଇବା ପାଇଁ ଲାଇସେନ୍ସ ପ୍ରଦାନ ବ୍ୟବସ୍ଥାକୁ କଠୋର କରିବା ସହ ବିନା ଲାଇସେନ୍ସ ଚାଳକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମତ ପ୍ରକାଶ ପାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚକେ ଗଡ଼ିଲେନି...

କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ସିଂହଦ୍ୱାରରୁ ମାତ୍ର ୨ ହାତ ଗଡ଼ି ଅଟକିଯାଇଛି। ଆସନ୍ତାକାଲି ପୁଣି ରଥଟଣା ହେବ ବୋଲି ପ୍ରଶାସନ କହିଛି। ଆସନ୍ତାକାଲି ସକାଳ ୯.୩୦ରେ ରଥ ଟଣା ହେବ। ସେହିପରି ଆସନ୍ତାକାଲି ଆଡ଼ପ ମଣ୍ଡପ ପହଣ୍ଡି ହେବ ନାହିଁ। ଆସନ୍ତା ୧୮ ତାରିଖରେ ଶ୍ରୀଜିଉ ଆଡ଼ପ ବିଜେ ହେବ। ଆଜି ପୁରୀରେ ଲଗାଣ ବର୍ଷା ଭକ୍ତଙ୍କ ଉତ୍କଣ୍ଠାକୁ ଫିକା କରିପାରିନାହିଁ। ଭାବରେ ଭକ୍ତ ଭିଜୁଥିବା ବେଳେ ବର୍ଷାରେ ଭିଜିଥିଲା ପୁରୀ ବଡ଼ଦାଣ୍ଡ। ତୁହାକୁ ତୁହା ବର୍ଷା ଆଉ ପ୍ରତିକୂଳ ପାଗରେ ବି ଜଗନ୍ନାଥ ଭକ୍ତି ରସରେ ଜଡସଡ଼ ପୁରୀ ଶ୍ରୀକ୍ଷେତ୍ର ଧାମ। ପୁରୀରେ ଗତକାଲିଠାରୁ ଲଘୁଚାପ ବର୍ଷା ଜାରି ରହିଥିଲେ ହେଁ ଆଜି କାଳିଆର ଅପୂର୍ବ ଲୀଳା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରୀମନ୍ଦିରରେ ଆଜି ସକାଳୁ ଶ୍ରୀଜିଉଙ୍କ ସମସ୍ତ ଦୈନନ୍ଦିନ ନୀତିକାନ୍ତି ସରିବା ପରେ ସକାଳ ଧୂପରେ ଖେଚୁଡ଼ି ଭୋଗ ଖାଇ ଜନ୍ମବେଦୀକୁ ବିଜେ ପାଇଁ ପ୍ରସ୍ତୁତ ହୋଇସାରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ନିର୍ଦ୍ଧାରିତ ସମୟର ଅଧଘଣ୍ଟା ଆଗରୁ ଅର୍ଥାତ ସକାଳ ୯ଟାରୁ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଘଣ୍ଟ, ଘଣ୍ଟା, କାହାଳି ଓ ତୁରୀ ବାଦ୍ୟରେ କମ୍ପିଥିଲା ଚଉଦିଗ। ଏହାରି ଭିତରେ ପ୍ରଥମ ରତ୍ନବେଦୀ ଛାଡ଼ି ଝୁଲି ଝୁଲି ଆସିଥିଲେ ଚକ୍ରରାଜ ସୁଦର୍ଶନ। ପରେ ଗୋଟି ପହଣ୍ଡିରେ ଜଣଙ୍କ ପରେ ଜଣେ ଆସି ରଥାରୂଢ଼ ହୋଇଥିଲେ ବଡ଼ଠାକୁର ବଳଭଦ୍ର ଆଉ ଦେବୀ ସୁଭଦ୍ରା। ସବୁଠାରୁ ଶେଷରେ କଳା ସାଆନ୍ତ ନୀଳକନ୍ଦର ଛାଡ଼ିବା ବେଳକୁ ଆଜି ଭକ୍ତଙ୍କୁ ଦେଖାଇଥିଲେ ତାଙ୍କ ଅପୂର୍ବ ଲୀଳାଖେଳା। ସିଂହଦ୍ୱାର ନିକଟରେ ମହାପ୍ରଭୁ ପହଞ୍ଚିଲା ବେଳକୁ ତାଙ୍କ ଟାହିଆ ଖସିପଡ଼ିଥିଲା। ପରେ ସିଂହଦ୍ୱାରରୁ ନନ୍ଦିଘୋଷ ରଥରେ ବିଜେ ହେବା ଯାଏଁ ବିନା ଟାହିଆରେ ଝୁଲି ଝୁଲି ଆସିଥିଲେ ଭାବ ବିନୋଦିଆ ହସିଆ ଠାକୁର। ବିଭିନ୍ନ ନୀତିକାନ୍ତି ପରେ ଅପରାହ୍ଣ ୫ଟାରେ ହରିବୋଲ, ହୁଳହୁଳି ନାଦ ଓ ଡାହୁକ ଡାକ ପରେ ପ୍ରଥମେ ଗଡ଼ିଥିଲା ବଳଭଦ୍ରଙ୍କ ତାଳଧ୍ୱଜ। ତା'ପରେ ଭଉଣୀ ସୁଭଦ୍ରା ଓ ଶେଷରେ କଳାଠାକୁରଙ୍କ ନନ୍ଦିଘୋଷ ସନ୍ଧ୍ୟା ୭.୭ରେ ଗଡ଼ିଥିଲା। ହେଲେ ମାତ୍ର ଦି' ହାତ ଗଡ଼ି ଆଜି ପାଇଁ ରଥଟଣାକୁ ବନ୍ଦ ଘୋଷଣା କରିଥିଲା ପ୍ରଶାସନ। ଶାସ୍ତ୍ରୀୟ ନୀତି ଓ ରଥଯାତ୍ରାର ପରମ୍ପରା ପାଳନ ପୂର୍ବକ ସନ୍ଧ୍ୟା ପରେ ରଥଟଣା ବନ୍ଦ କରାଯାଇଛି।

### ପ୍ରତିକୂଳ ପାଗ ସତ୍ତ୍ୱେ...

ସରକାର ରଥଯାତ୍ରାର ସଫଳ ପରିଚାଳନା ପାଇଁ ବ୍ୟାପକ ଓ ବହୁସ୍ତରୀୟ ବ୍ୟବସ୍ଥା କରିଥିଲେ। ପୁଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ ସେବା, ଓଡ୍ରାଫ୍, ଏନଡିଆରଏଫ, ପରିବହନ, ପୌର ପ୍ରଶାସନ, ଜନସ୍ୱାସ୍ଥ୍ୟ, ଶକ୍ତି ଓ ଅନ୍ୟାନ୍ୟ ବିଭାଗକୁ ସାମିଲ କରି ବ୍ୟାପକ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।୨୪ଘଣ୍ଟିଆ ପର୍ଯ୍ୟବେକ୍ଷଣ, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜନ, ସିସିଟିଭି କଭରେଜ୍, ଘୋଷଣା ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଜରୁରୀକାଳୀନ ଚିକିତ୍ସା ସହାୟତା ମାଧ୍ୟମରେ ଭକ୍ତମାନଙ୍କ ସୁରକ୍ଷିତ ଓ ସୁବିଧାଜନକ ଦର୍ଶନକୁ ସୁବ୍ୟବସ୍ଥିତ କରାଯାଇଥିଲା। ଭକ୍ତଙ୍କ ବିପୁଳ ସମାଗମ ଓ ଲଗାଣ ବର୍ଷା ଯୋଗୁଁ କିଛି ସ୍ୱାସ୍ଥ୍ୟ ସମସ୍ୟା ନଜରକୁ ଆସିଥିଲା। ଏହି ସମୟରେ ୭ ଜଣ ବ୍ୟକ୍ତି ଅସୁସ୍ଥ ଅନୁଭବ କରିଥିଲେ ଓ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ପୁରୁଷ ଭକ୍ତ ଦୁର୍ଭାଗ୍ୟବଶତଃ ଭାବେ ମୃତ୍ୟୁବରଣ କରିଛନ୍ତି। ତେବେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ। ପୃଥକ ଭାବେ ଆଉ ଏକ ଘଟଣାରେ ଅନ୍ୟ ଜଣେ ଭକ୍ତଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସେ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ସମସ୍ତ ସେବାୟତଙ୍କୁ ହୃଦୟର ସହ କୃତଜ୍ଞତା ଜଣାଇବା ସହ ଭକ୍ତଙ୍କୁ ସେମାନଙ୍କ ଧୈର୍ଯ୍ୟ, ଶୃଙ୍ଖଳା ଓ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

### ଶୁଭେଚ୍ଛା ଜଣାଇଲେ...

ଦିଅନ୍ତୁ ଏବଂ ସମାଜରେ ଏକତାର ଭାବନାକୁ ଆହୁରି ସୁଦୃଢ଼ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ରଥଯାତ୍ରା ଉପଲକ୍ଷେ ଦେଶବିଦେଶରେ ରହୁଥିବା ଶ୍ରୀଜଗନ୍ନାଥଙ୍କ ଭକ୍ତଗଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଏହି ମହାପର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଗିନୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ସହ ରଥାରୂଢ଼ ହୋଇ ଭକ୍ତଙ୍କ ସହ ମିଳିତ ହୁଅନ୍ତି। ଭକ୍ତ ଓ ଭଗବାନଙ୍କ ମିଳନର ଏହି ପର୍ବ ବିଶ୍ୱରେ ବିରଳ। ଏହି ଅବସରରେ ଦେଶ ଓ ଦେଶବାସୀଙ୍କ ସୁଖ ସମୃଦ୍ଧି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି କହିଛନ୍ତି।

### ଦୁଇ ମୃତ, ୩୬୨...

ଅଧିକାରୀଙ୍କ ବାହାସ୍ଫୋଟ ଯୋଗୁ ଆଜି ଦୁଇ ଜଣ ଭକ୍ତଙ୍କର ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ଏପରିକି ଗତବର୍ଷ ଭଳି ଚଳିତ ଥର କୋଟି କୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ଭାବେ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟର (ଆଇସିସିସି) ସ୍ଥାପନ କରିବା କେବଳ ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଛି। ରଥଯାତ୍ରାରେ ବର୍ଷା ହେବ ବୋଲି ମଧ୍ୟ ପୂର୍ବରୁ ପାଣିପାଗ ବିଭାଗ ସତର୍କ କରିଥିଲା। ପାଗ ଦେଖି ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରାକ ପ୍ରସ୍ତୁତି କରି ନ ଥିଲା କି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଏହା ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରତିକୂଳ ପାଗ ସତ୍ତ୍ୱେ ପବିତ୍ର ରଥଯାତ୍ରା ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଦିନ ପ୍ରାୟ ୧ଟା ୨୫ ମିନିଟରେ ମରିଚିକୋଟ ଛକ ନିକଟରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଯିବାରୁ ସେଠାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସିଂହଦ୍ୱାରଠୁ ମାତ୍ର ୨୦୦ ମିଟର ଦୂରରେ ଏଭଳି ଦଳାଚକଟା ହୋଇଥିବା ଜଣାପଡ଼ିଛି। ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୩୬୨ ଜଣ ଶ୍ରଦ୍ଧାଳୁ ଆହତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣ ଗୁରୁତର ଥିବା ବେଳେ [illegible] ଜଣ ଆଂଶିକ ଆହତ ହୋଇଥିବା ସୂଚନା ମିଳିଛି। ମୃତକ ଜଣଙ୍କ ଅନୀଲ କୁମାର ଦାସ ବୋଲି ଜଣାପଡ଼ିଛି। କିନ୍ତୁ ଅନ୍ୟ ଜଣଙ୍କର କୌଣସି ପରିଚୟ ମିଳିପାରିନାହିଁ। ସେପଟେ ଏହି ଘଟଣାରେ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମୃତ ବ୍ୟକ୍ତିଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ସାଙ୍ଗକୁ ଆହତଙ୍କୁ ୨ ଲକ୍ଷ ଟଙ୍କାର ସହାୟତା ଦାବି କରିଛନ୍ତି। ଏଥିସହ ଯେଉଁ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଏଭଳି ଅଘଟଣ ଘଟିଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଅପିଲ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ...

ମଧ୍ୟରେ ନିଜର ଫଟୋ ସେୟାର କରିଛନ୍ତି। ସେ ଅଭିନେତ୍ରୀଙ୍କ ପରିଚୟକୁ ଆମେ ଜାଣିଶୁଣି ଗୋପନ ରଖିଛୁ। କିନ୍ତୁ ଏ ମହିଳା ଜଣଙ୍କର ରଥ କର୍ଡନରେ କି କାର୍ଯ୍ୟ ଥିଲା? ଜିଲ୍ଲାପାଳ ତାଙ୍କୁ କାହିଁକି କର୍ଡନ ପାସ ଦେଇଥିଲେ? ନା ତାଙ୍କ ପାଇଁ କିଏ ସୁପାରିସ୍ କରିଥିଲେ? ସେହିଭଳି ଅନ୍ୟ ଜଣେ ଆନମଧେୟ ବ୍ୟକ୍ତି ମଧ୍ୟ କର୍ଡନ ପାସ ଓ କାର ପାସ ପାଇଥିବା ଫଟୋ ସେୟାର କରିଛନ୍ତି। ଆଉ ଜଣେ ବ୍ୟକ୍ତି ଲିମିଟେଡ ପାସ୍ କିଏ କିଣିବାକୁ ଆଗ୍ରହୀ ଲେଖି ତାଙ୍କ କର୍ଡନ ପାସର ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା।

### ନବୋଦୟ ବିଦ୍ୟାଳୟରେ...

ଦିଆଯାଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ୨ ଜଣ ଛାତ୍ରଙ୍କ ବିରୋଧରେ ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି। ସେହିପରି ବିଦ୍ୟାଳୟ ଅଧ୍ୟକ୍ଷ ୯ ଅଭିଯୁକ୍ତ ସିନିୟର ଛାତ୍ରଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି ବୋଲି କହିଛନ୍ତି।

### ଟାହିଆ ନଦେଖି...

[illegible]

### ପ୍ରସ୍ତୁତ ହେଉଛି ଚିଠାଦାରଙ୍କ...

[illegible]

## ହିଞ୍ଜିଳିକାଟୁରେ ରଥ ଟାଣିଲେ ଶହ ଶହ ଶ୍ରଦ୍ଧାଳୁ



ହିଞ୍ଜିଳିକାଟୁ,୧୬।୭ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳର ବର୍ଦ୍ଧିତବଣିଆ ସ୍ଥିତ ପାବନ ଶ୍ରୀକ୍ଷେତ୍ରରେ ରଥଯାତ୍ରା ବହୁ ଆଡମ୍ବରରେ ପାଳିତ ହୋଇଯାଇଛି। ସକାଳୁ ବିଭିନ୍ନ ରୀତିନୀତି ପରେ ଶ୍ରୀଜୀଉଙ୍କ ପହଣ୍ଡି ପରେ ରଥାରୂଢ଼ କରାଯାଇଥିଲା। ମନ୍ଦିରର ପୂଜକ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଛେରା ପହଁରା କରାଯାଇଥିଲା। ତା 'ପରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅପରାହ୍ନ ୫ ଟାରୁ ରଥ ଟଣା ଆରମ୍ଭ ହୋଇ ୬ ଟାରେ ମିନି ଷ୍ଟାଡିୟମରେ ନିର୍ମିତ ଅସ୍ଥାୟୀ ମାଉସୀ ମା'ଙ୍କ ନିକଟରେ ରଥ ପହଞ୍ଚିଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ଆରଏସଏସ ଓ ତ୍ରିରଙ୍ଗା ସେବା ସଂଘ ସମେତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଯୁବ ସଂଗଠନ ଗୁଡିକ ସହଯୋଗ କରିଥିଲେ। ପରେ ରଥରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅସ୍ଥାୟୀ ଆଡପ ମଣ୍ଡପକୁ ନିଆଯାଇଥିଲା। ଠିକ୍ ସେହିଭଳି ପାଟଣା ସାହିରେ ତହସିଲଦାର ତପନ ମହାପାତ୍ର ପହଞ୍ଚି ଛେରା ପହଁରା କରିଥିଲେ। ବାଦ୍ୟ ବାଜଣାରେ ପରିବେଶ ପ୍ରକମ୍ପିତ ହୋଇଥିବା ବେଳେ ସମସ୍ତ ସାହି ବାସିନ୍ଦା ସହଯୋଗ କରିଥିଲେ |ଉପର ରେଗିଡ଼ି ସାହିରେ କୁନି ଛାତ୍ରଙ୍କ ଦ୍ୱାରା କୁନି ରଥ ଟଣା ଯାଇଥିଲା |ରଙ୍ଗଣୀ ସାହିରେ ରଥଯାତ୍ରା ପାଳିତ ହୋଇଥିବା ବେଳେ ହିଞ୍ଜିଳି ବ୍ଲକର ବୁରୁପଡା ଓ କଞ୍ଚୁରୁ ଗ୍ରାମରେ ରଥଯାତ୍ରା ପାଳିତ ହୋଇଯାଇଛି |

# ଲଗାଣ ବର୍ଷାରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜଳମଗ୍ନ

### ଆଣ୍ଠୁଏ ଉଚ୍ଚର ପାଣିରେ ଫସିଲେ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀ

### ଚିକିତ୍ସା ସେବା ବ୍ୟାହତ

### ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି



ଖୋର୍ଦ୍ଧା,୧୬।୭ (ସଂଚାର ବ୍ୟୁରୋ): ଲଘୁଚାପର ପ୍ରଭାବରେ ଖୋର୍ଦ୍ଧା ଜିଲ୍ଲାରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଅବିରତ ବର୍ଷା ଯୋଗୁଁ ଅନେକ ଗ୍ରାମାଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପରିସ୍ଥିତିର ସବୁଠାରୁ ଚିନ୍ତାଜନକ ଚିତ୍ର ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକର ବାଙ୍କୋଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ। ଅବିରତ ବର୍ଷାରେ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପୂର୍ଣ୍ଣ ପରିସର ଜଳମଗ୍ନ ହୋଇପଡ଼ିଥିବାବେଳେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଓ.ପି.ଡି, ୱାର୍ଡ, କରିଡର ଏବଂ ବିଭିନ୍ନ ବିଭାଗ ଭିତରକୁ ପଶିଯାଇଛି। ଏହା ଫଳରେ ଚିକିତ୍ସା ସେବା ବ୍ୟାହତ ହୋଇଥିବା ସହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ବହୁ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବାରୁ ରୋଗୀମାନଙ୍କୁ ଚିକିତ୍ସା କକ୍ଷକୁ ନେବା ଓ ଆଣିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଭେତରେ ଥିବା ରୋଗୀମାନେ ଭୟ ଓ ଆତଙ୍କରେ ସମୟ କାଟିଥିଲେ। ଅନେକ ରୋଗୀଙ୍କ ସମ୍ପର୍କୀୟ ପାଣି ଭିତରେ ଚାଲି ଚାଲି ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରୁଥିବା ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ଜଳବନ୍ଦୀ ପରିସ୍ଥିତି ମଧ୍ୟରେ ରୋଗୀଙ୍କ ସେବା ଜାରି ରଖିବାକୁ ବାଧ୍ୟ ହୋଇଥିଲେ। ବିଦ୍ୟୁତ ଉପକରଣ, ଔଷଧ ଓ ଚିକିତ୍ସା ସାମଗ୍ରୀର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଥିଲା।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହେଲେ ପାଣି ପଶିବା କୌଣସି ନୂଆ ଘଟଣା ନୁହେଁ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନାହିଁ। ଘଟଣାକୁ ନେଇ ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଖୋର୍ଦ୍ଧା ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ବୋଲଗଡ଼ ବ୍ଲକ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ଯୁଦ୍ଧକାଳୀନ ଭିତ୍ତିରେ ପାଣି ନିଷ୍କାସନ, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

**ଗରଡିହି ଦଧିବାମନ ଜୀଉଙ୍କ ଘୋଷଯାତ୍ରାରେ ଅଘଟଣ**

## ରଥରେ ଭାଙ୍ଗିଲା ଅଖ, ଅଳ୍ପକେ ବର୍ତ୍ତିଲେ ଶ୍ରଦ୍ଧାଳୁ



ନୀଳଗିରି, ୧୬।୭ (ସଂଚାର ବ୍ୟୁରୋ): ଗରଡିହି ଠାରେ ପରମଆରାଧ୍ୟ ଜଗନ୍ନାଥଙ୍କ ମନ୍ଦିରରେ ଦଧିବାମନଙ୍କର ପ୍ରତିବର୍ଷ ରଥଯାତ୍ରା ହୋଇଆସୁଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସମସ୍ତପ୍ରସ୍ତୁତି ସରି ଆଜି ପବିତ୍ର ଘୋଷଯାତ୍ରା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଯିବାପରେ ରଥଟଣା ଆରମ୍ଭ ହୋଇଥିଲା। ଏହି ଅବସରରେ ଅମରେନ୍ଦ୍ର ଦାସ ମହାପାତ୍ର ରଥଉପରେ ଛେରାପହଁରା କରିଥିବା ବେଳେ, ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ,ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ର ବିନ୍ଦୁ ଦାସ ,ଗଙ୍ଗାଧର ମିଶ୍ରଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତେବେ ରଥ ୧୦୦ମିଟର ପାଖାପାଖି ଗଡିବାପରେ ହଠାତ୍ ରଥର ପଛଅଖ ଭାଙ୍ଗିଯାଇଥିଲା। ଫଳରେ ରଥ ଉପରେ ଥିବା ସେବାୟତ ଏବଂ ଅନ୍ୟ କର୍ମଚାରୀ ଅଳ୍ପକେ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ତେବେ ଏଭଳି ଅଘଟଣ କେବଳ ଚଳିତବର୍ଷ ନୁହେଁ ୨୦୨୩ ମସିହାରେ ମଧ୍ୟ ଏଭଳି ଅଘଟଣ ଘଟିଥିଲା। ଠାକୁରମାହଲ ଅଧୀନରେ ଥିବା ଏହିମନ୍ଦିରର ସମସ୍ତ ନୀତିକାନ୍ତି ଏବଂ ରକ୍ଷଣାବେକ୍ଷଣ ଥିବାବେଳେ ବାରମ୍ବାର ମନ୍ଦିର ପ୍ରତି ଅବହେଳା ନେଇ ଅଭିଯୋଗ ଉଠିଛି।

## ରଥଟଣା ବେଳେ ଘର କାନ୍ଥରେ ବାଜିଲା ରଥ, ଅଳ୍ପକେ ଟଳିଲା ବଡ଼ ଅଘଟଣ



ନାରାୟଣପାଟଣା, ୧୬।୭ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ନାରାୟଣପାଟଣା ସଦରରେ ଗୁରୁବାର ଅନୁଷ୍ଠିତ ରଥଟଣା ବେଳେ ଏକ ଅପ୍ରୀତିକର ଘଟଣା ଘଟିଥିଲା। ହଜାର ହଜାର ଭକ୍ତଙ୍କ 'ହରିବୋଲ' ଧ୍ୱନି ମଧ୍ୟରେ ରଥ ଟଣାଯାଉଥିବା ସମୟରେ ହଠାତ୍ ରଥଟି ନିର୍ଦ୍ଧାରିତ ପଥରୁ ସରି ନିକଟସ୍ଥ ଏକ ଘରର କାନ୍ଥରେ ବାଜିଯାଇଥିଲା। ଏଥିରେ କିଛି ସମୟ ପାଇଁ ରଥଟଣା ବନ୍ଦ ରହିବା ସହ ଘଟଣାସ୍ଥଳରେ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଥିଲା।

ରଥକୁ ପୂର୍ବ ସ୍ଥିତିକୁ ଆଣିବା ପାଇଁ ଜେସିବି ସହାୟତା ନିଆଯାଇଥିଲେ ମଧ୍ୟ ସଫଳତା ମିଳିନଥିଲା। ଦୀର୍ଘ ସମୟ ଧରି ପ୍ରୟାସ ଚାଲିଥିଲେ ମଧ୍ୟ ରଥଟି ସମ୍ପୃକ୍ତ ସ୍ଥାନରେ ଅଟକି ରହିଥିଲା। ତେବେ ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଭକ୍ତ କିମ୍ବା ରଥରେ ବିରାଜମାନ ଶ୍ରୀଜିଉଙ୍କର କୌଣସି କ୍ଷତି ହୋଇନଥିବାରୁ ଏକ ବଡ଼ ଅଘଟଣ ଟଳିଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ନାରାୟଣପାଟଣା ବଡ଼ଦାଣ୍ଡ ସଂକୀର୍ଣ୍ଣ ଥିବାରୁ ପ୍ରତିବର୍ଷ ରଥଯାତ୍ରା ବେଳେ ରଥ ଚଳାଚଳରେ ସମସ୍ୟା ଦେଖାଦେଉଛି। କେତେବେଳେ ରଥ ଡ୍ରେନ୍ ଉପରକୁ ଚଢ଼ିଯାଉଥିବା ବେଳେ ଆଉ କେତେବେଳେ ଘର କାନ୍ଥରେ ବାଜୁଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସ୍ଥାୟୀ ସମାଧାନ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ନେମ୍ ଆଣ୍ଡ ଫେମ୍ ସ୍କୁଲ୍‌ରେ ଚାରା ବଣ୍ଟନ




ଯାଜପୁର ରୋଡ଼, ୧୬।୭ (ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀରେ ଥିବା ନେମ୍ ଆଣ୍ଡ ଫେମ୍ ସ୍କୁଲ୍ ପରିସରରେ, ଜୟ ମହାକାଳ ଫାଉଣ୍ଡେସନ ଓଡ଼ିଶା ଓ ନେମ୍ ଆଣ୍ଡ ଫେମ୍ ସ୍କୁଲର ମିଳିତ ସହଯୋଗରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜୟ ମହାକାଳ ଫାଉଣ୍ଡେସନର ଅଧ୍ୟକ୍ଷ ମନୋଜ ଦାସ ବୃକ୍ଷ ହିଁ ଜୀବନ, ବୃକ୍ଷ ବିନୁ ସୃଷ୍ଟି ଅସମ୍ଭବ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ । ନେମ୍ ଆଣ୍ଡ ଫେମ୍ ସ୍କୁଲ ର ଅଧ୍ୟକ୍ଷ ବିଶ୍ୱନାଥ ପଣ୍ଡା ବୃକ୍ଷର ଉପଦୟତା ବିଷୟରେ କହିବା ସହ ବୃକ୍ଷ ପ୍ରକୃତିକୁ ସୁରକ୍ଷା ଦେବା ସହ ମନୁଷ୍ୟ ତଥା ବିଶ୍ୱ ପ୍ରଗତିରେ ସହାୟକ ହୋଇଥାଏ।

ଏହି ଅବସରରେ ନେମ୍ ଆଣ୍ଡ ଫେମ୍ ସ୍କୁଲର ଚେୟାରମ୍ୟାନ ବନୋଜ ଜେନା ସମସ୍ତ ଅଭିଭାବକଙ୍କୁ ବୃକ୍ଷକୁ ନିଜ ବାରିରେ ଲଗାଇବା ସହ ନିଜ ପୁଅ ଝିଅ ଭଳି ସ୍ନେହ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ସମାଜସେବୀ ସନ୍ତୋଷ କୁମାର ବେହେରା ବୃକ୍ଷ ର ଉପାଦେୟତା ବିଷୟରେ କହିବା ସହ ସମସ୍ତ ଅଭିଭାବମାନଙ୍କୁ ବୃକ୍ଷ ବଣ୍ଟନ କରିଥିଲେ । ଜୟ ମହାକାଳ ଫାଉଣ୍ଡେସନ ଆଣିଥିବା ମୋଟ ୧୦୦ ଚାରା ଗଛ ବଣ୍ଟନ କରାଯାଇଥିଲା । ଜୟ ମହାକାଳ ଫାଉଣ୍ଡେସନ୍ ସମାଜରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବା ସହିତ ପ୍ରତ୍ୟେକ ନାଗରିକଙ୍କୁ ଅତି କମରେ ଗୋଟିଏ ବୃକ୍ଷ ରୋପଣ ଓ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ମଧ୍ୟ ଦିଆଯାଇଛି ।

## ପ୍ରଭୁ ବଳରାମ ଜୀଉଙ୍କ ପାରମ୍ପରିକ ରଥଯାତ୍ରା ସମ୍ପନ୍ନ




ଢେଙ୍କାନାଳ, ୧୬।୭ (ସଂଚାର ବ୍ୟୁରୋ): ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ଢେଙ୍କାନାଳର ଆରାଧ୍ୟ ପ୍ରଭୁ ବଳରାମ ଜୀଉଙ୍କ ରଥଯାତ୍ରା ପରମ୍ପରାର ଅନୁଷ୍ଠିତ ହେଉଛି। ଢେଙ୍କାନାଳର ପରମ୍ପରା ମୁତାବକ ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ରଥରେ ଛେରା ପହଁରା କରିଛନ୍ତି। ରଥଯାତ୍ରାର ନୀତିକାନ୍ତି ମୁତାବକ ପ୍ରାତଃ ସମୟରେ ଜୀଉଙ୍କ ସ୍ନାନ ମାର୍ଜନା ସାରି ପରେ ସକାଳ ଧୂପ ଓ ନୀତିକାନ୍ତି କରାଯାଇଥିଲା। ପରେ ପହଣ୍ଡି ବେଶ ଓ ମଙ୍ଗଳାର୍ପଣ ପୂଜା କରି ରାଜ ଦର୍ଶନ କରାଯାଇଥିଲା। ଚଳିତ ବର୍ଷ ୧୧ଟା ୪୫ ମିନିଟ୍‌ରେ ପହଣ୍ଡି ବିଜେ କରାଯାଇଛି । ପରେ ପ୍ରଭୁଙ୍କ ଅଂଗଲାଗି ପଗଡ଼ି ବନ୍ଧନ ପରେ ରଥ ଟଣା ଅପରାହ୍ନ ୩ଟା ୩୦ ମିନିଟ ସମୟରେ ଆରମ୍ଭ କରାଯାଇଥିଲା । ଏହି ଅବସରରେ ରଥ ଆଗେ ଆଗେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଲକ୍ଷରୁ ଭଜନ କୀର୍ତ୍ତନ ସାଙ୍ଗକୁ ନାଚ ଗୀତର ଆସର ମଧ୍ୟରେ ଶ୍ରଦ୍ଧାଳୁ ମାନେ ରଥକୁ ଟାଣି ଟାଣି ନେଇଥିଲେ। ଫଳରେ ସମ୍ପୂର୍ଣ୍ଣ ଢେଙ୍କାନାଳ ସହର ଆଧ୍ୟାତ୍ମିକ ପରିବେଶରେ ବୁଡି ରହିଥିଲା । ବଡ଼ ରଥକୁ ସମସ୍ତେ ଟାଣୁଥିବା ବେଳେ ସାନ ରଥକୁ କେବଳ ମହିଳା ମାନେ ଟାଣି ଟାଣି ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଉଥିବା ଦେଖାଯାଇଥିଲା।

## ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ମହର୍ଷି କଲେଜ ପକ୍ଷରୁ ଆଲୋଚନାଚକ୍ର




ଭୁବନେଶ୍ୱର, ୧୬।୭ (ସଂଚାର ବ୍ୟୁରୋ): ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ମହର୍ଷି କଲେଜ ଅଫ୍ ନ୍ୟାଚୁରାଲ ଲ'ର ଅର୍ଥନୀତି ବିଭାଗ ପକ୍ଷରୁ "ପାରସ୍ପରିକ ସମ୍ପର୍କ ଏବଂ ପ୍ରତିଗମନ ବିଶ୍ଳେଷଣ ଏବଂ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରୟୋଗ" ଉପରେ ଏକ ଆଲେଚନାଚକ୍ରର ଆୟୋଜନ କରାଯାଇଥିଲା ।

କଲେଜ ଅଧ୍ୟକ୍ଷା ବି. ସିଂହ ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯିଏ ଜନସଂଖ୍ୟାର ଗତିଶୀଳତା, ଅର୍ଥନୈତିକ ଯୋଜନା ଏବଂ ପ୍ରମାଣ ଆଧାରିତ ନୀତି ନିର୍ଦ୍ଧାରଣକୁ ବୁଝିବା ପାଇଁ ପରିସଂଖ୍ୟାନ ବିଶ୍ଳେଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ପ୍ରଫୁଲ୍ଲ କୁମାର ସ୍ୱାଇଁ ପାରସ୍ପରିକ ସମ୍ପର୍କ ଏବଂ ପ୍ରତିଗମନ ବିଶ୍ଳେଷଣର ଧାରଣା ଉପରେ ଏକ ଅନ୍ତର୍ଦୃଷ୍ଟିସମ୍ପନ୍ନ ବକ୍ତୃତା ପ୍ରଦାନ କରିଥିଲେ ଏବଂ ଆର୍ଥିକ ତଥା ଜନସଂଖ୍ୟା ସମ୍ବନ୍ଧୀୟ ଗବେଷଣାରେ ସେମାନଙ୍କର ପ୍ରୟୋଗ ବିଷୟରେ ବର୍ଣ୍ଣନା କରିଥିଲେ।

ଅର୍ଥନୀତି ବିଭାଗର ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଏହି ଆଲୋଚନାଚକ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଶ୍ନ-ଉତ୍ତର ଅଧିବେଶନ ସମୟରେ ବିଶେଷଜ୍ଞମାନଙ୍କ ସହ ଭାବ ବିନିମୟ କରିଥିଲେ।

## ଶାନ୍ତିଶୃଙ୍ଖଳାର ସହ ଶେଷ ହେଲା ରଥଯାତ୍ରା



କୋରାପୁଟ, ୧୬।୭ (ସଂଚାର ବ୍ୟୁରୋ): ଶାବର ଶ୍ରୀକ୍ଷେତ୍ର କୋରାପୁଟରେ ଚଳିତ ବର୍ଷର ପବିତ୍ର ରଥଯାତ୍ରା ବର୍ଷା ସତ୍ତ୍ୱେ ଭକ୍ତି, ଉତ୍ସାହ ଓ ଶାନ୍ତିଶୃଙ୍ଖଳାର ସହ ସଫଳତାର ସହିତ ସମ୍ପନ୍ନ ହୋଇଛି। ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିବା ବେଳେ ମଝିରେ ମଝିରେ ବର୍ଷା ହେଉଥିଲା, ତଥାପି ଭକ୍ତମାନଙ୍କ ଉତ୍ସାହରେ କୌଣସି କମି ଦେଖାଯାଇନଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ବିଧିବଦ୍ଧ ଭାବେ ରଥାରୂଢ଼ କରାଯାଇଥିଲା।

ପରମ୍ପରା ଅନୁଯାୟୀ ତିନୋଟି ରଥରେ ତିନିଜଣ ଆଦିବାସୀ ପ୍ରତିନିଧିଙ୍କ ଦ୍ୱାରା ଛେରାପହଁରା ନୀତି ପାଳନ କରାଯାଇଥିଲା, ଯାହା ଏହି ରଥଯାତ୍ରାର ଏକ ନିଆରା ବୈଶିଷ୍ଟ୍ୟ। ରଥ ଉପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମା ଗ୍ରାମ ମୁଖିଆମାନଙ୍କୁ ଶିରୋପା ପ୍ରଦାନ କରି ସମ୍ମାନିତ କରିଥିଲେ। ଏହାପରେ କୋରାପୁଟର ପାହାଡ଼ ଓ ଜଙ୍ଗଲ ଅଞ୍ଚଳରୁ ଆଣିଥିବା ଫଳ, ମୂଳ, ପୁଷ୍ପ ଓ ବିଭିନ୍ନ ବନଜାତ ଉପାଦାନକୁ ମହାପ୍ରଭୁଙ୍କ ନିକଟରେ ଆଦିବାସୀ ଭକ୍ତମାନେ ପ୍ରଥମ ଭୋଗ ଭାବେ ଅର୍ପଣ କରିଥିଲେ। ବର୍ଷାର ଝିପିଝିପି ବୁନ୍ଦା ମଧ୍ୟରେ ହଜାର ହଜାର ଭକ୍ତ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ପରିବେଶକୁ ଭକ୍ତିମୟ କରି ତିନୋଟି ରଥକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଇଥିଲେ।

## ଚଢ଼େଇବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷା କମିଟି ଗଠିତ



ବାଲିଅନ୍ତା, ୧୬।୭ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଚଢେଇବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶିକ୍ଷା କମିଟି ଗଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ୧୧ ଅଭିଭାବକ ଶିକ୍ଷା କମିଟି ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ସୁଦର୍ଶନ ସାମନ୍ତରାୟ ଚେୟାରମ୍ୟାନ୍ ଓ ଭାଇସ ଚେୟାରମ୍ୟାନ୍ ଭାବେ ରଶ୍ମିତା ବେହେରା ନିର୍ବାଚିତ ହୋଇଥିଲେ |

## ପତିତପାବନ ଦେବ ଓ ସୁଦର୍ଶନ ଦେବ ଦାରୁପୀଠ ଘୋଷଯାତ୍ରା



ବାଲିଅନ୍ତା, ୧୬।୭ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ କାକରୁଦ୍ରପୁର ସ୍ଥିତ ପତିତପାବନ ଦେବଙ୍କ ଘୋଷଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରରେ ଠାକୁରଙ୍କର ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷରେ ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି, ମଇଲମ, ଅବକାଶ, ତଡପ ଲାଗି, ଗୋପାଳ ବଲ୍ଲଭ, ରୋଷହୋମ, ବେଶ ଏବଂ ବାଳଭୋଗ ଲାଗି ପୂଜାବିଧି ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ୧୧ଟାରେ ଗୋଟି ପହଣ୍ଡିରେ ପତିତପାବନ ଦେବଙ୍କୁ ରଥାରୁଢ଼ କରାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ଭକ୍ତମାନେ ବେଶ ଆନନ୍ଦ ଉଲ୍ଲାସରେ ଗୁଣ୍ଡିଚା ମନ୍ଦିର ଯାଏ ରଥ ଟାଣି ନେଇଥିଲେ । ସେହିପରି ସୁଦର୍ଶନ ଦାରୁପୀଠରେ ଘୋଷଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ରଥଟଣା ଅପରାହ୍ନ ୪ଟଟା ସମୟରେ କରାଯାଇଥିଲା। ଶହ ଶହ ଶ୍ରଦ୍ଧାଳୁ ରଥ ଦଉଡ଼ି ଧରି ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ।

## ୪୬ ବର୍ଷରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରର ରଥଯାତ୍ରା

### ଜନସମୁଦ୍ର ପାଲଟିଲା ବଡ଼ଦାଣ୍ଡ

### ମହିଳା ଟାଣିଲେ ସୁଭଦ୍ରାରଥ



ବାଲିଆପାଳ, ୧୬।୭ (ସଂଚାର ବ୍ୟୁରୋ): ଭକ୍ତ ଏବଂ ଭଗବାନଙ୍କ ନିବିଡ ସଂପର୍କକୁ ପ୍ରତିପାଦିତ କରୁଥିବା ଘୋଷଯାତ୍ରାରେ ଶ୍ରଦ୍ଧାକ୍ଷେତ୍ରର ବଡଦାଣ୍ଡ ଆଜି ଭକ୍ତିମୟ ହୋଇଉଠିଛି। ରଥାରୁଢ଼ ପତିତପାବନଙ୍କ ସାନିଧ୍ୟ ଲାଭକରି ହଜାର ହଜାର ଭକ୍ତଙ୍କ ସହ ଶ୍ରଦ୍ଧାକ୍ଷେତ୍ରର ବଡଦାଣ୍ଡ ମଧ୍ୟ ଧନ୍ୟ ହୋଇଛି । ତିନିରଥରେ ଅଧିଷ୍ଠିତ ଚତୁର୍ଦ୍ଧାମୁରତୀଙ୍କୁ ଦର୍ଶନ ପାଇଁ ଆଜି ଲୋକମାନେ ବର୍ଷାକୁ ଖାତିର କରିନଥିଲେ। ବାଲିଆପାଳ ଏକପ୍ରକାର ଜନସମୁଦ୍ର ପାଲଟିଯାଇଥିଲା। ଶ୍ରୀ ମନ୍ଦିର ରିତିନୀତି ପରମ୍ପରା ଅନୁଯାଇ ପ୍ରସିଦ୍ଧିଲାଭ କରିଥିବା ଉତ୍ତର ବାଲେଶ୍ୱରର ପ୍ରସିଦ୍ଧ ଶ୍ରଦ୍ଧା କ୍ଷେତ୍ରର ୪୬ତମ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଚଳିତ ରିତିନୀତି ଅନୁସାରେ ପ୍ରତ୍ୟୁଷରୁ ଶ୍ରୀଜିଓ ମାନଙ୍କର ସମସ୍ତ ନୀତି ସହିତ ମଙ୍ଗଳ ଆଳତୀ ସୂର୍ଯ୍ୟପୂଜା ଆଦି ଯଥା ସମୟରେ ସଂପନ୍ନ ହୋଇଥିଲା। ଅପରାହ୍ନ ୪ଟାରେ ପ୍ରବଳ ଭକ୍ତଙ୍କ ସମାଗମରେ ଖଗଡାପାଳ ସ୍ଥିତ ଶ୍ରୀ ଶ୍ରୀ ଶ୍ରଦ୍ଧାକ୍ଷେତ୍ର ମନ୍ଦିରରୁ ତିନିଠାକୁରଙ୍କୁ ଶଂଙ୍ଖ, ଘଣ୍ଟା, କାହାଳି ବାଦ୍ୟ, ହରିବୋଲ ହୁଳହୁଳିରେ ଚତୁର୍ଦ୍ଧିଗ ପ୍ରକମ୍ପିତ କରି ପହଣ୍ଡିଆମାନେ ଗୋଟି ପହଣ୍ଡି କରି ପ୍ରଥମେ ସୁଦର୍ଶନ ମହାପ୍ରଭୁ ପରେ ପରେ ବଳଭଦ୍ର, ମାତା ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ରଥାରୁଢ଼ କରାଇଥିଲେ । ସନ୍ଧ୍ୟା ୬ଟାରେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ବିଷ୍ଣୁ ପଦ ପାଠୀ ରଥରେ ଛେରାଁପହଁରା କରିଥିଲେ । ଏହି ଅବସରରେ ବସ୍ତା ବିଧାୟିକା ସୁବାସିନି ଜେନା ରଥାରୁଢ଼ ମହାପ୍ରଭୁଙ୍କୁ ରଥରେ ଦର୍ଶନ କରିଥିଲେ। ସବୁ ବର୍ଷପରି ଏବର୍ଷ ମଧ୍ୟ କେବଳ ମହିଳାମାନେ ସୁଭଦ୍ରାରଥକୁ ଟାଣିଥିଲେ। ଭକ୍ତମାନେ ତିନିରଥକୁ ବାଲିଆପାଳ ବସଷ୍ଟାଣ୍ଡସ୍ଥିତ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଟାଣିନେଇଥିଲେ ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ବିଜେ ପରେ ରଥାରୁଢ଼ ହେଲେ ତିନି ଠାକୁର



ବାରିପଦା, ୧୬।୭ (ସଂଚାର ବ୍ୟୁରୋ): ଆଜି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପହଣ୍ଡି ବିଜେ ପରେ ରଥାରୁଢ଼ ହେଲେ ତିନିଠାକୁର। ପ୍ରଥା ଅନୁଯାୟୀ ବାରିପଦା ରଥଯାତ୍ରାର ପ୍ରଥମ ଦିନ ପହଣ୍ଡି ତା ପର ଦୁଇ ଦିନଧରି ରଥ ଟଣା ହୋଇଥାଏ। ପ୍ରଥମ ଦିନ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ରଥ ଭକ୍ତମାନଙ୍କ ଗହଣରେ ଆସି ମାଉସୀମା ମନ୍ଦିର ପାଖରେ ପହଞ୍ଚିଥାଏ। ପରେ ମା ସୁଭଦ୍ରାଙ୍କ ରଥକୁ କେବଳେ ମହିଳାମାନେ ଟାଣି ବଦଦାଣ୍ଡର ନାଭିକେନ୍ଦ୍ର ତଥା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥାଆନ୍ତି । ତହିଁ ପରଦିନ ପୁଣି ମା ସୁଭଦ୍ରାଙ୍କ ରଥ ମହିଳା ଭକ୍ତମାନଙ୍କ ଗହଣରେ ଆସି ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ନକଟରେ ମାଉସୀମା ପାଖରେ ପହିଞ୍ଚିଥାଏ । ତାପରେ ଜଗତରନାଥ ପ୍ରଭୁ ଜଗନ୍ନାଥଙ୍କ ରଥକୁ ଅତି ଉତ୍କଣ୍ଠାର ସହିତ ଭକ୍ତମାନେ ଟାଣି ମାଉସୀ ମାଙ୍କ ନିକଟରେ ପହଞ୍ଚାଇଥାଆନ୍ତି । ଆଜି ପାଗ ଥିଲା ସମ୍ପୂର୍ଣ୍ଣ ଅନୁକୂଳ । ତେଣୁ ପହଣ୍ଡି ଦେଖିବା ପାଇଁ ବଦଦାଣ୍ଡରେ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା ।

# ନୂଆ 'ଅବକାରୀ ନୀତି' କେବଳ କାଗଜରେ

### ଲୁଟ୍‌ର ଶିକାର ହେଉଛନ୍ତି ଗ୍ରାହକ




କାକଟପୁର/ଅସ୍ତରଙ୍ଗ,୧୬।୭ (ସଂଚାର ବ୍ୟୁରୋ): ସରକାର ନିୟମ କରିଛନ୍ତି। ଅବକାରୀ ବିଭାଗ ତାହାକୁ ଯାଞ୍ଚ କରୁଛି। ଆଉ ମଦ ଦୋକାନୀମାନେ? ସେମାନେ ନିୟମକୁ ସମ୍ମାନ ଦେଉଛନ୍ତି... ଠିକ୍ ଯେମିତି ଆମେ ଟ୍ରାଫିକ ସିଗନାଲକୁ ସମ୍ମାନ ଦେଉ - ଖାଲି ରାତି ୧୦ ପରେ।

ପୁରୀ ଜିଲ୍ଲା ନିମାପଡା ଅବକାରୀ କାର୍ଯ୍ୟାଳୟ ଅଧୀନରେ ଥିବା କାକଟପୁର ଓ ଅସ୍ତରଙ୍ଗର ସରକାରୀ ମଦ ଦୋକାନଗୁଡିକରେ ଏବେ ଚାଲିଛି ନୂଆ ପ୍ରକାର ସେବା। ସେବାର ନାଁ - "ଗ୍ରାହକଙ୍କୁ ଲୁଟିବା ସେବା"।ନିୟମ କହୁଛି - ଏମ୍ ଆର ପି ରେ ବିକ୍ରି କର। ବାସ୍ତବତା କହୁଛି - ଏମ୍ ଆର ପି ଠାରୁ ୧୦ରୁ ୨୦ଟଙ୍କା ଅଧିକ ନିଅ, ନହେଲେ ଲାଭ କେମିତି ହେବ?

ନିୟମ କହୁଛି - ରସିଦ ଦିଅ। ବାସ୍ତବତା କହୁଛି - ରସିଦ ମାଗିଲେ ଦୋକାନୀ ଏମିତି ଚାହାନ୍ତି ଯେମିତି ଆପଣ ଚନ୍ଦ୍ରରେ ଜମି ମାଗୁଛନ୍ତି। ନିୟମ କହୁଛି - ଷ୍ଟକ ରେଜିଷ୍ଟର ମେଣ୍ଟେନ କର। ବାସ୍ତବତା କହୁଛି - ରେଜିଷ୍ଟର ଅଛି, କିନ୍ତୁ ତାହା ଦେଖିବା ପାଇଁ ଅବକାରୀ ଅଧିକାରୀଙ୍କ ପାଖେ ସମୟ ନାହିଁ। ସେମାନେ ଆସନ୍ତି, ଚା' ପିଅନ୍ତି, ଫଟୋ ଉଠାନ୍ତି ଆଉ ଚାଲିଯାନ୍ତି। ଅସ୍ତରଙ୍ଗ ବଜାରର ତ୍ରିଭୁଜ ଆକୃତି ଦୋକାନରେ ଏବେ ସ୍ପେସିଆଲ ହୋମ୍ ଡେଲିଭରୀ ସୁବିଧା ମଧ୍ୟ ଅଛି। ସ୍କୁଟି ଯୋଗେ ସିଧା ଗାଁକୁ,ଅସ୍ତରଙ୍ଗ ଥାନା ସାମ୍ନା ଦେଇ। ପୁଲିସ ଦେଖି ବି ନ ଦେଖିଲା ପରି ହୋଇଯାଏ, କାରଣ ସମସ୍ତେ ତ ଜାଣିଛନ୍ତି - ଏହା ତ ସରକାରୀ ରାଜସ୍ୱ ବୃଦ୍ଧି ଯୋଜନା।

ଆଉ ସବୁଠୁ ବଡ ଅଫର - ନାମୀଦାମୀ ବ୍ରାଣ୍ଡର ମଦ ୫୦% ଡିସକାଉଣ୍ଟରେ। କେମିତି? କାରଣ ତାହା ସରକାରୀ ୱେୟାର ହାଉସରୁ ଆସୁନାହିଁ। ତାହା ଆସୁଛି କୌଣସି ଗୋପନ କାରଖାନାରୁ। ଷ୍ଟକ ରେଜିଷ୍ଟରେ ତାହାର ନାଁ ନ ଥିବାରୁ ସରକାରଙ୍କ ଟିକସ ବି ବଞ୍ଚିଯାଉଛି।ଥରେ ଥରେ ଫ୍ଲେକ୍ସ ଲଗାଯାଏ ଅଳ୍ପ ମୂଲ୍ୟରେ ଦୁଇଟି ବିୟର। ଡବଲ ଲାଭ!

ଅବକାରୀ ବିଭାଗଅଧିକାରୀ ପଚାରିଲେ କହୁଛନ୍ତି, "ଆମେ ସମସ୍ତ ଦୋକାନୀଙ୍କୁ ବୁଝାଇ ଦେଇଛୁ। ଆଉ ଅଭିଯୋଗର ତଦନ୍ତ ହେବ।" ତଦନ୍ତ କେବେ ହେବ?କିନ୍ତୁ ଉତ୍ତର - ଯେତେବେଳେ କୌଣସି ଖବରକାଗଜ ପୁଣି ଖବର ଛପିବ। ଲୋକେ କହୁଛନ୍ତି, "ଆମକୁ ଏମିତି ଯାଞ୍ଚ ଦରକାର ନାହିଁ। ରାଜ୍ୟ ସ୍ତରରୁ ଅଚାନକ ଟିମ୍ ଆସୁ, ଯେମିତି ଦୋକାନୀ ମାନଙ୍କୁ ଖବର ନ ମିଳେ। ନହେଲେ ଏହି କଟାକ୍ଷ ଆଉ ୧୦ ବର୍ଷ ଚାଲିବ।" ମର୍ମକଥା ହେଲା - ଏଠାରେ ମଦ ବିକ୍ରି ହେଉନାହିଁ, ବିକ୍ରି ହେଉଛି ନିୟମ। ଆଉ କିଣୁଛନ୍ତି ସାଧାରଣ ଗ୍ରାହକ ଆଉ ସରକାରୀ ଖଜଣା।

## ଲଗାଣ ବର୍ଷାରେ ସେନାପତିସାହିରେ କୃତ୍ରିମ ବନ୍ୟା



ସତ୍ୟବାଦୀ, ୧୬।୭ (ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ସଂଲଗ୍ନ ଜୟପୁର ଗ୍ରାମ ପଞ୍ଚାୟତର ସେନାପତିସାହିରେ ଲଗାଣ ବର୍ଷା ଯୋଗୁଁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ସାଧାରଣ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଫଳରେ ଅଳସା, ଶ୍ରୀରାମଚନ୍ଦ୍ରପୁର ଓ ନରେନ୍ଦ୍ରପୁର ପଞ୍ଚାୟତ ସମେତ ପାଖାପାଖି ୩୦ରୁ ଅଧିକ ଗ୍ରାମର ଲୋକେ ଦୈନନ୍ଦିନ ଯାତାୟାତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଗ୍ରାମବାସୀଙ୍କ କହିବାନୁସାରେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାରେ ସଠିକ୍ ପାଣି ନିଷ୍କାସନ ବ୍ୟବସ୍ଥା ନଥିବାରୁ ପ୍ରତ୍ୟେକ ବର୍ଷା ଋତୁରେ ଏଭଳି ସମସ୍ୟା ଦେଖାଦେଉଛି। ଏନେଇ ବିଧାୟକଙ୍କ ଜରିଆରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା। ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ଡ୍ରେନ ନିର୍ମାଣ ପାଇଁ ମାପଚୁପ ମଧ୍ୟ କରିଥିଲେ। ମାତ୍ର ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

ଶୀଘ୍ର ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ରଥଯାତ୍ରା


ବଳଭଦ୍ରଙ୍କ ପହଣ୍ଡି


ପହଣ୍ଡିରେ ଆସୁଛନ୍ତି ମା' ସୁଭଦ୍ରା


ବଡ଼ଠାକୁରଙ୍କ ପହଣ୍ଡି


ରଥରେ ଛେରାପହଁରା କରୁଛନ୍ତି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ


ରଥ ଉପରେ ଶ୍ରୀଜୀଉଙ୍କ ଚିତାଲାଗି


ବର୍ଷା ସତ୍ତ୍ୱେ ବଡ଼ଦାଣ୍ଡରେ ଜନସମୁଦ୍ର


ଗୋଟି ପହଣ୍ଡିରେ ଯାଉଛନ୍ତି ଚକ୍ରରାଜ ସୁଦର୍ଶନ


ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି


ଆକର୍ଷଣୀୟ ମୁଦ୍ରାରେ ଓଡ଼ିଶୀ ନୃତ୍ୟଶିଳ୍ପୀ


ଶ୍ରୀ ଜଗନ୍ନାଥଙ୍କ ରଥ ଟାଣୁଛନ୍ତି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ


ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶୀର୍ବାଦ ନେଉଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ


ଶ୍ରଦ୍ଧାଳୁଙ୍କୁ ଟଙ୍କ ତୋରାଣୀ ବଣ୍ଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ

## ବୋର୍ଡ ମରାମତି ବେଳେ ଲାଗିଲା ସକ୍, ଯୁବକ ମୃତ

ପାଟଣା, ୧୬।୭(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ ବଡ଼ବିଲ ପଞ୍ଚାୟତ ଅନ୍ତର୍ଗତ ବାରତୁଣିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆଜି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୩୬ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ହେଉଛନ୍ତି ବାରତୁଣିଆଁ ଗ୍ରାମର ସୁରେନ୍ଦ୍ର ମହାନ୍ତଙ୍କ ପୁଅ ଟୁନା (୩୬)। ମିଳିଥିବା ସୂଚନାନୁସାରେ, ଟୁନା ଆଜି ସକାଳ ପ୍ରାୟ ସାଢ଼େ ୯ଟା ବେଳେ ଘରେ ବିଦ୍ୟୁତ ବୋର୍ଡ ମରାମତି କରୁଥିବା ସମୟରେ ଅଚାନକ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶିଶୁପୁତ୍ରର ଜୀବନନେଲା ବାପା

ଉଦଳା, ୧୬।୭(ସଂଚାର ବ୍ୟୁରୋ): ଦୁନିଆ କ'ଣ ଜାଣି ନ ଥିବା ୪ ବର୍ଷର ପୁଅକୁ କଟୁରିରେ ହାଣି ହତ୍ୟା କରିଛି ବାପା। ଏଭଳି ଏକ ହୃଦୟ ବିଦାରକ ଘଟଣା ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ପୁରୁଣାପାଣି ଗ୍ରାମରେ ସାମ୍ନାକୁ ଆସିଛି। ଗ୍ରାମର ସୋହନ ସିଂ ଆଜି ସକାଳେ ତାଙ୍କର ୪ ବର୍ଷର ପୁଅ ଦୁମ୍ବି ସିଂଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି। କଟୁରିରେ ହାଣିବା ପରେ ସୋହନ



କବାଟ ବାହାର ପଟୁ ବନ୍ଦ କରିଦେଇଥିଲେ। ତେବେ ଦୁମ୍ବିଙ୍କ ମା' ସୁକାନ୍ତି ଘରେ ପହଞ୍ଚିବା ପରେ କବାଟ ବନ୍ଦ ଥିବା ଦେଖି ଏ ସମ୍ପର୍କରେ ତାଙ୍କ ପୁତୁରାଙ୍କୁ କହିଥିଲେ। ସେ ଯାଇ କବାଟ ଖୋଲିବା ପରେ ଗୁରୁତର ଅବସ୍ଥାରେ ନାବାଳକ ଜଣଙ୍କ ଘର ଭିତରେ ପଡ଼ିଥିବା ଦେଖି ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଶରତ ମେଡିକାଲ ଓ ପରେ ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେପଟେ ପୁଅକୁ ହତ୍ୟା କରିବା ପରେ ବାପା ସୋହନ ଫେରାର ହୋଇଯାଇଛନ୍ତି। ତାଙ୍କର ମସ୍ତିଷ୍କ ବିକୃତି ଘଟିଥିବା ସ୍ତ୍ରୀ ସୁକାନ୍ତି କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଗାଡ଼ିଆରେ ବୁଡ଼ି ଶିଶୁ ମୃତ

ବୈଶିଙ୍ଗା, ୧୬।୭(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଉପକଣ୍ଠ ମହୁରୀ ଗ୍ରାମରେ ସମସ୍ତଙ୍କ ଅଜାଣତରେ ନିକଟସ୍ଥ ଏକ ଗାଡ଼ିଆରେ ପଡ଼ି ଜଣେ ୩ ବର୍ଷର ଶିଶୁ ମୃତ୍ୟୁବରଣ କରିଛି। ମୃତ ଶିଶୁଟି ମହୁରୀ ଗ୍ରାମର ବିଜୟ କୁମାର ଦଳେଇଙ୍କ ପୁଅ ତନ୍ମୟ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ତନ୍ମୟ ଆଜି ଘର ପାଖରେ ଖେଳୁଥିବା ସମୟରେ ଅସାବଧାନତାବଶତଃ ପାଖରେ ଥିବା ଏକ ଗାଡ଼ିଆରେ ପଡ଼ିଯାଇଥିଲା। ବହୁ ସମୟ ଧରି ତନ୍ମୟକୁ ନ ଦେଖିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ତାକୁ ଗାଡ଼ିଆ ମଧ୍ୟରୁ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ତନ୍ମୟକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ବୈଶିଙ୍ଗାସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାକୁ ମୃତ ଘୋଷଣା କରିଥିଲେ।

## ଆଜି ୭ ଅମୃତ ଭାରତ ଷ୍ଟେସନର ଉଦ୍‌ଘାଟନ

### ରୂପାନ୍ତରିତ ଷ୍ଟେସନରେ ଓଡ଼ିଆ ସଂସ୍କୃତିର ଛାପ

ଭୁବନେଶ୍ୱର, ୧୬।୭ (ସଂଚାର ବ୍ୟୁରୋ): ରାଜ୍ୟରେ ରେଳ ଭିତ୍ତିଭୂମିର ଆଧୁନିକୀକରଣ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍ଘାଟନ କରିବେ। ଏହି ମେଗା ପ୍ରକଳ୍ପରେ ଓଡ଼ିଶାର ୭ଟି ପ୍ରମୁଖ ଷ୍ଟେସନ ରହିଛି। ସେଗୁଡ଼ିକ ହେଲା ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼। ଏହିସବୁ ଷ୍ଟେସନର ଏବେ ନବକଳେବର ହୋଇଛି।



କେନ୍ଦ୍ର ସରକାରଙ୍କ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଏହି ଷ୍ଟେସନ ଗୁଡ଼ିକୁ ବିଶ୍ୱସ୍ତରୀୟ, ସମାବେଶୀ ଏବଂ ଭବିଷ୍ୟତର ଆବଶ୍ୟକତାକୁ ଚାହିଁ ବିକଶିତ କରାଯାଇଛି। ଓଡ଼ିଶାର ଏହି ୭ଟି ଷ୍ଟେସନର ନବୀକରଣ ପାଇଁ ପ୍ରାୟ ୧୦୯ କୋଟି ଟଙ୍କା ବ୍ୟୟ କରାଯାଇଛି। ସ୍ଥାନୀୟ ଐତିହ୍ୟକୁ ବଜାୟ ରଖିବା ସହ ଯାତ୍ରୀମାନଙ୍କୁ ଆଧୁନିକ ସେବା ଯୋଗାଇଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଯାତ୍ରୀଙ୍କ ସୁବିଧା ପାଇଁ ଆକର୍ଷଣୀୟ ନୂଆ ଷ୍ଟେସନ ଭବନ ନିର୍ମାଣ କରାଯିବା ସହ ଗାଡ଼ି ଚଳାଚଳ ନିୟନ୍ତ୍ରଣ ପାଇଁ ପ୍ରବେଶ ପଥକୁ ପ୍ରଶସ୍ତ କରାଯାଇଛି। ଷ୍ଟେସନ ଗୁଡ଼ିକରେ ଲିଫ୍ଟ ସୁବିଧା ସହ ୧୨ ମିଟର ଚଉଡ଼ାର ପାଦଚଲା ପୋଲ ନିର୍ମାଣ କରାଯାଇଛି, ଯାହା ଦ୍ୱାରା ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ସହଜରେ ଯାତାୟାତ କରିପାରିବେ।

ଯାତ୍ରୀଙ୍କ ଆରାମଦାୟକ ଯାତ୍ରା ପାଇଁ ପ୍ଲାଟଫର୍ମଗୁଡ଼ିକରେ ଉନ୍ନତ ଆଶ୍ରୟସ୍ଥଳୀ, ଅତ୍ୟାଧୁନିକ ଅପେକ୍ଷା ଗୃହ, ସ୍ୱଚ୍ଛ ଶୌଚାଳୟ ଏବଂ ଡିଜିଟାଲ୍ ଯାତ୍ରୀ ସୂଚନା ଫଳକ ଲଗାଯାଇଛି। ଏହାସହ ଷ୍ଟେସନ ବାହାରେ ଗହଳି ନିୟନ୍ତ୍ରଣ କରିବା ପାଇଁ ପାର୍କିଂ ଜାଗାକୁ ଅଧିକ ପ୍ରଶସ୍ତ ଓ ବ୍ୟବସ୍ଥିତ କରାଯାଇଛି। ଏହି ନବୀକରଣର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଷ୍ଟେସନ ଗୁଡ଼ିକର ସୁନ୍ଦର କଳାକୃତି। ପ୍ରତ୍ୟେକ ଷ୍ଟେସନର ନିର୍ମାଣ ଶୈଳୀରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଦେଖିବାକୁ ମିଳିବ। ଏଥିରେ ସ୍ଥାନୀୟ ହସ୍ତତନ୍ତ, ପାରମ୍ପରିକ ଶିଳ୍ପ ଏବଂ ଆଦିବାସୀ କଳାର ଚିତ୍ର ସ୍ଥାନ ପାଇଛି, ଯାହା ଓଡ଼ିଶାର ଗୌରବମୟ ପରିଚୟକୁ ପ୍ରଦର୍ଶିତ କରିବ।

## ଉତ୍ତର ଓଡ଼ିଶାରେ ଦୁଇ ଦିନ ବର୍ଷିବ



- ୫ ଜିଲ୍ଲାକୁ ରେଡ ଆଲର୍ଟ
- ଲଘୁଚାପ 'ୱେଲ ମାର୍କଡ୍ ଲୋ ପ୍ରେସର'ରେ ପରିଣତ

ଭୁବନେଶ୍ୱର, ୧୬।୭(ସଂଚାର ବ୍ୟୁରୋ): ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି। ଆସନ୍ତା ଦୁଇ ଦିନ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ରଟି ଅଧିକ ଘନୀଭୂତ ହୋଇ 'ୱେଲ ମାର୍କଡ୍ ଲୋ ପ୍ରେସର'ରେ ପରିଣତ ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହା ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଏକ 'ସୁଦୃଶ୍ୟ ଲଘୁଚାପ ବଳୟ' ସକ୍ରିୟ ରହିଛି।

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଆଗାମୀ ୨ ଦିନ ମଧ୍ୟରେ ଏହି ସିଷ୍ଟମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଉତ୍ତର ଓଡ଼ିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ଅତିକ୍ରମ କରିବ। ଏହାର ପ୍ରଭାବରେ ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆହୁରି ଅଧିକ ଶକ୍ତିଶାଳୀ ହେବା ସହ ବ୍ୟାପକ ବର୍ଷା ହେବ। ଆଜି ସକାଳୁ ଓଡ଼ିଶାର ବିଭିନ୍ନ ଭାଗରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି। ବିଶେଷକରି ଉପକୂଳ ଓ ଉତ୍ତର ଓଡ଼ିଶାର କେତେକ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୫ରୁ ୧୫ ସେମି ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। କିନ୍ତୁ କିଛି ନିର୍ଦ୍ଦିଷ୍ଟ ଉତ୍ତର, ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଭଳି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସତର୍କ କରାଯାଇଛି। ଏଥିସହ ୫ଟି ଜିଲ୍ଲା ସମ୍ବଲପୁର, ଦେବଗଡ଼, ଅନୁଗୋଳ, ସୋନପୁର ଓ ବୌଦ୍ଧକୁ ରେଡ୍ ଆଲର୍ଟରେ ରଖାଯାଇଛି। ଆସନ୍ତାକାଲି ଏହିସବୁ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

## ପୁରୀ ରଥଯାତ୍ରାରେ ମୃତ୍ୟୁକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧୬।୭(ସଂଚାର ବ୍ୟୁରୋ): ପବିତ୍ର ପୁରୀ ରଥଯାତ୍ରା ଅବସରରେ ଠେଲାପେଲା ଯୋଗୁଁ ଜଣେ ଭକ୍ତଙ୍କର ଦୁଃଖଦ ମୃତ୍ୟୁ ହୋଇଛି। ଏଥିସହ ବହୁସଂଖ୍ୟକ ଭକ୍ତ ଆହତ ହୋଇଛନ୍ତି। ଉକ୍ତ ଦୁଃଖଦ ଘଟଣାକୁ ନେଇ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପବିତ୍ର ଧାର୍ମିକ ମହୋତ୍ସବମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁଥିରେକି ଦେଶ ତଥା ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷର ରଥଯାତ୍ରାରେ ଘଟି ଯାଇଥିବା ଏହିପରି ଦୁର୍ଭାଗ୍ୟଜନକ ଘଟଣା ସମସ୍ତ ଭକ୍ତଙ୍କୁ ଗଭୀର ମର୍ମାହତ କରିଛି ବୋଲି ସେ କହିଛନ୍ତି।



ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ରଥଯାତ୍ରା ସମୟରେ ଜଣେ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦ରୁ ଅଧିକ ଭକ୍ତ ଭିଡ଼ଜନିତ ଅଘଟଣ ଓ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ହୋଇଛନ୍ତି। ପୁରୀ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଘୋଷଯାତ୍ରା ବେଳେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା, ଯେଉଁଥିରେ ଜଣେ ଭକ୍ତଙ୍କର ପ୍ରାଣହାନି ଘଟିଛି। ମୃତକ ଜଣଙ୍କ କେନ୍ଦୁଝର ଜିଲ୍ଲାର ବାସିନ୍ଦା ଅନିଲ ଦାସ ବୋଲି ସୂଚନା ମିଳିଛି। ଏଭଳି ପ୍ରତ୍ୟେକ ଘଟଣା ଗଭୀର ଚିନ୍ତାର ବିଷୟ ଓ ଏହାର ଯତ୍ନଶୀଳ ସମୀକ୍ଷା ଓ ଅନୁଧ୍ୟାନ ଆବଶ୍ୟକ। ସେ ମୃତ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଆହତ ସମସ୍ତ ଭକ୍ତଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରିଛନ୍ତି। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ, ଜରୁରୀକାଳୀନ ଚିକିତ୍ସା ସେବା ଓ ସାମଗ୍ରିକ ପ୍ରଶାସନିକ ପରିଚାଳନାର ଏକ ବ୍ୟାପକ ସମୀକ୍ଷା କରାଯିବା ଆବଶ୍ୟକ।

## କାର୍ ପିଟିଲା, ଟ୍ରକ୍ ଚାପିଲା: ଦମ୍ପତି ମୃତ

- କ୍ଷତିପୂରଣ ଦାବିରେ ଏନ୍‌ଏଚ୍ ଅବରୋଧ
- ରେଡକ୍ରସ୍ ପାଣ୍ଠିରୁ ସହାୟତା ଘୋଷଣା



ଗୋପାଳପୁର, ୧୬।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ୧୬ ନମ୍ବର ଜାତୀୟ ରାଜପଥ ଗୋଳନ୍ଥରା ଅଧୀନସ୍ଥ ରଣ୍ଡାରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଆଜି ପୂର୍ବାହ୍ନରେ ରାସ୍ତା ପାର୍ ହେଉଥିବା ସମୟରେ କାର୍ ଓ ଟ୍ରକ ଧକ୍କାରେ ଦମ୍ପତିଙ୍କର ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ରଣ୍ଡା ହରିଜନ ସାହିର ହରିଶ୍ଚନ୍ଦ୍ର ଦାସ (୫୫) ଓ ତାଙ୍କ ପତ୍ନୀ ପରୀ (୫୧)। ତେବେ ସେମାନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଗୋଳନ୍ଥରା ଥାନା ଅଧୀନସ୍ଥ ରଣ୍ଡା ଦଳିତ ସାହିର ହରିଶ୍ଚନ୍ଦ୍ର ଓ ପରୀ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ଜାତୀୟ ରାଜପଥ ପାର୍ ହୋଇ ଔଷଧ ଦୋକାନକୁ ଯାଉଥିଲେ। ତେବେ ଏହି ସମୟରେ ହରିଶ୍ଚନ୍ଦ୍ର ଓ ପରୀଙ୍କୁ ପ୍ରଥମେ ଏକ କାର ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଅତ୍ୟଧିକ ରକ୍ତସ୍ରାବ କାରଣରୁ ଘଟଣାସ୍ଥଳରେ ହିଁ ହରିଶ୍ଚନ୍ଦ୍ର ଓ ପରୀଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦଳିତ ସାହି ବାସିନ୍ଦା ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବା ଦାବି ନେଇ ଉଭୟ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଏଥିସହ ସେମାନେ ମୃତଦେହକୁ ମଧ୍ୟ ବ୍ୟବଚ୍ଛେଦ ସକାଶେ ଛାଡ଼ିନଥିଲେ। ଖବର ପାଇ ଘଟଣାସ୍ଥଳରେ ଗୋଳନ୍ଥରା ଥାନା ପୁଲିସ ଓ ତହସିଲଦାର କନିଷି କବିରାଜ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିବା ବେଳେ ପାଖାପାଖି ଏକ ଘଣ୍ଟା କାଳ ଓଡ଼ିଶାକୁ ଆନ୍ଧ୍ରପ୍ରଦେଶ ସହ ଯୋଡୁଥିବା ଜାତୀୟ ରାଜପଥ ଅବରୁଦ୍ଧ ହୋଇଥିଲା। ଘଟଣାସ୍ଥଳରେ ତହସିଲଦାର ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏଁ ସହାୟତା ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ସେହିପରି ଉଭୟ କାର୍ ଓ ଟ୍ରକ୍‌କୁ ଜବତ କରାଯାଇଥିବା ନେଇ ଏସ୍‌ଡିପିଓ ସୁଧାଂଶୁ ଶେଖର ପରିଡ଼ା ସୂଚନା ଦେଇଛନ୍ତି। କିନ୍ତୁ ଉଭୟ ଗାଡ଼ିର ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ପୁଲିସ୍ ବ୍ୟବଚ୍ଛେଦ ସକାଶେ ଉଭୟ ମୃତଦେହକୁ ଏମ୍‌କେସିଜି ମେଡିକାଲ୍ କଲେଜକୁ ପଠାଇବା ସହ ତଦନ୍ତ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




ଶୁକ୍ରବାର ୧୭ ଜୁଲାଇ ୨୦୨୬



# ଆଗକୁ ବଢ଼ିବନି ସୁନା ଦର



ନୂଆଦିଲ୍ଲୀ, ୧୬।୭: ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଚାଲିଛି। ତୈଳ ସଙ୍କଟ ଘନେଇବାରେ ଲାଗିଛି। ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଏହାରି ଭିତରେ ସୁନା ରେଟ୍ ରେ ଅନିଶ୍ଚିତତା ଲାଗି ରହିଛି। କେତେବେଳେ ଦର ବଢୁଛି। ଆଉ କେତେବେଳେ ଖସୁଛି। ବର୍ତ୍ତମାନ ସୁନା ଦର ଅନ୍ତର୍ଜାତୀୟ ବଜାରରେ ଆଉନ୍ସ ପିଛା ୪୦୨୬ ଡଲାର ରହିଛି। ଆଗକୁ ଏହା ଆହୁରି ୯ ପ୍ରତିଶତ ବଢ଼ିପାରେ ବୋଲି ଅନେକ କହୁଛନ୍ତି। କିନ୍ତୁ ଆଗାମୀ ଦିନରେ ମୂଲ୍ୟ ଏତେ ବଢ଼ିବ ନାହିଁ ବୋଲି କିଛି ବିଶେଷଜ୍ଞ ଅନୁମାନ ଲଗାଉଛନ୍ତି। ଯାହା ପଛରେ ଅନେକ କାରଣ ରହିଛି।

ଯେତେବେଳେ ଟଙ୍କା ତୁଳନାରେ ଡଲାର ଶକ୍ତିଶାଳୀ ହୁଏ ସେତେବେଳେ ସୁନାର ଦାମ୍ ବଢ଼ିଥାଏ। ଆଗାମୀ ଦିନରେ ଡଲାର ଶକ୍ତିଶାଳୀ ହେଲେ ସୁନା ଆହୁରି ବଢ଼ିବ। କିନ୍ତୁ ଯୁଦ୍ଧ ପାଇଁ ଡଲାର ଶକ୍ତିଶାଳୀ ହେବାର ଆଶଙ୍କା କମ୍ ରହିଛି।

ଅନ୍ୟଦିଗରେ ଯେତେବେଳେ ବିଭିନ୍ନ ବ୍ୟାଙ୍କ ସୁଧ ହାର ବୃଦ୍ଧି କରନ୍ତି ସେତେବେଳେ ନିବେଶକମାନେ ବଣ୍ଡ୍ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରିଥାନ୍ତି। ହେଲେ ୟୁଏସ ଫେଡେରାଲ ରିଜର୍ଭ ସୁଧହାର ଅପରିବର୍ତ୍ତିତ ରଖିବ। ଯାହା ଏବେ ୩.୭୫ ପ୍ରତିଶତ ରହିଛି। ଫଳରେ ସୁନାରେ ଲୋକେ ଅଧିକ ନିବେଶ କରିବେ। ରିପୋର୍ଟ ଅନୁସାରେ, ଏବେ ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ଚାଲିଛି। ଯୁଦ୍ଧ ବନ୍ଦ ହେଲେ ବୈଶ୍ୱିକ ଅର୍ଥବ୍ୟବସ୍ଥାରେ ସୁଧାର ଆସିବ। ସୁନା ଏକ ସୁରକ୍ଷିତ ନିବେଶ ହୋଇ ସଦାବେଳେ ରହିଆସିଛି। ଯାହା ଦର ଉପରେ ମଧ୍ୟ ପ୍ରଭାବ ପକାଇବ। ଷ୍ଟ୍ରେଟ୍ ଅଫ୍ ହର୍ମୋଜ ବନ୍ଦ ପାଇଁ ପରିବହନ ଠପ୍ ହୋଇଯାଇଛି। ଏହା ମଧ୍ୟ ଆଗାମୀ ଦିନରେ ସୁନା ଦର ହ୍ରାସର ଅନ୍ୟ ଏକ କାରଣ ହେବ।

ଏତଦବ୍ୟତୀତ, ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ୍ ଲଗାତାର ଭାବେ ସୁନା କିଣୁଛନ୍ତି। ଯାହା ମୁଦ୍ରା ଉପରେ ଚାପ କମ୍ କରୁଛି। ଯଦି ଆମେରିକୀୟ ଫେଡେରାଲ୍ ବ୍ୟାଙ୍କ୍ ସୁଧ ହାର କମାଏ କିମ୍ବା ଡଲାର ଦୁର୍ବଳ ହୁଏ ତାହାଲେ ଆମେରିକାରେ ସୁନା ରେଟ୍ ବଢ଼ିଯିବ। ଏହା ଆଉନ୍ସ ପିଛା ୪୫୦୦ ଡଲାର ଟପିପାରେ। ଯଦି ଡଲାର ଶକ୍ତିଶାଳୀ ହେବ ତେବେ ସୁନା ଆଉନ୍ସ ପିଛା ୩୫୦୦ ଡଲାରକୁ ଖସିପାରେ।

# ୨୦% କ୍ରାସ ହେଲା ରାମଦେବଙ୍କ ପତଞ୍ଜଳି ଶେୟାର

ନୂଆଦିଲ୍ଲୀ,୧୬।୭: ସେୟାର ବଜାରରେ ବୁଧବାର ଖୁବ୍ ଭଲ ଦିନ ଥିଲା। ସେନସେକ୍ସ ଓ ନିଫ୍ଟି ଦୁଇଟି ଇଣ୍ଡେକ୍ସ ମାର୍କେଟ କ୍ଲୋଜ୍ ହେବା ପରେ ଗ୍ରୀନ୍ ଜୋନ୍‌ରେ ବନ୍ଦ ହୋଇଛି। ସେନସେକ୍ସ ଯେଉଁଠି ୧୩୦ ପଏଣ୍ଟ, ତେବେ ନିଫ୍ଟି ୨୬ ପଏଣ୍ଟ ଉପରକୁ ଉଠି ଯାଇଥିଲା। କିନ୍ତୁ ଯୋଗଗୁରୁ ରାମଦେବଙ୍କ କମ୍ପାନୀ ପତଞ୍ଜଳି ଫୁଡସ୍ର ସେୟାର ସମ୍ପୂର୍ଣ୍ଣ ଭାବରେ କ୍ରାସ୍ ହୋଇଯାଇଛି। କାରବାର ବେଳେ ଏହା ପ୍ରାୟ ୨୦% ପର୍ଯ୍ୟନ୍ତ ଖସି ଯାଇଥିଲା। ତେବେ ଶେଷ କାରବାର ଘଣ୍ଟାରେ ଏହାର ହ୍ରାସ ଖୁବ୍ ଧିମା ପଡିଛି, କିନ୍ତୁ ପୁଣିଥରେ ପତଞ୍ଜଳି ଫୁଡସ୍ ସେୟାର ଓ ଅନ୍ତରେ ମାମୁଲି ସୁଧାର ପରେ ୧୪% ହ୍ରାସ ପାଇ ବନ୍ଦ ହୋଇଛି। ସେୟାର ମାର୍କେଟରେ ବୁଧବାର କାରବାର ଆରମ୍ଭ ହେବାପରେ ପତଞ୍ଜଳି ଫୁଡସ୍‌ର ସେୟାର ନିଜର ଗତ କାରବାର ବନ୍ଦ ୪୦୭.୪୦ ଟଙ୍କାର ତୁଳନାରେ ଫ୍ଲାଟ ଓପନ ହୋଇଛି। କିନ୍ତୁ ପୁଣିଥରେ ଅଚାନକ କିଛି ଏଭଳି ହୋଇଥିଲା ଯେ, ନିବେଶକଙ୍କ ଭିତରେ ହଇଚଇ ସୃଷ୍ଟି ହୋଇଥିଲା ଓ ପତଞ୍ଜଳି ଫୁଡସ୍ ସେୟାର ଦେଖିବା ମାତ୍ରେ କ୍ରାସ ହୋଇଯାଇଥିଲା।ଦିନ ୧୨ଟା ସୁଦ୍ଧା, ବାବା ରାମଦେବଙ୍କ କମ୍ପାନୀର ଷ୍ଟକ୍ ପ୍ରାୟ ୧୯.୫୨ ପ୍ରତିଶତ ହ୍ରାସ ପାଇ ୩୨୮ ଟଙ୍କାରେ ପହଞ୍ଚିଥିଲା, ଯାହାକି ୫୨ ସପ୍ତାହର ନୂତନ ସର୍ବନିମ୍ନ ମୂଲ୍ୟ। ତେବେ ଶେଷ କାରବାର ଘଣ୍ଟାରେ ପତଞ୍ଜଳିର ସେୟାର ହ୍ରାସ କିଛିଟା ହ୍ରାସ ପାଇଥିଲା, ତଥାପି ଏହା ୧୪.୭୩ ପ୍ରତିଶତ ହ୍ରାସ ପାଇ ୩୪୭.୫୦ ଟଙ୍କାରେ ବନ୍ଦ ହୋଇଥିଲା। କମ୍ପାନୀର ବଜାର ପୁଞ୍ଜି ମଧ୍ୟ ୧୨,୬୨୦ କୋଟି ଟଙ୍କାକୁ ହ୍ରାସ ପାଇଥିଲା।ପତଞ୍ଜଳିର ସେୟାର ହ୍ରାସ ପାଇବାର କାରଣ! ପତଞ୍ଜଳି ସେୟାର କ୍ରାସ୍ ପଛରେ ଥିବା କାରଣ ବିଷୟରେ, ରିପୋର୍ଟଗୁଡ଼ିକ ସୂଚାଇ ଦିଏ ଯେ କମ୍ପାନୀ ସହିତ ଜଡିତ ଏକ ବ୍ଲକ ଡିଲ୍ ଖବର ପରେ ଷ୍ଟକର ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଥିଲା। ଏହି ବ୍ଲକ ଡିଲ୍ ରେ ପ୍ରତି ସେୟାର ୩୫୫ ଟଙ୍କା ମୂଲ୍ୟରେ ୫୪ ଲକ୍ଷରୁ ଅଧିକ ସେୟାରର ବିନିମୟ ହୋଇଥିଲା। ଏହି କାରବାରର ମୋଟ ମୂଲ୍ୟ ପ୍ରାୟ ୧୯୫ କୋଟି ଥିଲା, ଯାହା ଫଳରେ ପତଞ୍ଜଳି ସେୟାରରେ ଭଲ ବିକ୍ରୟ ହୋଇଥିଲା। ପତଞ୍ଜଳି ଫୁଡ୍ସ ଏକ ଏକ୍ସଚେଞ୍ଜ ଫାଇଲିଂରେ କହିଛି ଯେ କମ୍ପାନୀ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି, ଏହାର ବ୍ୟବସାୟିକ ଉଦ୍ଦେଶ୍ୟ ଏବଂ ଅଭିବୃଦ୍ଧି ଉପରେ ଧ୍ୟାନ ଦେଉଛି। ସେୟାର ମୂଲ୍ୟରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇ ମ୍ୟାନେଜମେଣ୍ଟ କରିଛି ଯେ ବର୍ତ୍ତମାନ ଏପରି କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା, ସୂଚନା କିମ୍ବା ପରିସ୍ଥିତି ନାହିଁ ଯାହା ପାଇଁ SEBI ତାଲିକାଭୁକ୍ତ ନିୟମାବଳୀ ଅନୁଯାୟୀ ଷ୍ଟକ୍ ଏକ୍ସଚେଞ୍ଜ ସହିତ ସେୟାର କରିବା ଆବଶ୍ୟକ। ପତଞ୍ଜଳି ଫୁଡ୍ସ ଲିମିଟେଡ୍ ମୁଖ୍ୟତଃ ଭାରତରେ ଖାଦ୍ୟ ତେଲ ଏବଂ FMCG ପ୍ରଡକ୍ଟର ମାନୁଫାକଚରିଂ ଏବଂ ବିକ୍ରୟରେ ନିୟୋଜିତ। କମ୍ପାନୀର ପ୍ରମୁଖ ପ୍ରଡକ୍ଟ ମଧ୍ୟରେ ସୋୟାବିନ୍ ତେଲ, ସୋରିଷ ତେଲ, ଘିଅ, ବିସ୍କୁଟ, ନୁଡୁଲ୍ସ, ଜୁସ୍ ଏବଂ ଅନ୍ୟାନ୍ୟ ପ୍ୟାକେଜ୍ ହୋଇଥିବା ଖାଦ୍ୟ ରହିଛି।



# ଆଇଆର୍‌ସିଟିସିର ନୂଆ ବିଟା ୱେବସାଇଟ୍ ଲଞ୍ଚ

## ❑ ୨୨ ବର୍ଷରେ ପରେ ହେଲା ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ: ରେଳ ଯାତ୍ରୀଙ୍କ ପାଇଁ ଏକ ଖୁସି ଖବର। ଟ୍ରେନ୍ ଟିକେଟ୍ ବୁକିଂ ପ୍ରକ୍ରିୟାକୁ ଅଧିକ ସହଜ ଏବଂ ସୁବିଧାଜନକ କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ଆଇଆର୍‌ସିଟିସି ୱେବସାଇଟ୍ର ଏକ ସ୍ୱତନ୍ତ୍ର 'ବିଟା ଭର୍ସନ' ଲଞ୍ଚ୍ କରାଯାଇଛି। ପ୍ରାୟ ଦୁଇ ଦଶନ୍ଧି ପରେ ୱେବସାଇଟରେ ଏଭଳି ଏକ ବଡ଼ ପରିବର୍ତ୍ତନ କରାଯାଇଛି। ନୂଆ ପୋର୍ଟାଲର ଲିଙ୍କ୍ (https://www.irctc.co.in/eticket/) ମାଧ୍ୟମରେ କିମ୍ବା ବର୍ତ୍ତମାନର ହୋମପେଜକୁ ଯାଇ ଯାତ୍ରୀମାନେ ଏହି ସେବାର ଟ୍ରାଏଲ୍ କରିପାରିବେ ଏବଂ ନିଜର ମତାମତ ଦେଇପାରିବେ। ଏହି ନୂଆ ଅପଗ୍ରେଡ୍ ଯୋଗୁ ଯାତ୍ରୀଙ୍କ ଟିକେଟ ବୁକିଂ ସମୟ ବଞ୍ଚିବ। ବିଶେଷ କରି ଏଥିରେ ୪ଟି ମୁଖ୍ୟ ଟେକ୍ନିକାଲ୍ ସୁଧାର କରାଯାଇଛି। ଟିକେଟ୍ ବୁକ୍ କଲାବେଳେ ବାରମ୍ବାର କ୍ୟାପ୍ଚା (Captcha) ଭରିବାକୁ ପଡ଼ିବ ନାହିଁ। ଅଦରକାରୀ ପପ୍-ଅପ୍ କିମ୍ବା ବାରମ୍ବାର ଆସୁଥିବା ବିଜ୍ଞାପନ ମଧ୍ୟ ସ୍କ୍ରିନରେ ଦେଖାଯିବ ନାହିଁ।

ସ୍ଲିପର୍ ହେଉ କିମ୍ବା ଏସି, ସବୁ କ୍ଲାସ୍‌ର ସିଟ୍ ସ୍ଥିତି ଏବେ ଗୋଟିଏ ସ୍କ୍ରିନରେ ସ୍ପଷ୍ଟ ଦେଖିବାକୁ ମିଳିବ। ଫାଷ୍ଟ ଚେକ୍‌ଆଉଟ୍: ବୁକିଂର ଲମ୍ବା ପ୍ରକ୍ରିୟାକୁ ଛୋଟ କରାଯାଇଛି। ଯାହାଦ୍ୱାରା ଖୁବ୍ କମ୍ ଷ୍ଟେପ୍ସରେ ଟିକେଟ୍ କନଫର୍ମ ହୋଇଯିବ।

ଯାତ୍ରୀଙ୍କ ସୂଚନା ଏଠାରେ ସୁରକ୍ଷିତ ରହିବ। ଯାହାଫଳରେ ପରବର୍ତ୍ତୀ ଯାତ୍ରା ସମୟରେ ବାରମ୍ବାର ନାମ କିମ୍ବା ବୟସ ଭରିବାକୁ ପଡ଼ିବ ନାହିଁ। ପୁରୁଣା ୱେବସାଇଟରେ ପ୍ରତି ମିନିଟରେ କେବଳ ୩୨,୦୦୦ ଟିକେଟ୍ ବୁକ୍ ହୋଇପାରୁଥିଲା। କିନ୍ତୁ ଏହି ନୂଆ ସିଷ୍ଟମର ସର୍ଭର କ୍ଷମତା ଏତେ ଶକ୍ତିଶାଳୀ ଯେ, ଏହା ମିନିଟ୍ ପ୍ରତି ୧.୫ ଲକ୍ଷ ଟିକେଟ୍ ବୁକିଂ ସମ୍ଭାଳି ପାରିବ । ଏହା ସହିତ ପ୍ରତି ମିନିଟରେ ୪୦ ଲକ୍ଷରୁ ଅଧିକ PNR ଏବଂ ସିଟ୍ ସନ୍ଧାନ ସମ୍ବନ୍ଧୀୟ ସେବା ମଧ୍ୟ ବିନା କୌଣସି କ୍ରାସ୍ କିମ୍ବା ହ୍ୟାଙ୍ଗ୍‌ରେ କାମ କରିବ। ଏହି ସାଇଟ୍‌ରେ ବିଭିନ୍ନ ତାରିଖର ଭଡ଼ା (Fare Calendar) ତୁଳନା କରିବାର ସୁବିଧା ରହିଛି। ବୁକିଂ ସମୟରେ ହିଁ ଯାତ୍ରୀ ନିଜ ପସନ୍ଦର ବର୍ଥ ବା ସିଟ୍ ବାଛିପାରିବେ। ସବୁଠାରୁ ବଡ଼ କଥା ହେଉଛି କେବଳ ହିନ୍ଦୀ ଏବଂ ଇଂରାଜୀ ନୁହେଁ ବରଂ ଦେଶର ଅନେକ ଆଞ୍ଚଳିକ ଭାଷାରେ ମଧ୍ୟ ଏହି ୱେବସାଇଟ୍ ବ୍ୟବହାର କରାଯାଇପାରିବ। ମାଲଭୀୟ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (MNIT)ର ଛାତ୍ରମାନେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା ବେଳେ ଏହି ସମସ୍ୟାଗୁଡ଼ିକ ବିଷୟରେ ଜଣାଇଥିଲେ। ରେଳ ମନ୍ତ୍ରଣାଳୟ ଛାତ୍ରମାନଙ୍କର ଏହି ପରାମର୍ଶକୁ ଗମ୍ଭୀରତାର ସହ ନେଇ ମାତ୍ର କିଛି ଦିନ ମଧ୍ୟରେ ଏହି ୟୁଜର୍-ଫ୍ରେଣ୍ଡଲି ଇଣ୍ଟରଫେସ୍ ପ୍ରସ୍ତୁତ କରିଛି। ଦେଶରେ ଦୈନିକ ହାରାହାରି ୧୪.୫ ଲକ୍ଷରୁ ଅଧିକ ଟ୍ରେନ୍ ଟିକେଟ୍ ଆଇଆର୍‌ସିଟିସି ମାଧ୍ୟମରେ ବୁକ୍ ହେଉଛି। ଏହି ନୂଆ ଅପଡେଟ୍ ଆସିବା ପରେ କୋଟି କୋଟି ରେଳ ଯାତ୍ରୀଙ୍କୁ, ବିଶେଷ କରି ତତ୍କାଳ ଟିକେଟ୍ ବୁକିଂ ସମୟରେ ବଡ଼ ଆଶ୍ୱସ୍ତି ମିଳିବ।




# ବ୍ରିଟେନକୁ ୧୪ କୋଟି ଡଲାରର ରପ୍ତାନୀ କରିଛି ଭାରତ

ନୂଆଦିଲ୍ଲୀ,୧୬।୭: ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ବୁଧବାର କହିଛନ୍ତି ଯେ ଭାରତ-ବ୍ରିଟେନ ବ୍ୟାପକ ଆର୍ଥିକ ଓ ବାଣିଜ୍ୟ ବୁଝାମଣା (ସିଇଟିଏ) ଲାଗୁ ହେବାର ପ୍ରଥମ ଦିନ ବ୍ରିଟେନକୁ ଭାରତ ୧୪ କୋଟି ଡଲାର ମୂଲ୍ୟର ଶୂନ୍ୟ ଶୁଳ୍କ ରପ୍ତାନୀ କରିଛି। ଅଗ୍ରୱାଲ ଏହାକୁ ଭାରତ ଓ ବ୍ରିଟେନ ଅର୍ଥବ୍ୟବସ୍ଥା ଲାଗି ଏକ ଲାଭଜନକ ବୁଝାମଣା ଓ ଏହା ଭାରତର ଏ ପର୍ଯ୍ୟନ୍ତ ମହତ୍ୱାକାଙ୍କ୍ଷୀ ବାଣିଜ୍ୟ ବୁଝାମଣା ମଧ୍ୟରେ ଅନ୍ୟତମ ବୋଲି କହିଛନ୍ତି। ଏହି ବାଣିଜ୍ୟ ବୁଝାମଣାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ୧୪ ରାଉଣ୍ଡର ଔପଚାରିକ ବାର୍ତ୍ତା ପରେ ୮୦୦ରୁ ଅଧିକ ବୈଷୟିକ ଅଧିବେଶନର ଆୟୋଜନ କରାଯାଇଥିଲା। ସିଇଟିଏ ଅନୁସାରେ ଭାରତର ପାଖାପାଖି ୯୯% ରପ୍ତାନୀକୁ ବ୍ରିଟେନ ବଜାରର ଶୂନ୍ୟ ଶୁଳ୍କ ପହଞ୍ଚ ମିଳିବ। ଏଥିରେ ଚମଡା, ଜୋତା, ବସ୍ତ୍ର, ମେସିନାରୀ, ପ୍ଲାଷ୍ଟିକ୍, ଧାତୁ, ସାମୁଦ୍ରିକ ଉତ୍ପାଦ ଓ ରତ୍ନ ଆଭୂଷଣ ଭଳି କ୍ଷେତ୍ର ସାମିଲ ଅଛି, ଯାହାକୁ ପୂର୍ବରୁ ୨ରୁ ୧୬% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କର ସମ୍ମୁଖୀନ ହେବାକୁ ପଡୁଥିଲା। ସେହିପରି ସରକାରୀ କ୍ରୟ ପ୍ରାବଧାନ ଅନୁସାରେ ଭାରତୀୟ କମ୍ପାନୀଙ୍କୁ ବ୍ରିଟେନର ପାଖାପାଖି ୯୦ ବିଲିୟନ ପାଉଣ୍ଡର ସରକାରୀ କ୍ରୟ ବଜାର ପର୍ଯ୍ୟନ୍ତ ଆଇନଗତ ପହଞ୍ଚ ମିଳିବ। ତେବେ ଏହା ବଦଳେ ବ୍ରିଟେନକୁ ଭାରତ ୧୧୪ ବିଲିୟନ ଡଲାରର ଅବସର ପ୍ରଦାନ କରିଛି। ମନ୍ତ୍ରାଳୟର ଅତିରିକ୍ତ ସଚିବ ଦର୍ପଣ ଜୈନ କହିଛନ୍ତି ଯେ ଭାରତର ଏମଏସଏମଇ ସ୍ୱାର୍ଥ ଲକ୍ଷ୍ୟା ଲାଗି ଏହି ବୁଝାମଣାରେ ପର୍ଯ୍ୟାପ୍ତ ରକ୍ଷା ଉପାୟ କରାଯାଇଛି ଓ ରାଜ୍ୟସ୍ତରରେ ସରକାରୀ କ୍ରୟ ପ୍ରାବଧାନ ଲାଗୁ ହେବ ନାହିଁ। ଯେଉଁ ପର୍ଯ୍ୟନ୍ତ କାର୍ବନ ସୀମା ଆଡଜଷ୍ଟମେଣ୍ଟ ପ୍ରଣାଳୀ (ସିବିଏଏମ)ର ପ୍ରଶ୍ନ ରହୁଛି ଏହା ଉପରେ ଦୁଇ ଦେଶଙ୍କ ଚର୍ଚ୍ଚା ଜାରି ରହିଛି। ଏଥିରେ ଜଣେ ଅଧିକାରୀ କହିଛନ୍ତି ଯେ ଯଦି ଭବିଷ୍ୟତରେ ବ୍ରିଟେନର କାର୍ବନ କର ଭାରତୀୟ ରପ୍ତାନୀକୁ ପ୍ରଭାବିତ କରେ ତେବେ ଭାରତ ଆବଶ୍ୟକ ଆଡଜଷ୍ଟମେଣ୍ଟ କରିବ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ଟଙ୍କା ରହିଛି ।ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ୨୮ ବର୍ଷ ପରେ ଅସ୍ତରଙ୍ଗରେ ଗଡ଼ିଲା ରଥ



## ରଥାରୂଢ଼ ମହାପ୍ରଭୁଙ୍କୁ ଦେଖି ଆର୍ଦ୍ର ହେଲା ସହର୍ଷ ଲୋଚନ

**କାକଟପୁର/ଅସ୍ତରଙ୍ଗ,୧୬।୭ (ସଂଚାର ବ୍ୟୁରୋ):** ଆକାଶ ମେଘା ଛନ, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗର ହୃଦୟ ଆଜି ଆନନ୍ଦରେ ଝଲସୁଛି। ୨୮ ବର୍ଷର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଆଜି ପୁଣ୍ୟ ପୀଠ ଅସ୍ତରଙ୍ଗର ମାଟିରେ ଗଡିଲା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ଗୋଟିଏ ଦିବ୍ୟ ରଥ। ଶଙ୍ଖନାଦ ଆଉ "ଜୟ ଜଗନ୍ନାଥ" ଉଲ୍ଲାସରେ କମ୍ପିଲା ଦିଗଦିଗନ୍ତ। ଏହା କେବଳ ଏକ ଉତ୍ସବ ନୁହେଁ, ଏହା ଶ୍ରଦ୍ଧାର ମହାପର୍ବ।

ପ୍ରଭାତରୁ ହିଁ ପବିତ୍ର ହୋଇଉଠିଥିଲା ବାଟୁଆ ଗାଦି। ମଧ୍ୟାହ୍ନ ୧୨ ଘଟିକାରେ ଶାସ୍ତ୍ରୀୟ ବିଧିରେ ସମ୍ପନ୍ନ ହେଲା ପହଣ୍ଡି ବିଜେ। ତ୍ରିରତ୍ନ ରଥାରୂଢ଼ ହେବା ପରେ ଅପରାହ୍ନ ୨ ଘଟିକାରେ ଅସ୍ତରଙ୍ଗ ପୌରପତି ବାମଦେବ ସାହୁଙ୍କ ଦ୍ୱାରା ଛେରା ପହଁରା ସମ୍ପନ୍ନ ହେବା ସହିତ ଆରମ୍ଭ ହେଲା ସେହି ଐତିହାସିକ ମୁହୂର୍ତ୍ତ। ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଟଣାଗଲା ମହାପ୍ରଭୁଙ୍କ ରଥ। କାଳିଆଙ୍କ ଦର୍ଶନରେ ଆର୍ଦ୍ର ହୋଇଗଲା ସହସ୍ର ଭକ୍ତଙ୍କ ଲୋଚନ।

"ରଥଯାତ୍ରା କମିଟି, ଅସ୍ତରଙ୍ଗ"ର ଅକ୍ଳାନ୍ତ ପରିଶ୍ରମ ଓ ମୁଖ୍ୟ ଶିଳ୍ପୀ ବୃନ୍ଦାବନ ମହାରଣାଙ୍କ କାରିଗରୀରେ ନିର୍ମିତ ୨୧ ଫୁଟ ଉଚ୍ଚର ଏହି ଦିବ୍ୟ ରଥ ବାଟୁଆ ଗାଦିରୁ ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରି ପହଞ୍ଚିଲା ଭଗବତୀ ମନ୍ଦିର ସମ୍ମୁଖ ଅସ୍ଥାୟୀ ଗୁଣ୍ଡିଚାରେ। ପ୍ରତି ଗୃହ ତୋରଣରେ ସଜେଇ, ପ୍ରତି ରାସ୍ତାପଥ ରଙ୍ଗୋଲିରେ ରଞ୍ଜିତ ହୋଇଥିଲା। ରଥର ପ୍ରତି କାଷ୍ଠଖଣ୍ଡରେ ଖୋଦିତ ହୋଇଛି ଏକ ଯୁଗର ବ୍ୟଥା ଓ ଆଶା।

କମିଟି ଉପଦେଷ୍ଟା ବରିଷ୍ଠ ନାଗରିକ ରବୀନ୍ଦ୍ର ମହାନ୍ତି ଗଦଗଦ କଣ୍ଠରେ କୁହନ୍ତି, "୧୯୯୭ରେ ମା ମଙ୍ଗଳାଙ୍କ ଶ୍ରୀଚରଣରେ ଆଜ୍ଞାମାଳ ପାଇଥିଲୁ। କିନ୍ତୁ ମହାବାତ୍ୟା ସବୁ ସ୍ୱପ୍ନ ଚୂରମାର କରିଦେଲା। ଆଜି ମା ପୁଣି ଆଜ୍ଞା ଦେଲେ। ଏହା ଆମର ରଥ ନୁହେଁ, ଏହା ମା ମଙ୍ଗଳାଙ୍କ ରଥ।"

କେବଳ ଅସ୍ତରଙ୍ଗ ନୁହେଁ, ଆଜି ସମଗ୍ରଅସ୍ତରଙ୍ଗ ବ୍ଲକ ଶ୍ରଦ୍ଧାରେ ନିମଗ୍ନ ଥିଲା। ଶତାବ୍ଦୀ ପ୍ରାଚୀନ ବଢ଼ିଲୋ ଜଗନ୍ନାଥ ମନ୍ଦିରରୁ ଆରମ୍ଭ କରି ବରଡି, ଓଳିହା ଐଶାନେଶ୍ୱର, ନଗର ପଶ୍ଚିମେଶ୍ୱର ପର୍ଯ୍ୟନ୍ତ ସବୁଠି ଗଡିଲା ରଥ। କୁନି କୁନି ପିଲାମାନେ ନିଜ କରକମଳରେ କ୍ଷୁଦ୍ର ରଥ ଟାଣି ଭକ୍ତିର ପରିଚୟ ଦେଲେ।

## ଭକ୍ତିମୟ ପରିବେଶରେ ଶ୍ରୀଗୁଣ୍ଡିଚା ରଥଯାତ୍ରା



**ବାଲିକୁଦା,୧୬।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଖମ୍ବାକୁଳ ମଠ ପକ୍ଷରୁ ଆଜି ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଭକ୍ତି, ଆଧ୍ୟାତ୍ମିକତା ଓ ପାରମ୍ପରିକ ରୀତିନୀତିର ମାହୋଲ ମଧ୍ୟରେ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାର ସର୍ବ ପୁରାତନ ଖମ୍ବାକୁଳସ୍ଥିତ ଶ୍ରୀ ନୃସିଂହନାଥ ଜୀଉ ମନ୍ଦିରରୁ ଦଇତାପତି ନିଯୋଗଙ୍କ ଦ୍ୱାରା ପାରମ୍ପରିକ ବିଧିବିଧାନ ଅନୁଯାୟୀ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଭୁ ଶ୍ରୀବଳଭଦ୍ରଙ୍କୁ ରଥାରୂଢ଼ କରାଯାଇଥିବା ବେଳେ ପରେ ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହଙ୍କୁ ବିଧିବଦ୍ଧ ଭାବେ ରଥରେ ବିଜେ କରାଯାଇଥିଲା। ପହଣ୍ଡି ବିଜେ ସମୟରେ ଘଣ୍ଟ, ଘଣ୍ଟା, ମୃଦଙ୍ଗ, ଝାଞ୍ଜ ଓ କାହାଳିର ମଧୁର ନାଦ ସହ ଶ୍ରଦ୍ଧାଳୁମାନଙ୍କ 'ହରିବୋଲ' ଓ ହୁଳହୁଳି ଧ୍ୱନିରେ ସମଗ୍ର ପରିବେଶ ଭକ୍ତିରସରେ ଉଦ୍‌ବେଳିତ ହୋଇଉଠିଥିଲା। ବହୁ ସଂଖ୍ୟକ ଭକ୍ତଙ୍କ ସମାଗମରେ ଉତ୍ସବସ୍ଥଳ ଆଧ୍ୟାତ୍ମିକ ଆବହରେ ମୁଖରିତ ହୋଇଥିଲା। ପହଣ୍ଡି ବିଜେ ପରେ ବାଲିକୁଦା ପୁଲିସ ପ୍ରଶାସନର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶ୍ରଦ୍ଧାଳୁମାନେ ମାଉସୀମା ମନ୍ଦିର ଅଭିମୁଖେ ରଥ ଟାଣିବା ଆରମ୍ଭ କରିଥିଲେ। ତେବେ ବଡ଼ଦାଣ୍ଡ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ କିଛି ବାଟ ଅତିକ୍ରମ କରିବା ପରେ ରଥଟି ମଝି ରାସ୍ତାରେ କିଛି ସମୟ ପାଇଁ ଅଟକି ଯାଇଥିଲା। ପରେ ଶ୍ରଦ୍ଧାଳୁମାନଙ୍କ ଉଦ୍ୟମ ଓ ସେବକମାନଙ୍କ ସହଯୋଗରେ ରଥ ପୁନର୍ବାର ଗଡ଼ି ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ସମଗ୍ର ରଥଯାତ୍ରା ଶାନ୍ତିଶୃଙ୍ଖଳା ଓ ଭକ୍ତିମୟ ପରିବେଶ ମଧ୍ୟରେ ସମାପ୍ତ ହୋଇଥିଲା।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

**ମାଲକାନଗିରି,୧୬।୭ (ସଂଚାର ବ୍ୟୁରୋ):** କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ମାରିୱାଡ଼ା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଏମ୍. ପି. ଭି. ୧୮ (ବି) ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ମା' ପାଇଁ ଗଛଟିଏ 'କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ, ବନ ବିଭାଗ, କାଲିମେଲା ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କାଲିମେଲା ବନବିଭାଗ ରେଞ୍ଜ ଅଧିକାରୀ ବିଜୟ କୁମାର ନାୟକ ମୁଖ୍ୟ ଅତିଥି, ଡଃ. ରଞ୍ଜନ କୁମାର ସ୍ୱାଇଁ, ଅଧ୍ୟାପକ ବାଣିଜ୍ୟ ବିଭାଗ, ମୁଖ୍ୟ ବକ୍ତା, ଅରୁଣ ରାୟ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋରକୁଣ୍ଡା ଓ ଫରେଷ୍ଟର କାଲିମେଲା ଶ୍ରଦ୍ଧାଞ୍ଜଳୀ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଗଣ ଉପସ୍ଥିତ ଛାତ୍ର ଛାତ୍ରୀ, ଗ୍ରାମବାସୀ, ମହିଳା ମାନଙ୍କୁ ବୃକ୍ଷ ରୋପଣର ଉପକାରିତା ସମ୍ବନ୍ଧରେ ସଚେତନ କରାଇଥିଲେ। ବନବିଭାଗ ତରଫରୁ ବିଦ୍ୟାଳୟ ପରିସରରେ ୫୦ରୁ ଉର୍ଦ୍ଧ୍ୱ ଆମ୍ବ, ପଣସ, ଦେବଦାରୁ, ବଉଳ, ଛଇତନା, କଦମ୍ବ ପ୍ରଭୃତି ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାବିତ୍ରୀ ବିଶ୍ୱାସ, ୱାର୍ଡ ମେମ୍ବର ପୁତୁଲ ବିଶ୍ୱାସ, ବିଦ୍ୟାଳୟ ସହକାରୀ ଶିକ୍ଷକ ରାମା ପୂଜାରୀ, ଏମ.ଭି. ୨୫ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଣ୍ଡଳ, ସହକାରୀ ଶିକ୍ଷୟିତ୍ରୀ ସଙ୍ଗୀତା ନାୟକ, ଏମ.ଭି-୨୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ପଟ୍ଟନାୟକ, ନାମେଲଗୁଡ଼ା ଶିକ୍ଷକ ସୁଶାନ୍ତ ଦଲିଆ, କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ବିଦ୍ୟାଳୟ ପରିସରରେ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀ, ମାଆମାନେ ନିଜ ନିଜ ନାମରେ ଗୋଟିଏ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବାପାଇଁ ଶପଥ ନେଇଥିଲେ।

ପରିଶେଷରେ ମାରିୱାଡ଼ା ସି.ଆର.ସି.ସି. ଉତ୍ତମ ସମଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ସମାପ୍ତ ଘୋଷଣା କରାଯାଇଥିଲା।

### ତହସିଲଦାରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ରାଜସ୍ୱ ନିରୀକ୍ଷକ

## ସରକାରୀ ଜାଗାରେ ଅଳିଆ ଆର୍ବଜନା ପକାଇ ପରିବେଶ ପ୍ରଦୂଷିତ

**ନିଶ୍ଚିନ୍ତକୋଇଲି,୧୬।୭ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ତହସିଲ ଅନ୍ତର୍ଭୁକ୍ତ ସାଲେପୁର ଥାନା ଅଧିନ କେନ୍ଦୁପାଟଣା ପଞ୍ଚାୟତ ନଟରା ଗ୍ରାମର ବଂଶୀଧର ସ୍ୱାଇଁଙ୍କ ପୁତ୍ର ବିକ୍ରମ ସ୍ୱାଇଁ ଏକ ପତିତ ଜମି ଉପରେ ଗୁହାଳ ଘର ନିର୍ମାଣ କରି ଗୋପାଳନ କରୁଛନ୍ତି। ଗୁହାଳରୁ ନିର୍ଗତ ସମସ୍ତ ଆବର୍ଜନା, ଗୋମୂତ୍ର ଓ ଗୋବରକୁ ଏକ ସରକାରୀ ଜାଗାରେ ଟାଙ୍କି କରି ଗଦା କରୁଛନ୍ତି। ଟାଙ୍କି ପୂର୍ଣ୍ଣ ହେବା ପରେ ସେଥିରୁ ନିର୍ଗତ ଆବର୍ଜନା, ଗୋମୂତ୍ର ଓ ଗୋବର ଗୁଡ଼ିକ ନଟରା ଗ୍ରାମର ଧିରେନ୍ଦ୍ର କୁମାର ସାହୁଙ୍କ ଚାଷ ଜମିରେ ମାଡ଼ି ଫସଲ ହାନି ହେଉଥିବା ନେଇ ଧିରେନ୍ଦ୍ର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଏହା ଜମିଜମାଜନିତ ଘଟଣା ହୋଇଥିବାରୁ ଏହି ଘଟଣାକୁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଅବଗତ କରାଇବାକୁ ଥାନା ପକ୍ଷରୁ ଅଭିଯୋଗକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ପରେ ଅଭିଯୋଗକାରୀ ଶ୍ରୀ ସାହୁ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ଏ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ୭ଦିନ ମଧ୍ୟରେ ତଦନ୍ତ କରାଯିବା ପାଇଁ ଅଭିଯୋଗକାରୀଙ୍କୁ ତହସିଲ ପକ୍ଷରୁ କୁହାଯାଇଥିବା ବେଳେ ୭ଦିନ ସମୟ ଅବଧି ପୁରିଯାଇଥିବା ବେଳେ ତହସିଲ ପକ୍ଷରୁ ସେଭଳି କିଛି ପଦକ୍ଷେପ ନନିଆଯିବାରୁ ପୁର୍ନବାର ଅଭିଯୋଗକାରୀ ଶ୍ରୀ ସାହୁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଭେଟି ଘଟଣା ବିଷୟରେ ପଚାରିବାରୁ ଅତିରିକ୍ତ ତହସିଲଦାର ନିଶ୍ଚିନ୍ତକୋଇଲି କେନ୍ଦୁପାଟଣା ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ କରି ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ହେଲେ କେନ୍ଦୁପାଟଣା ରାଜସ୍ୱ ନିରୀକ୍ଷକ ତହସିଲଦାରଙ୍କ ନିର୍ଦ୍ଦେଶକକୁ ବେଖାତିର କରି ଘଟଣାର ତଦନ୍ତ କରିନଥିବା ଜଣାପଡ଼ିଛି। ବର୍ତ୍ତମାନର ଲୋକଙ୍କ ସରକାରର ରାଜସ୍ୱ ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହୁଛନ୍ତି କି କୌଣସି ବ୍ୟକ୍ତି ସରକାରୀ ଜମି ବି ଜବରଦଖଲରେ ରଖିପାରିବେ ନାହିଁ। ହେଲେ ଏଠି ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବାରେ ବିଫଳ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ସରିଲା ପହଣ୍ଡି, ରଥାରୁଢ଼ ହେଲେ ତିନି ଠାକୁର, ଆଜି ହେବ ରଥଟଣା

**ଜୟପୁର,୧୬।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁରର ଐତିହାସିକ ରଥଯାତ୍ରାରେ ଗୁରୁବାର ତିନି ଠାକୁରଙ୍କ ପହଣ୍ଡି କରାଯାଇଥିଲା। ଆଜି ସଂନ୍ଧ୍ୟାରେ ତିନି ଠାକୁରଙ୍କୁ ରଥାରୁଢ଼ ମଧ୍ୟ କରାଯାଇଛି। ରୀତି ନୀତି ଅନୁଯାଇ ଶୁକ୍ରବାର ହେବ ରଥଟଣା। ଅପରାହ୍ନ ୪ଟା ସମୟରେ ତିନି ଠାକୁରଙ୍କୁ ମନ୍ଦିରରୁ ବାହାର କରାଯାଇ ପ୍ରଥମେ ବ୍ରହ୍ମା ସାହି, ଢେରା ସାହି, ସାମନ୍ତରା ସାହି, ଲାଲ ସାହି, ଶେଗରେ ସୁନାରି ସାହିରେ ପହଣ୍ଡି କରାଯାଇଥିଲା। ବଡ଼ ଭାଇ ବଳଭଦ୍ର ଓ ମାତା ସୁଭଦ୍ରାଙ୍କୁ ସୁନାରୀ ସାହିର ସେବାୟତମାନେ ପହଣ୍ଡି କରାଇଥିବାବେଳେ ପ୍ରଭୁ ଜଗନ୍ନାଥଙ୍କୁ ସାମନ୍ତରାୟ ସାହିର ସେବାୟତ ଓ ପତିତପାବନଙ୍କୁ ବ୍ରହ୍ମା ସାହିର ସେବାୟତମାନେ ପହଣ୍ଡି ବିଜେ କରାଇଥିଲେ। ଘଣ୍ଟ, ସଂକିର୍ତ୍ତନ, ବାଜାରେ ପ୍ରଭୁମାନଙ୍କୁ ପହଣ୍ଡି କରାଇ ରଥାନହର ସ୍ଥିତ ନବ ନିର୍ମିତ ରଥ ନିକଟକୁ ନିଆଯାଇଥିଲା। ସେଠାରେ ଠାକୁରଙ୍କୁ ୪ ଥର ରଥ ପରିକ୍ରମା କରାଯାଇ ରଥାରୁଢ଼ କରାଯାଇ ଥିଲା।

ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ଯୋଗ ଦେଇଥିବାବେଳେ ଶାନ୍ତି ଶୃଙ୍ଖଳାରେ ରଥ ଟଣା ସମାପନ ହୋଇଥିଲା। ଚଳିତ ବର୍ଷ ନୂତନ ରଥ ନିର୍ମାଣ ହୋଇଛି। ଆଗରୁ ରଥର ଉଚ୍ଚତା ୩୦ ଫୁଟ୍ ଥିବାବେଳେ ନୂଆ ରଥ ୪୨ ଫୁଟ ହୋଇଛି। ଚଉଡ଼ା ୨୨ ଫୁଟ୍ ରୁ ୨୮ ଫୁଟ୍ ହୋଇଛି। ସେହିପରି ଚକ ୫ ଫୁଟ୍ ଥିବା ବର୍ତ୍ତମାନ ୬ ଫୁଟ ୬ ଇଞ୍ଚ ରହିଛି। ୧୪ଟି କାରିଗର ୨ ମାସରେ ଏହି ରଥ ନିର୍ମାଣ କରିଛନ୍ତି।

## ବିଭିନ୍ନ ରଥଯାତ୍ରାରେ ସାମିଲ ହେଲେ ବିଧାୟକ କଳିକେଶ ନାରାୟଣ ସିଂହଦେଓ

**ବଲାଙ୍ଗୀର,୧୬।୭ (ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଅବସରରେ ବଲାଙ୍ଗୀର ସହରରେ ଆୟୋଜିତ ବିଭିନ୍ନ ରଥଯାତ୍ରା କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦାନ କରିଥିଲେ।

ପ୍ରଥମେ ସେ ଗୋପାଳଜୀ ମନ୍ଦିର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ରଥଯାତ୍ରାରେ ଯୋଗଦେଇ ମହାବାହୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସେ ପାରମ୍ପରିକ ଛେରାପହଁରା ନୀତିରେ ମଧ୍ୟ ସାମିଲ ହୋଇଥିଲେ।

ଏହାପରେ ବିଧାୟକ ଶ୍ରୀ ସିଂହଦେଓ ସାହାଣୀ ରଥଯାତ୍ରା ଓ ଜଗନ୍ନାଥପଡ଼ା ରଥଯାତ୍ରାରେ ଅଂଶଗ୍ରହଣ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସେ ମହାବାହୁଙ୍କ ନିକଟରେ ସମଗ୍ର ବଲାଙ୍ଗିରବାସୀଙ୍କ ସୁଖ, ଶାନ୍ତି, ସମୃଦ୍ଧି ଓ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରାର୍ଥନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଗୋପବନ୍ଧୁ ନଗରରେ ଆୟୋଜିତ ରଥଯାତ୍ରାରେ ମଧ୍ୟ ଯୋଗଦେଇ ଭକ୍ତମାନଙ୍କ ସହ ପବିତ୍ର ଘୋଷଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ଉପସ୍ଥିତ ଭକ୍ତମାନଙ୍କ ସହ ସେ ଶୁଭେଚ୍ଛା ବିନିମୟ କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥିଲେ।

### ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା ଉଦ୍‌ଯାପିତ

## ପ୍ରଶିକ୍ଷକଙ୍କୁ ମିଳିଲା କ୍ରୀଡ଼ା ଉପକରଣ




**ବାରିପଦା,୧୬।୭ (ସଂଚାର ବ୍ୟୁରୋ):** ଟାଟା ଟ୍ରଷ୍ଟସ୍‌ର ସହଯୋଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ତିନିଦିନିଆ 'ଆରମ୍ଭ' ମଲ୍ଟି-ସ୍ପୋର୍ଟସ୍ ପ୍ରୋଗ୍ରାମ ଅନ୍ତର୍ଗତ ଫୁଟବଲ୍ ଦକ୍ଷତା ବୃଦ୍ଧି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରଶିକ୍ଷକ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଭବିଷ୍ୟତରେ ମୟୁରଭଞ୍ଜ ଫୁଟବଲର ପୂର୍ବ ଗୌରବ ଫେରିଆସିବ ବୋଲି ଆଶାପୋଷଣ କରିଥିଲେ । ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ଡ଼ଃ ସୁଭାଶିଷ ନାୟକ ଓ ଓଡିଶା ଫୁଟବଲ କ୍ଲବ କୋଚ ମିର ଆସିଫ ପ୍ରମୁଖ ଉପସ୍ଥିତ ରହି ଏକାଡ଼େମୀର ବିଭିନ୍ନ କେନ୍ଦ୍ର ପାଇଁ ପ୍ରଶିକ୍ଷକମାନଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରିବା ସହ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ ।

## ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

**ଫୁଲବାଣୀ,୧୬।୭ (ସଂଚାର ବ୍ୟୁରୋ):** ବନମହୋତ୍ସବ- ୨୦୨୬ ପାଳନ ଅବସରରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କନ୍ଧମାଳ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ପରିବେଶ ସଂରକ୍ଷଣ, ସବୁଜ ଆବରଣ ବୃଦ୍ଧି ଏବଂ ବନ, ଜୈବ ବିବିଧତା ତଥା ଜଳବାୟୁ ସ୍ଥିତିସ୍ଥାପକତାର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ ଓ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଲୋକସଭା କ୍ଷେତ୍ରର ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କନ୍ଧମାଳ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ବେଦଭୂଷଣ, ଫୁଲବାଣୀ ବନଖଣ୍ଡର ଡିଭିଜନାଲ ଫରେଷ୍ଟ ଅଫିସର ପ୍ରତାପ କୋଟାପଲ୍ଲୀ, ସହକାରୀ ବନ ସଂରକ୍ଷକ, ଫୁଲବାଣୀ, ରେଞ୍ଜ ଅଫିସର, ଫୁଲବାଣୀ, ବନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ଅବସରରେ ମାନ୍ୟଗଣ୍ୟ ଅତିଥି, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷଚାରା ରୋପଣ କରି ପରିବେଶ ସୁରକ୍ଷା ଓ ନିରନ୍ତର ବିକାଶ ପ୍ରତି ନିଜମାନଙ୍କର ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମ ବନମହୋତ୍ସବର ମୂଳ ଉଦ୍ଦେଶ୍ୟକୁ ସାର୍ଥକ କରିବା ସହ ସାମାଜିକ ବନୀକରଣ ଓ ପରିବେଶ ସଂରକ୍ଷଣ ପ୍ରତି ଜନସହଭାଗିତାକୁ ପ୍ରୋତ୍ସାହିତ କରିଥିଲା।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ "ସବୁଜ ପଦକ୍ଷେପ ମାଧ୍ୟମରେ ପୃଥିବୀର ଆରୋଗ୍ୟ" ଶୀର୍ଷକ ବିଷୟ ଉପରେ ଜୁନିୟର ଓ ସିନିୟର ବିଭାଗରେ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମାନ୍ୟଗଣ୍ୟ ଅତିଥିମାନେ ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ସେମାନଙ୍କର ସୃଜନଶୀଳତା, କଳାତ୍ମକ ପ୍ରତିଭା ଏବଂ ପରିବେଶ ପ୍ରତି ସଚେତନତାକୁ ପ୍ରଶଂସା କରିଥିଲେ।

## ଧାମନଗରରେ ମା' ବାସନ୍ତୀ ଦୁର୍ଗା ଟ୍ରଷ୍ଟ ଓ ଗୃହ ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନିକ ସ୍ପଷ୍ଟୀକରଣ

**ଭଦ୍ରକ,୧୬।୭ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅଧୀନ ଶ୍ୟାମପୁର ମୌଜାର ଖାତା ନଂ-୯୮୪, ପ୍ଲଟ ନଂ-୨୫୬୮ ଓ ୨୬୮୨ ଜମିକୁ ନେଇ ଚାଲିଥିବା ବିବାଦ ଉପରେ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ପ୍ରକାଶ ପାଇଛି। ଉକ୍ତ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ କେତେକ ବ୍ୟକ୍ତି ବେଆଇନ ଦର୍ଶାଇ ଅଭିଯୋଗ ଆଣିଥିଲେ, ଯାହାକୁ ଭିତି କରି ପୂର୍ବରୁ ପ୍ରଶାସନ ପକ୍ଷରୁ ଏକ ରିପୋର୍ଟ ଦାଖଲ କରାଯାଇଥିଲା। ଏ ନେଇ ବାସନ୍ତୀ ଦୁର୍ଗା ଟ୍ରଷ୍ଟ ପକ୍ଷରୁ ସଭାପତି କୈଳାଶ ମହାପାତ୍ର ଓ ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର ଅଭିଯୋଗ କରିଥିଲେ।ତେବେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ରାଜସ୍ୱ ନିରୀକ୍ଷକ ଏବଂ ରାଜସ୍ୱ ସୁପରଭାଇଜର ଙ୍କ ଦ୍ୱାରା ମିଳିତ ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟ ରୁ ଜଣାପଡ଼ିଛି ଯେ, ଉକ୍ତ ଜମି 'ବାସନ୍ତୀ ଠାକୁରାଣୀ ବିଜେ ନିଜଗଡ଼' ନାମରେ ରେକର୍ଡଭୁକ୍ତ। ଏହି ଜମିର ମାର୍ଫତଦାର ଭାବେ ମା' ବାସନ୍ତୀ ଦୁର୍ଗା ଟ୍ରଷ୍ଟ' କାର୍ଯ୍ୟ କରୁଛି। ଟ୍ରଷ୍ଟର ସଭାପତି ଓ ସମ୍ପାଦକଙ୍କ ଅନୁଯାୟୀ, କମିଟିର ସମସ୍ତ ସଦସ୍ୟଙ୍କ ମିଳିତ ନିଷ୍ପତି କ୍ରମେ ହିଁ ଏହି ନିର୍ମାଣ କାର୍ଯ୍ୟ କରାଯାଉଛି।ଅନ୍ୟପକ୍ଷରେ, ଧର୍ମେନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତି ଏହି ନିର୍ମାଣକୁ ବଳପୂର୍ବକ ଓ ବେଆଇନ ଦର୍ଶାଇ ଅଭିଯୋଗ କରିଥିଲେ। କିନ୍ତୁ, ପ୍ରଶାସନିକ ତଦନ୍ତ ଓ ଟ୍ରଷ୍ଟ କର୍ମକର୍ତାଙ୍କ ସହ ଆଲୋଚନା ପରେ ଏହା ସ୍ପଷ୍ଟ ହୋଇଛି ଯେ, ନିର୍ମାଣ କାର୍ଯ୍ୟ ମାର୍ଫତଦାର ମାନଙ୍କ ମଧ୍ୟରେ ବୁଝାମଣା ଅନୁଯାୟୀ ଚାଲିଛି। ତେଣୁ, ଏହାକୁ ବେଆଇନ କହିବା ଯଥାର୍ଥ ନୁହେଁ ବୋଲି ରିପୋର୍ଟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

## ଭିତରଦିଗ ପଟଣା ଉପ୍ରା ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ଭୁବନ,୧୬।୭ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୮୬୮ ମସିହାରେ ପ୍ରତିଷ୍ଠିତ ପ୍ରଥମ ବିଦ୍ୟାଳୟ ଭିତରଦିଗ ପଟଣା ଉପ୍ରା ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ସଭାପତି ଭାବେ ଅନାମ ସାହୁ ଏବଂ ଉପ ସଭାପତି ଭାବେ ରଶ୍ମିତା ସାହୁ ନିର୍ବାଚିତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରିୟା ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନିର୍ବାଚନରେ କାଉନସିଲର ସୁଶାନ୍ତ ନାୟକ, ଶିକ୍ଷକ ଶଙ୍କର ପ୍ରସାଦ ମିଶ୍ର, ଅସିତ୍ କୁମାର ଦାଶ, ଶିକ୍ଷୟିତ୍ରୀ କବିତା ପୃଷ୍ଟି, ମାମିନା ବେହେରା, ରୋଶନୀ ପ୍ରଧାନ, ଅଙ୍ଗନୱାଡି କର୍ମୀ ରଞ୍ଜିତା ଚୌଧୁରୀ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୀତାଞ୍ଜଳି ସାହୁ, ବନ୍ଦନା ବେହେରା, ମାମା ଗୁରୁ, ସନ୍ତୋଷୀ ନାୟକ, ସୁକାନ୍ତି ସାହୁ, ସବିତା ମଲିକ, ଲକ୍ଷ୍ମୀବାଳା ଦାସ, ଶରତ ନାୟକ, ଅର୍ଜୁନ ଦାସ, ହୃଷିକେଶ ବେହେରା, ବିଶ୍ୱନାଥ ନାୟକ, କୈଳାସ ମଲିକ, ଶୁକୁଟା ପୃଷ୍ଟି ଙ୍କୁ ସଭ୍ୟ, ସଭ୍ୟା ଭାବେ ଚୟନ କରାଯାଇଥିଲା।

### ରଥଯାତ୍ରାରେ ଚୁଡ଼ାକୁଟିର ଶିଳ୍ପୀଙ୍କ ନିଆରା କାରିଗରୀ

## ତୁଳସୀ ଓ ଶାଳ କାଠରେ ଗଢ଼ିଲେ ଚଳନ୍ତି କ୍ଷୁଦ୍ର ତିନି ରଥ

**ଭଦ୍ରକ,୧୬।୭ (ସଂଚାର ବ୍ୟୁରୋ):** ପବିତ୍ର ଶ୍ରୀଜଗନ୍ନାଥ ରଥଯାତ୍ରା ଅବସରରେ ଭଦ୍ରକ ଜିଲ୍ଲା ଚୁଡ଼ାକୁଟି ପଞ୍ଚାୟତ ସୋରିଷଡିହ ଗ୍ରାମର ଶିଳ୍ପୀ ଗୋପାଳ ସାମଲ ତାଙ୍କ ନିଆରା କାରିଗରୀ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତି ଓ ଶ୍ରଦ୍ଧାର ପ୍ରତୀକ ସ୍ୱରୂପ ସେ ତୁଳସୀ ଓ ଶାଳ କାଠରେ ନନ୍ଦିଘୋଷ, ତାଳଧ୍ୱଜ ଏବଂ ଦର୍ପଦଳନ ରଥର ପ୍ରାୟ ୪ ସେଂଟିମିଟର ଉଚ୍ଚତା ବିଶିଷ୍ଟ କ୍ଷୁଦ୍ର ପ୍ରତିକୃତି ନିର୍ମାଣ କରିଛନ୍ତି। ବିଶେଷ କଥା ହେଲା, ଏହି କ୍ଷୁଦ୍ର ରଥଗୁଡ଼ିକରେ ଦଉଡ଼ି ବାନ୍ଧି ଟାଣିଲେ ପ୍ରକୃତ ରଥ ପରି ଚଳନ କରୁଥିବାରୁ ଏହା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଛି। ମାତ୍ର ଦୁଇ ଦିନ ମଧ୍ୟରେ ଏହି ସୂକ୍ଷ୍ମ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ଗୋପାଳ ସାମଲ କହିଛନ୍ତି, ମହାପ୍ରଭୁଙ୍କ ପ୍ରତି ତାଙ୍କର ଅତୁଟ ଭକ୍ତିଭାବ ହିଁ ତାଙ୍କୁ ଏଭଳି ସୃଜନଶୀଳ କଳାକୃତି ନିର୍ମାଣ ପାଇଁ ପ୍ରେରଣା ଯୋଗାଇଛି। ତାଙ୍କ ହାତରେ ଗଢ଼ା ଏହି ଚଳନ୍ତି କ୍ଷୁଦ୍ର ରଥ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବାବେଳେ ଅନେକେ ତାଙ୍କର ନିଖୁଣ କାରିଗରୀ ଓ ସୃଜନଶୀଳତାର ଭୂୟସୀ ପ୍ରଶଂସା କରୁଛନ୍ତି। ରଥଯାତ୍ରା ଅବସରରେ ଏଭଳି ନିଆରା କଳାକୃତି ସ୍ଥାନୀୟ ଅଞ୍ଚଳରେ ଭକ୍ତି ଓ ଶିଳ୍ପର ଏକ ସୁନ୍ଦର ସମନ୍ୱୟର ନିଦର୍ଶନ ପାଲଟିଛି।

## ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ସଚେତନ ନାଗରିକ

**ଜୟପୁର,୧୬।୭ (ସଂଚାର ବ୍ୟୁରୋ):** ଜୟପୁର ସଚେତନ ନାଗରିକଙ୍କ ତରଫରୁ ସହରର ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ଏସ୍‌ଡ଼ିପିଓ ଅର୍ଚ୍ଚିତା ମିତଲଙ୍କୁ ଅଭିମନ୍ୟୁ ଭଟ ମିଶ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଜୟପୁର ସହରର ଜନସାଧାରଣ ସମ୍ମୁଖୀନ ହେଉଥିବା କିଛି ସମସ୍ୟା ଯାହାର ପ୍ରାଥମିକତା ଭିତିରେ ସମାଧାନ କରିବା ପାଇଁ ଅନୁରୋଧ କରାଯାଇଛି। ଦିନକୁ ଦିନ ଯାନବାହାନ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାର ଭିଡ଼ ଅନିୟନ୍ତ୍ରିତ ହେଉଛି ଏବଂ ଜୟପୁର ସହରରେ ଅନେକ ଦୁର୍ଘଟଣା ଘଟୁଛି ଯାହା ଆହତ ଏବଂ ମୂଲ୍ୟବାନ ଜୀବନ ହାନି ଘଟୁଛି।

ତେଣୁ ପ୍ରଶାସନ ତରଫରୁ ଜୟପୁର ଗାନ୍ଧୀ ଛକ, ଖ୍ରୀଷ୍ଟିଆନ ପେଟା ଜଙ୍କସନ ଏବଂ ଲକ୍ଷ୍ମୀ ପଣ୍ଡା ଛକରେ ଇଲେକ୍ଟ୍ରୋନିକ୍ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସ୍ଥାପନ କରାଯାଉ, ସକାଳ ୦୯:୦୦ରୁ ୧୦:୩୦ ଏବଂ ସନ୍ଧ୍ୟା ୪:୩୦ରୁ ସନ୍ଧ୍ୟା ୭:୩୦ ମଧ୍ୟରେ, ବିଶେଷକରି ପୁରୁଣା ବସ୍‌ଷ୍ଟାଣ୍ଡରୁ ରାଜା ନଗର(ରଥ ପଡ଼ିଆ) ଛକ ଏବଂ ଗାନ୍ଧୀ ଛକରୁ ୱେଲକମ ଜଙ୍କସନ ପର୍ଯ୍ୟନ୍ତ ହାଲୁକା ୪ ଚକିଆ ଯାନ ପ୍ରବେଶ ନିଷେଧ କରାଯାଉ, ଜୟପୁର କୋରାପୁଟ ଜିଲ୍ଲାର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ପଡ଼ୋଶୀ ରାଜ୍ୟ ଏବଂ ପଡ଼ୋଶୀ ଜିଲ୍ଲାରୁ ଅନେକ ଲୋକ ଚିକିତ୍ସା ଏବଂ ବ୍ୟବସାୟ ପାଇଁ ଆସୁଛନ୍ତି। ତେଣୁ ଯଦି ଲକ୍ଷ୍ମୀ ପଣ୍ଡା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଏକ ଓଭର ବ୍ରିଜ୍(ଫ୍ଲାଏ ଓଭର) ନିର୍ମାଣ କରାଯାଏ, ତେବେ ସହରର ଅଧିକାଂଶ ଟ୍ରାଫିକ୍ ସମସ୍ୟା ସବୁଦିନ ପାଇଁ ସମାଧାନ ହୋଇପାରିବ। ଏହାସହିତ ରାୟଗଡ଼ା ଏବଂ ବ୍ରହ୍ମପୁର ଭଳି ସହରର ସୌନ୍ଦର୍ଯ୍ୟକରଣ ବୃଦ୍ଧି ହୋଇପାରିବ।

ସହରରେ ଆଇନ୍ ଶୃଙ୍ଖଳା ସମସ୍ୟା ବଜାୟ ରଖିବା ପାଇଁ ସହରରେ ଅନେକ ନୂତନ ମୁହଁ ଦେଖାଯାଉଛି ଯେଉଁମାନେ ବିଭିନ୍ନ ରାଜ୍ୟର ନମ୍ବର ପ୍ଲେଟ୍ ପଞ୍ଜିକରଣ ସହିତ ବିଭିନ୍ନ ଅଞ୍ଚଳରେ ବିକ୍ରେତା ଭାବରେ ବୁଲୁଛନ୍ତି ଏବଂ କେତେକ ସମୟରେ ସେମାନଙ୍କ ଗାଡ଼ିରେ ପଞ୍ଜିକରଣ ପ୍ଲେଟ୍ ମଧ୍ୟ ନାହିଁ। ଦିନକୁ ଦିନ ଅଧିକ ଚୋରି ଏବଂ ଚୋରି ମାମଲା ମଧ୍ୟ ବୃଦ୍ଧି ପାଉଛି। ଏହି ବିପଦକୁ ଦୂର କରିବା ପାଇଁ, ଏପରି ଲୋକଙ୍କୁ ଚିହ୍ନଟ କରିବା ବାଧ୍ୟତାମୂଳକ ଏବଂ ଯଦି ଅବୈଧ ପ୍ରବାସୀ ଭାବରେ ଚିହ୍ନଟ କରାଯାଏ, ତେବେ ସରକାରଙ୍କ ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। ସନ୍ଧ୍ୟା ଏବଂ ରାତି ସମୟରେ ସତୀଗୁଡ଼ା ଯୋଲ ବ୍ରିଜ୍ ଅଞ୍ଚଳ, ପାୱାର ହାଉସ୍ ଅଞ୍ଚଳ ଏବଂ ସହରର ଅନ୍ୟାନ୍ୟ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ଉଚିତ। ଯାହାଦ୍ୱାରା ଦୁଷ୍ଟ ଲୋକମାନେ ସହରରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାର ସେମାନଙ୍କର ମନ୍ଦ ଉଦ୍ଦେଶ୍ୟକୁ ସାକାର କରିବାରେ ସଫଳ ହେବେ ନାହିଁ। ଦେଖାଯାଉଛି ଯେ ଉକ୍ତ ସମୟରେ ଅନେକ ନୂତନ ମୁହଁ, ଯୁବକ ଯୁବତୀ ଏହି ଅଞ୍ଚଳଗୁଡ଼ିକରେ ଏକତ୍ରିତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କ ଜୀବନକୁ ପ୍ରଭାବିତ କରି ସେଠାରେ ଉପଦ୍ରବ ସୃଷ୍ଟି କରୁଛନ୍ତି।

ଏହାସହ ସହରର ସମସ୍ତ ୱାର୍ଡ଼, ଜନ ଗହଳି ସ୍ଥାନ ସିସି କ୍ୟାମେରା ଲଗାଯାଉ ଫଳରେ ଦୁର୍ବୃର୍ତ୍ତଙ୍କ ଦୌରାତ୍ମ୍ୟ କମିବାସହ ପୋଲିସକୁ ସହଯୋଗ ହେବେ ସାଧାରଣ ଜନତା ମଧ୍ୟ ଉପକୃତହେବେ ବୋଲି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନରେ ତୁଷାର ମିଶ୍ର, ସତ୍ୟ ନାରାୟଣ ଆଚାରୀ, ସନାତନ ଦାସ, ସୁରେଶ ପାଣିଗ୍ରାହୀ, ରାଜୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ଜିଲାର ୧୨୦ଟି ସ୍ଥାନରେ ଜଗନ୍ନାଥଙ୍କ ଘୋଷଯାତ୍ରା ମହାସମାରୋହରେ ପାଳିତ

**ଭଦ୍ରକ,୧୬।୭ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସରକାରୀ ସ୍ତରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲା ବ୍ୟାପି ସମୁଦାୟ ୧୨୦ଟି ରଥଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଭଦ୍ରକ ଟାଉନ ଥାନା, ପୁରୁଣାବଜାର ଅଞ୍ଚଳ, ଗ୍ରାମାଞ୍ଚଳ ଥାନା ଅଧିନ, ବାସୁଦେବପୁର, ନାୟକାଣିଡ଼ିହ, ଆଗରପଡ଼ା, ବନ୍ତ, ଧାମନଗର, ଧୁଷୁରୀ, ଭଣ୍ଡାରିପୋଖରୀ, ଚାନ୍ଦବାଲି, ବାଂଶଡ଼ା ଓ ତିହିଡ଼ି ଥାନା ଅଧିନ, ଧାମରା, ଧାମରା ମେରାଇନ, କଣିଆ ମେରାଇନ୍ ଥାନା ଭଳି ୬୦ଟି ପ୍ରମୁଖ ସ୍ଥାନରେ ଏହା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି। ଏଥିପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିବା ବିଷୟ ଜିଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଏ ପ୍ରତିନିଧିଙ୍କୁ କହିଛନ୍ତି। ବିଶେଷକରି ଚଳିତବର୍ଷ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ରମ୍ଭିଳା ଓ କେଶପୁର ହରିବୋଲ୍ କ୍ଷେତ୍ରଠାରେ ଅବସ୍ଥିତ ୧୫୬ବର୍ଷର ପୁରାତନ ମନ୍ଦିରରେ ଶ୍ରୀ ଜଗନ୍ନାଥ ମନ୍ଦିର ସେବାସଂଘ ତଥା ରଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କ ମିଳିତ ଉଦ୍ୟମରେ ୩ଟି ରଥ ନିର୍ମାଣ ହୋଇ ଏହି ଘୋଷଯାତ୍ରା ସମ୍ପନ୍ନ ହୋଇଛି।






# ମୁହଁ ତ୍ୱଚାକୁ ଚମକାଏ ମୁଲତାନି ମାଟି

ଲୋକମାନେ ଏବେ ପୁଣି ଥରେ ଚର୍ମ, କେଶ ଏବଂ ସ୍ୱାସ୍ଥ୍ୟ ପାଇଁ ପ୍ରାକୃତିକ ଉପଚାର ଉପରେ ନିର୍ଭର କରୁଛନ୍ତି। ସଠିକ୍ ଭାବରେ ବ୍ୟବହାର କଲେ, ଏଗୁଡ଼ିକର ସର୍ବନିମ୍ନ ପାର୍ଶ୍ୱ ପ୍ରତିକ୍ରିୟା ହୁଏ। ଏପରି ଏକ ପ୍ରାକୃତିକ ଉପାଦାନ ହେଉଛି ମୁଲତାନି ମିଟ୍ଟି, ଯାହାକୁ ବର୍ଷ ବର୍ଷ ଧରି ଚର୍ମ ଯତ୍ନରେ ସର୍ବୋତ୍ତମ ଭାବରେ ବିବେଚନା କରାଯାଉଛି। କୁହାଯାଏ ଯେ ମୁଲତାନି ମାଟି ଚର୍ମ ପାଇଁ ଏକ ବରଦାନ। ଏହା ଚର୍ମକୁ ଶାନ୍ତ କରିଥାଏ ଏବଂ ଅନ୍ୟାନ୍ୟ ଅନେକ ଲାଭ ପ୍ରଦାନ କରିଥାଏ। ଯେଉଁ ଲୋକମାନଙ୍କର ଚର୍ମରେ ଅଧିକ ତେଲ ଥାଏ ସେମାନଙ୍କୁ ମୁଲତାନି ମାଟି ମାସ୍କ କିମ୍ବା ପ୍ୟାକ୍ ଲଗାଇବାକୁ ପରାମର୍ଶ ଦିଆଯାଏ।

**ତ୍ୱଚା ଯତ୍ନରେ ମୁଲତାନି ମାଟିର ଲାଭଃ** ପ୍ରକୃତରେ, ମୁଲତାନି ମିଟ୍ଟି ତ୍ୱଚା ପାଇଁ ଏକ ଚମତ୍କାର ସୌନ୍ଦର୍ଯ୍ୟ ଉପଚାର। ଏହାର ଏକ ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚା ଟୋନ୍ ହୁଏ, କାରଣ ଏହାର ଉପାଦାନଗୁଡ଼ିକ ଏହାକୁ ଟାଇଟ୍ ଏବଂ ଯୁବା ଦେଖାଯାଏ। ଯଦି କାହାର ତେଲିଆ ତ୍ୱଚା ଅଛି, ତେବେ ସେମାନେ ବ୍ରଣ କିମ୍ବା ବ୍ରଣ ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହି ଅବସ୍ଥା ପାଇଁ ମୁଲତାନି ମିଟ୍ଟି ଲଗାଇବାକୁ ସୁପାରିଶ କରାଯାଏ, କାରଣ ଏହା ଅତିରିକ୍ତ ତେଲ ଦୂର କରେ ଏବଂ ତ୍ୱଚା ସ୍ୱରକୁ ଉନ୍ନତ କରେ। ପ୍ରଦୂଷଣ ଏବଂ ଖରାପ ଖାଦ୍ୟ ମଧ୍ୟ ତ୍ୱଚାରେ ଫୁସ ଏବଂ ବ୍ରଣ ସୃଷ୍ଟି କରିପାରେ। ଏଗୁଡ଼ିକୁ ଦୂର କରିବା ଏବଂ ଥଣ୍ଡା ପ୍ରଭାବ ପ୍ରଦାନ କରିବା ପାଇଁ ମୁଲତାନି ମାଟି ବ୍ୟବହାର କରାଯାଏ।

**ମୁଲତାନି ମାଟି ପ୍ରତିଦିନ ଲଗାଇବା ଉଚିତଃ** କିଛି ତ୍ୱଚା ବିଶେଷଜ୍ଞ ପ୍ରତିଦିନ ମୁହଁରେ ମୁଲତାନି ମିଟ୍ଟି ଲଗାଇବାର ଭୁଲ କରନ୍ତି। ଏକ ଭୁଲ ଧାରଣା ଅଛି ଯେ ଏହାକୁ ପ୍ରତିଦିନ ଲଗାଇବା ଦ୍ୱାରା ଲାଭ ଦ୍ୱିଗୁଣିତ ହୁଏ। ଏହା ଚର୍ମ ଶୁଷ୍କ କରିଦିଏ। ହାଇଡ୍ରେସନ୍ ଅଭାବରୁ ଲାଲପଣ ହୋଇପାରେ ଏବଂ କିଛି କ୍ଷେତ୍ରରେ, ଝାଡ଼ା ମଧ୍ୟ ହୋଇପାରେ। ଏହି କ୍ଷେତ୍ରରେ, ମୁଲତାନି ମିଟ୍ଟି କ୍ଷତିକାରକ ହୋଇପାରେ।

**ସମସ୍ତ ପ୍ରକାରର ଚର୍ମ ପାଇଁଃ** ମୁଲତାନି ମିଟ୍ଟି ପ୍ରାକୃତିକ ହୋଇଥିଲେ ମଧ୍ୟ, ଏହା ସମସ୍ତ ପ୍ରକାରର ଚର୍ମ ପାଇଁ ଉପଯୁକ୍ତ ନୁହେଁ। ଯେଉଁମାନଙ୍କର ସମ୍ବେଦନଶୀଳ କିମ୍ବା ଶୁଷ୍କ ଚର୍ମ ଅଛି ସେମାନେ ଏହାକୁ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ପରେ ହିଁ ମୁହଁରେ ଲଗାଇବା ଉଚିତ। ଏହି ମାଟି ଚର୍ମରୁ ଅତିରିକ୍ତ ତେଲ ଶୋଷେଣ କରେ ଏବଂ ଶୁଷ୍କ ଚର୍ମରେ ପୂର୍ବରୁ ଆର୍ଦ୍ରତାର ଅଭାବ ଥାଏ। ଏହା ଚର୍ମକୁ ଆହୁରି ଶୁଷ୍କ କରିପାରେ।

**ବ୍ଲାକହେଡ୍ସ ପାଇଁ ପ୍ରଭାବଶାଳୀଃ** ଅନେକ ଲୋକ ମୁଲତାନି ମିଟ୍ଟି ମୁହଁରେ ଲଗାନ୍ତି, ବିଶ୍ୱାସ କରନ୍ତି ଯେ ଏହା କଳାଦାଗ ଏବଂ ଧଳାଦାଗ ଦୂର କରେ, କିନ୍ତୁ ଏହା ସତ୍ୟ ନୁହେଁ। ଏହା ଚର୍ମକୁ କଡ଼ା କରିଥାଏ ଏବଂ ଏହାକୁ ଯୁବକ ଦେଖାଏ। କଳାଦାଗ ଦୂର କରିବା କିମ୍ବା ଦୂର କରିବା ପାଇଁ ଏକ୍ସଫୋଲିଏସନ୍ ଜରୁରୀ। କଳାଦାଗ ପାଇଁ ରେଟିନଏଡ୍ କିମ୍ବା ସାଲିସିଲିକ୍ ଏସିଡ୍ ବ୍ୟବହାର କରିବା ସର୍ବୋତ୍ତମ।



# ଥକ୍କାପଣ ଦୂରକରେ କଦଳୀ, ଗଜାମୁଗ

ବର୍ତ୍ତମାନ ସମୟରେ ଦୈନନ୍ଦିନ ଜୀବନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯାହା ଅନେକ ସମୟରେ ଆମ ଶରୀର ଉପରେ କୁପ୍ରଭାବ ପକାଇଥାଏ। ଫିଟ୍ ରହିବାକୁ ଅଧିକାଂଶ ଲୋକ ଡାଏଟ୍ ଲିଷ୍ଟକୁ ଫଲୋ କରିଥାଆନ୍ତି। କିନ୍ତୁ ସାମାନ୍ୟ ଖରାପ ଖାଦ୍ୟପେୟ ଆମକୁ ବିପଦ ମୁହଁକୁ ଠେଲି ଦେଇଥାଏ। ଯେହେତୁ ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ତେଣୁ ବିଶେଷ କରି ଦିନର ପ୍ରଥମ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଜରୁରୀ। ପ୍ରତ୍ୟେକ ଖାଦ୍ୟର ଭିନ୍ନ ଭିନ୍ନ ପ୍ରଭାବ ଆମ ଶରୀର ଉପରେ ପଡିଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ଯଦି କୌଣସି ବ୍ୟକ୍ତି ଠିଆ ହେବା ଅବସ୍ଥାରେ ପଡିଯିବା,ମୁଣ୍ଡ ବୁଲାଇବା ଓ ଦୁର୍ବଳ ଅନୁଭବ ଇତ୍ୟାଦି କରୁଥାନ୍ତି ତେବେ ଏହା ଶରୀରରେ କିଛି ପୋଷକତତ୍ତ୍ୱର ଅଭାବ ଥିବ ବୋଲି ଭାବିନେବାକୁ ପଡିବ। ତେଣୁ ଆମ ମାନଙ୍କୁ ପ୍ରତିଦିନ ଏମିତି ଖାଦ୍ୟ ଖାଇବାକୁ ପଡିବ ଯାହା ଆମ ଶରୀରରେ ଶକ୍ତି ବର୍ଦ୍ଧକ ହେବ ଓ ଶହନଶକ୍ତି ପ୍ରଦାନ କରିବ। ତେବେ କେଉଁ କେଉଁ ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରକୁ ଶକ୍ତି ମିଳିଥାଏ ଆସନ୍ତୁ ତାହା ବିଷୟରେ ଜାଣିବା।

**ଓଟ୍ସଃ** ଓଟ୍ସ ଖାଇବା ଦ୍ୱାରା ଶରୀରକୁ ଅଧିକ ମାତ୍ରାରେ ଏନର୍ଜି ମିଳିଥାଏ। ସବୁଦିନ ସକାଳୁ କ୍ଷୀର ସହିତ ଓଟ୍ସ ଖାଇବା ଦ୍ୱାରା ଶରୀରକୁ ପ୍ରଚୁର ମାତ୍ରାରେ ଶକ୍ତି ମିଳିଥାଏ। ଓଟ୍ସ ଜାଗାରେ ଆପଣ ଦଲିୟା ମଧ୍ୟ ଖାଇପାରିବେ।ଏହା ଆପଣଙ୍କ ଶରୀର ପାଇଁ ବହୁତ ଲାଭଦାୟକ ହେବ।

**ଗଜାମୁଗଃ** ଗଜାମୁଗ ଖାଇବା ଶରୀର ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏଥିରେ ଆମ ଶରୀରକୁ ଶକ୍ତି ମିଳିଥାଏ। ଗଜାମୁଗ ଶରୀରକୁ ଫିଟ୍ ରଖିବାରେ ମଧ୍ୟ ସହାୟକ ହେଇଥାଏ।

**ପାଳଙ୍ଗ ଶାଗ ସୁପ୍ଃ** ଯଦି ଆପଣ ମୋଟପଣରୁ ମୁକ୍ତି ପାଇବା ପାଇଁ ଚାହୁଁଛନ୍ତି ତେବେ ପାଳଙ୍ଗ ଶାଗର ସୁପ୍ ପିଅନ୍ତୁ। ଏଥିରୁ ଶରୀରକୁ ଅଧିକ ଶକ୍ତି ମିଳିବା ସହିତ କ୍ୟାଲସିୟମ ମଧ୍ୟ ଅଧିକ ମାତ୍ରାରେ ମିଳିବ।

**କଦଳୀଃ** କଦଳୀ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଏହା ଶରୀରର ଷ୍ଟାମିନା ବଢାଇବାରେ ବେଶ୍ ସହାୟକ ହୋଇଥାଏ। ପ୍ରତିଦିନ ଗୋଟିଏ କଦଳୀକୁ ଗୋଟିଏ ଗ୍ଲାସ କ୍ଷିର ସହିତ ଖାଇବା ଦରକାର।

ବାଦାମଃ ବାଦାମ ଖାଇବା ଦ୍ୱାରା ହାର୍ଟ ଶକ୍ତ ହୋଇଥାଏ ଓ ମସ୍ତିଷ୍କ ଠିକ୍ ଭାବରେ କାମ କରିଥାଏ। ବାଦାମ ଶରୀରକୁ ଉପଯୁକ୍ତ ଶକ୍ତି ଯୋଗାଇଥାଏ କିନ୍ତୁ ଏହାକୁ ସବୁଦିନ ଖାଇବା ଅନୁଚିତ୍ କାରଣ ଏହା ଶରୀରର ମୋଟାପଣ ବଢାଇବାରେ ସାହଯ୍ୟ କରିଥାଏ।

**ଦେଶୀ ଘିଅଃ** ଦେଶୀ ଘିଅ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। କିନ୍ତୁ ପ୍ରତିଦିନ ଏହାକୁ ଖାଇଲେ ଶରୀର ମୋଟା ହେବାର ସମ୍ଭାବନା ରହିଛି। ବିଶେଷ କରି ଡାଇବେଟିସ ରୋଗୀ ଏହାକୁ ଖାଇବା ଅନୁଚିତ। ଯଦି ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟାରୁ ରକ୍ଷା ପାଇବାକୁ ଚାହାଁନ୍ତି ତେବେ ଏହି ସବୁ ଖାଦ୍ୟ ଖାଇବାର ଅଭ୍ୟାସ କରନ୍ତୁ। ଯାହା ଆପଣଙ୍କୁ ରୋଗମୁକ୍ତ କରିବାରେ ସହାୟକ କରିବ।



# ମୁଣ୍ଡରେ ରୁପି ହେଉଥିଲେ ?

ବର୍ତ୍ତମାନର ଲାଇଫଷ୍ଟାଇଲ କେବଳ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇନଥାଏ। କେଶ ଏବଂ ତ୍ୱଚା ଉପରେ ମଧ୍ୟ କୁପ୍ରଭାବ ପକାଏ। ଆମେ ଅନେକ ସମୟରେ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରଡକ୍ଟ ବ୍ୟବହାର କରିଥାଉ। କିନ୍ତୁ ଏହା ବେଳେବେଳେ ଆମ ଉପରେ ନକାରାତ୍ମକ ପ୍ରଭାବ ପକାଏ। ଯଦି କେଶ ଝଡ଼ିବା ଏବଂ ଫାଟିବା ଯୋଗୁ ଆପଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ନିୟମିତ ଭାବରେ କେଶରେ ତେଲ ଲଗାଇ ମାଲିସ କରନ୍ତୁ। ଏହା ସହ କେଶକୁ ଲମ୍ବ କରିବାକୁ, ସାଧାରଣ ତେଲ ଲଗାଇବା ପରିବର୍ତ୍ତେ, ଏଥିରେ କିଛି ଜିନିଷ ମିଶାନ୍ତୁ। କେଶ ଲମ୍ବା କରିବା ପାଇଁ କଳାଜିରା ଏବଂ ପିଆଜ ରସ ଉପକାରୀ ବୋଲି ବିବେଚନା କରାଯାଏ। ଏହି ଦୁଇଟି ଜିନିଷରୁ ପ୍ରସ୍ତୁତ ତେଲ କେଶକୁ ମୋଟା ଏବଂ ଲମ୍ବା କରିଥାଏ। କେଶରେ ପିଆଜ ରସ ଲଗାଇଲେ କେଶ କଳା ହୋଇଯାଏ ଏବଂ ଅଧିକ ବଢିବାକୁ ଲାଗିଥାଏ। ସେହି ଭଳି କଳାଜିରା ମଧ୍ୟ କେଶ ପାଇଁ ପ୍ରଭାବଶାଳୀ ହୋଇଥାଏ। କେଶ ମଜବୁତ ହେବାରେ କଳାଜିରା ତେଲ ସାହାଯ୍ୟ କରେ। ତାହେଲେ ତେଲରେ ଏହି ଦୁଇଟି ଜିନିଷ କିପରି ମିଶାଇ ବ୍ୟବହାର କରିବା ଆସନ୍ତୁ ସେ ସମ୍ପର୍କରେ ଜାଣିବା।



**ପିଆଜ ଏବଂ କଳାଜିରା ତେଲ କିପରି ତିଆରି କରିବେଃ** ପିଆଜ ଏବଂ କଳାଜିରା ତେଲ ତିଆରି କରିବା ପାଇଁ ସୋରିଷ ତେଲ କିମ୍ବା ନଡ଼ିଆ ତେଲ ନିଅନ୍ତୁ। ଏହା ପରେ ଏକ ପ୍ୟାନରେ ତେଲ ନେଇ ଗରମ କରନ୍ତୁ ଏବଂ ତେଲ ଗରମ ହୋଇଗଲେ ଏଥିରେ ୧ ଚାମଚ କଳାଗିରା ମିଶାନ୍ତୁ। ପରେ ତେଲରେ ଛୋଟ ଛୋଟ ଖଣ୍ଡ ପିଆଜ କଟା ପକାନ୍ତୁ ଏବଂ ପିଆଜକୁ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହା ସହ ଯଦି ଆପଣ ଚାହିଁବେ, ଆପଣ ଏଥିରେ ୧ ଚାମଚ କଳାଜିରା ମଧ୍ୟ ମିଶାଇ ସବୁକିଛି ଭଲ ଭାବେ ଫୁଟାଇ ପାରିବେ। ଏହା ପରେ ତେଲକୁ ଥଣ୍ଡା ହେବାକୁ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ପ୍ୟାନରେ ଛାଡି ଦିଅନ୍ତୁ। ଯେତେବେଳେ ତେଲ ଥଣ୍ଡା ହୋଇଯିବ, ଏହାକୁ ଏକ ପାତ୍ରରେ ଛାଣନ୍ତୁ ଏବଂ କେଶରେ ତେଲ ଭଲ ଭାବରେ ଲଗାନ୍ତୁ। ଅବଶିଷ୍ଟ ବଞ୍ଚି ଥିବା ତେଲକୁ ଏକ ବୋତଲରେ ରଖନ୍ତୁ ଏବଂ କେଶ ଧୋଇବା ପୂର୍ବରୁ ଏହାକୁ ମାଲିସ୍ କରନ୍ତୁ। ଏହି ତେଲକୁ ସପ୍ତାହରେ ଅତି କମରେ ୨ ରୁ ୩ ଥର କେଶରେ ଭଲ ଭାବରେ ଲଗାନ୍ତୁ। ଏହା ପରେ ଦେଖିବେ କେଶ କିଛି ଦିନ ମଧ୍ୟରେ ଲମ୍ବା ଏବଂ କଳା ହେବାକୁ ଲାଗିବ। ତେବେ ଏହି ତେଲ କେଶର ଲମ୍ବ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

**ଜାଣନ୍ତୁ କଳାଜିରା ଏବଂ ପିଆଜ ତେଲର ଉପକାରତାଃ** ଏହି ତେଲକୁ କେଶରେ ଲଗାଇଲେ ଧଳା କେଶର ସମସ୍ୟା କମିବା ଆରମ୍ଭ କରେ। ତେବେ କଳାଜିରା ଏବଂ ପିଆଜ ରସ କେଶକୁ ମଜବୁତ କରେ ଏବଂ କେଶ ଝଡ଼ିବା ଏବଂ ଫାଟିବା କମିଯାଏ। ଏପରି ଭାବେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଯଦି କେଶରେ କୌଣସି ପ୍ରକାରର ଇନ୍‌ଫେକ୍ସନ୍ ଥାଏ, ତେବେ ଏହି ତେଲ ଲଗାଇବା ଇନ୍‌ଫେକ୍ସନ୍‌କୁ ଦୂର କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଏହି ତେଲ ବ୍ୟବହାର କରିବା ଦ୍ୱାରା ରୁପି ସମସ୍ୟା ମଧ୍ୟ ଦୂର ହୋଇଥାଏ। ତେବେ ଯେଉଁ ଲୋକମାନେ ନିଜ କେଶରେ କଲର କିମ୍ବା କୌଣସି ପ୍ରକାରର କେମିକାଲ ବ୍ୟବହାର କରନ୍ତି। ସେମାନଙ୍କ କେଶ ଅଧିକ ପରିମାଣରେ ଝଡିବାକୁ ଆରମ୍ଭ କରିଥାଏ। ସେଥିପାଇଁ ଏହି ତେଲ ଆପଣଙ୍କ ପାଇଁ ଲାଭଦାୟକ ହେବ। ପିଆଜ ଓ କଳାଜିରା ତେଲ ଲଗାଇବା ଦ୍ୱାରା ନୂଆ କେଶ ମଧ୍ୟ ବଢିବାକୁ ଆରମ୍ଭ କରିଥାଏ।

# ଅତି ପ୍ରକ୍ରିୟାକୃତ ଖାଦ୍ୟ ପାକସ୍ଥଳୀ ଅଣୁଜୀବଙ୍କୁ ପ୍ରଭାବିତ କରେ



ଆମ ସ୍ୱାସ୍ଥ୍ୟର ନାନାଦି ବିଭବ ଉପରେ ପ୍ରଭାବ ପକାଉଛନ୍ତି ପେଟ ଭିତରେ ଥିବା ଅସୁମାରି ଅଣୁଜୀବ। ପାକସ୍ଥଳୀର ଅଣୁଜୀବଙ୍କ ବିବିଧତା ଠିକ୍ ଗୋଟାଏ ବନସ୍ତରେ ଥିବା କିସମ କିସମ ଗଛବୃଛ ଓ ଜୀବଜନ୍ତୁଙ୍କ ଭଳି। ପାକସ୍ଥଳୀରେ ଯେତେ ଅଧିକ ଓ ଭିନ୍ନଭିନ୍ନ ଜାତିର ଅଣୁଜୀବ ରହିବେ ମନୁଷ୍ୟ ସେତେ ଅଧିକ ପେଟ ବେମାରି ସହ୍ୟ କରିବାକୁ ସମର୍ଥ ହେବ। ବିଜ୍ଞାନ ମଧ୍ୟ ଦୀର୍ଘ ଦିନରୁ ସୁନିଶ୍ଚିତ କରିସାରିଛି ଯେ ମନୁଷ୍ୟର ସାମଗ୍ରିକ ସୁସ୍ଥତା ନିମନ୍ତେ ମୁଖ୍ୟ ଉପାଦାନ ହେଉଛି ବିପୁଳସଂଖ୍ୟକ ବିବିଧ କିସମ ପାକସ୍ଥଳୀ ଅଣୁଜୀବ। କାରଣ, ଏହା ମନୁଷ୍ୟ ମିଜାଜ୍‌ରୁ ନେଇ ମେଟାବଲିଜିମ୍ ଓ ମସ୍ତିଷ୍କକୁ ବି ପ୍ରଭାବିତ କରେ। ଅଣୁଜୀବ ବିବିଧତା ହ୍ରାସ ପାଇଲେ ମନୁଷ୍ୟଠାରେ ଶୟନ ସମସ୍ୟା, ପାକସ୍ଥଳୀ ବିକୃତି ଓ ପ୍ରଦାହ ଭଳି ରୋଗ ହେବାର ଯଥେଷ୍ଟ ଆଶଙ୍କା ଥାଏ। ତେଣୁ, କିଙ୍ଗ୍‌ସ କଲେଜ୍ ଲଣ୍ଡନ୍‌ର ନ୍ୟୁଟ୍ରିସନ୍ ପ୍ରଫେସର୍ ସାରା ବେରି କହନ୍ତି, ''ଏ ଗୋଟାଏ ସାମଗ୍ରିକ ପରିସଂସ୍ଥାନ। ଅର୍ଥାତ୍ ଆମ ଶରୀର ମଧ୍ୟରେ ଅଣୁଜୀବସମୂହ ଗୋଟାଏ ଅତିରିକ୍ତ ଅଙ୍ଗ ସଦୃଶ।'' କିନ୍ତୁ, ଆମେ ସାଧାରଣତଃ ଖାଉଥିବା କେତେକ ଆହାର ପାକସ୍ଥଳୀସ୍ଥିତ ପରିସଂସ୍ଥାନର କ୍ଷତିସାଧନ କରୁଛି ବୋଲି ପ୍ରମାଣ ମିଳିଗଲାଣି। ବିଶେଷତଃ ଅଲ୍‌ଟ୍ରା-ପ୍ରୋସେସ୍‌ଡ ଫୁଡ୍ ବା ଅତି ପ୍ରକ୍ରିୟାକୃତ ଆହାର ମନୁଷ୍ୟ ପାକସ୍ଥଳୀରେ ଅଣୁଜୀବଙ୍କ କ୍ରିୟାକଳାପରେ ବ୍ୟାଘାତ ଓ ପରିବର୍ତ୍ତନ ଘଟାଇପାରେ। ଏ ଧରଣର ଖାଦ୍ୟରେ ଦିଆଯାଉଥିବା ଏମଲ୍‌ସିଫାୟର୍, କୃତ୍ରିମ ଶର୍କରା ଓ ରଙ୍ଗ ଭଳି ଅସଂଖ୍ୟ ରାସାୟନିକ ଉପାଦାନ ଏଥିପାଇଁ ଦାୟୀ। ଅଧିକ ସ୍ୱାଦଯୁକ୍ତ, ମୁସ୍‌ମୁସିଆ କରିବା ପାଇଁ ଅଥବା ଖାଦ୍ୟର ରୂପ ବଦଳାଇବା ପାଇଁ ଏବଂ ଦୀର୍ଘଦିନ ତଟକା ରଖିବା ଲାଗି ପ୍ରକ୍ରିୟାକରଣକାରୀ କମ୍ପାନିମାନେ ଏସବୁ କରନ୍ତି। ସୁପର୍‌ମାର୍କେଟ୍‌ଗୁଡ଼ିକରେ ମିଳୁଥିବା ଅଧିକାଂଶ ପ୍ରକ୍ରିୟାକୃତ ଖାଦ୍ୟଦ୍ରବ୍ୟରେ ଅଧିକ ଏମଲ୍‌ସିଫାୟର୍ ଥିବା କଥା ଗବେଷକମାନେ କହନ୍ତି। ଏ ଧରଣର ରାସାୟନିକ ଉପାଦାନ, ବିଶେଷ କରି ଏମଲ୍‌ସିଫାୟର୍ ମିଶ୍ରିତ ଆହାର ଭୋଜନ କଲେ ପାକସ୍ଥଳୀରେ ଥିବା ଅଣୁଜୀବଙ୍କ ଉପରେ କୁପ୍ରଭାବ ପଡ଼େ। ତା'ଛଡ଼ା ଏଥିଯୋଗୁଁ, ଆଇବିଡି, ଆଇବିଏସ୍, ଏବଂ କଲୋରେକ୍ଟାଲ୍ କ୍ୟାନ୍‌ସର୍ ଆଦି ରୋଗ ହେବାର ଆଶଙ୍କା ଥାଏ।

ପାକସ୍ଥଳୀର ଅନ୍ତରେ ଲାଗିରହିଥିବା ବହଳିଆ ଲାଳ ଅଣୁଜୀବମାନଙ୍କ କବଳରୁ ଏହାର ଭିତରପାର୍ଶ୍ୱ ସୁରକ୍ଷିତ ରଖିଥାଏ। ଏ ଲାଳ ପ୍ରଦାହ ପ୍ରତିରୋଧକ ଭାବେ କାର୍ଯ୍ୟ କରିଥାଏ। ଅତି ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ଯୋଗୁଁ ଉଦରସ୍ଥ ଲାଳ କ୍ଷୟ ହୋଇଯାଏ ଏବଂ ଅଣୁଜୀବମାନେ ଅନ୍ତ ଭିତରପାର୍ଶ୍ୱକୁ ସଂକ୍ରମିତ କରି ପ୍ରଦାହ ସୃଷ୍ଟି କରନ୍ତି। ଏହାର ଅର୍ଥ ନୁହେଁ ଯେ ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ନ ଖାଇବା। ମାତ୍ର ନିଜ ସ୍ୱାସ୍ଥ୍ୟ ଓ ପାକସ୍ଥଳୀ ଅଣୁଜୀବଙ୍କ ହିତ ପାଇଁ ଏଥିସହିତ ଯଥା ସମ୍ଭବ ସଦ୍ୟ ରନ୍ଧା ଖାଦ୍ୟ ଖାଇବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

### ଲଗାଣ ବର୍ଷାରେ ଯୋଗାଯୋଗ ବିଚ୍ଛିନ୍ନ

# ରାସ୍ତା ଉପରେ ଚାଲିଲା ୩ ଉଚ୍ଚରେ ପାଣି



**ବେଗୁନିଆ,୧୬।୭(ସଂଚାର ବ୍ୟୁରୋ)ଃ** ଅବିରତ ଅବିଶ୍ରାନ୍ତ ଏବଂ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। କେଉଁଠି ଘର ଭିତରେ ଆଣ୍ଠିଏ ପାଣି ତ ଆଉ କେଉଁଠି ରାସ୍ତା ଉପରେ ତିନି ଫୁଟର ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକରେ ଲଗାଣ ବର୍ଷା ହେବା କାରଣରୁ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହେଇଥିବା ବେଳେ ଲଗାଣ ବର୍ଷାରେ କଣ୍ଟାବାଡ଼ ମଲ୍ଲୀପଦର ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ରାସ୍ତା ଉପରେ ତିନି ଫୁଟର ପାଣି ଚାଲୁଛି। ଯାହା ଫଳରେ କଣ୍ଟାବାଡ଼ରୁ ମଲ୍ଲୀପଦରକୁ ଯୋଗାଯୋଗ ବିଚ୍ଛିନ୍ନ ହେଇଛି। ସେହିପରି ଓସ୍ତପୁର ଗ୍ରାମରେ ମଧ୍ୟ ଏକାଧିକ ବ୍ୟକ୍ତିଙ୍କ ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ପଶିଯାଇଛି। ଜଳ ସଠିକ ଭାବେ ନିଷ୍କାସିତ ନହେବା ସହ ପ୍ରବଳ ବର୍ଷା କାରଣରୁ ଏହିପରି ପରିସ୍ଥିତି ଉପୁଜିଛି।ଭାରି ଓ୍ୱର୍ଷାରେ ଚାଷୀ କୁଳର ବ୍ୟାପକ କ୍ଷତି ହେଇଥିବା ବେଳେ ପ୍ରଥମ ବର୍ଷାରେ ତଳି ଧାନ ନଷ୍ଟ ହେଇଥିବା ବେଳେ ପୁନର୍ବାର ଲଗାଣ ବର୍ଷା ଜଳ ତଳି ଧାନ ବ୍ୟାପକ ନଷ୍ଟ ହେଇଥିବା ଚାଷୀମାନେ କହିଛନ୍ତି। କିପରି ପୁଣି ଚାଷ ପାଇଁ ବିହନ କେଉଁଠୁ ଆଣିବେ ଫସଲ କିପରି କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ଚାଷ ଜମିରେ ପାଣି ପୂର୍ଣ୍ଣ ହେଇ ରହିଥିବାରୁ ଜମି ନଦୀର ଭ୍ରମ ସୃଷ୍ଟି କରୁଛି। ସବୁଠି ପାଣି ଆଉ ପାଣି। ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷତି ଆଜି ସକାଳ ସାଢେ ଆଠଟା ସୁଧା ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତାରେ ୪୮ ମିଲିମିଟର ବର୍ଷା ହେଇଥିବା ବେଳେ ବାଲିପାଟଣାରେ ୪୮ ମିଲିମିଟର ଭୁବନେଶ୍ୱରରେ ୫୦ ମିଲିମିଟର ଜଟଣୀରେ ୮ ମିଲିମିଟର ବାଣପୁରରେ ୪୪ ମିଲିମିଟର ବେଗୁନିଆରେ ୮୪ ମିଲିମିଟର ବୋଲଗଡରେ ୮୨,ଚିଲିକାରେ ୪୩ ଖୋରଧାରେ ୫୭ ଏବଂ ଟାଙ୍ଗିରେ ବ୍ଲକରେ ୨୨ ମିଲିମିଟର ବର୍ଷା ହେଇଥିବା ରେକର୍ଡ କରାଯାଇଛି। ସେପଟେ ଲଗାଣ ବର୍ଷା ଚାଷୀକୁଳ ପାଇଁ ବ୍ୟାପକ କ୍ଷତି କରିଥିବା ବେଳେ ମଲ୍ଲୀପଦର ଚାଷୀ ଅର୍ଜୁନ ଦାଶ ଏବଂ ବାପି ମହାପାତ୍ର କହିଛନ୍ତି ଆମେ ବିହନ କେଉଁ ଠାରୁ ଆଣିବୁ ବାରମ୍ବାର ଯାହା ବିହନ ତଳି ପକାଉଛୁ ତାହା ଲଗାଣ ବର୍ଷା ଦ୍ୱାରା ନଷ୍ଟ ହେଉଛି ପ୍ରଶାସନ ତୁରନ୍ତ ବିହନ ଯୋଗାଇବାକୁ ଦାବି କରିଛନ୍ତି। ସେପଟେ ଓସ୍ତପୁରରେ ଏକାଧିକ ପରିବାର ଦୀର୍ଘ ବର୍ଷ ଧରି ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଲଗାଣ ବର୍ଷା ବେଳେ ଘରେ ଆଣ୍ଠୁଏ ପାଣି ଜମା ହେଉଛି। ପ୍ରଶାସନ ଟିକିଏ ଦଷ୍ଟି ଦେବା ସହ ପାଣି କିପରି ନିଷ୍କାସନ ହେଇପାରିବ, ବର୍ଷାଦିନେ ଆମେ ଟିକିଏ ଶାନ୍ତିରେ ରହିପାରିବୁ ଦାବି କରିଛନ୍ତି ଗ୍ରାମର ନୃସିଂହ ଚରଣ ପଣ୍ଡା, ମମତା ପଣ୍ଡା ଏବଂ ଗ୍ରାମ୍ୟ କମିଟି ସଭାପତି ଧନେଶ୍ୱର ପ୍ରଧାନ।

## ପୁରୁଷୋତ୍ତମପୁରରେ ରଥଯାତ୍ରାଃ ବର୍ଷାରେ ଭିଜିଲେ କାଳିଆ ସାଆନ୍ତ



**ପୁରୁଷୋତ୍ତମପୁର,୧୬।୭(ସଂଚାର ବ୍ୟୁରୋ)ଃ** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ହେଲେ ଦୀର୍ଘ ୪ ଦିନ ଧରି ଦାଉ ସାଧି ଲାଗିରହିଥିବା ଲଗାଣ ବର୍ଷା ଯାତ୍ରାକୁ ଫିକା ପକାଇ ମନ୍ଦିରର ସୌନ୍ଦର୍ଯ୍ୟକୁ ଧୋଇଦେଇଛି। ପୁରୁଷୋତ୍ତମପୁର ରଥସାହି ଜଗନ୍ନାଥ ମନ୍ଦିରରେ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ପରେ ପହଣ୍ଡି କରାଯାଇ ଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇଥିଲା। ଏହାପରେ ଅପରାହ୍ନରେ ରଥଟଣା ହୋଇଥିଲା। ଏହାକୁ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟଓ ମନ୍ଦିର ଉନ୍ନୟନ ପରିଷଦର ସଭ୍ୟ, ସେବାୟତ ଓ ସାହି ବାସିନ୍ଦା ପରିଚାଳନା କରିଥିବା ବେଳେ ସହରବାସୀ ସହଯୋଗ କରିଥିଲେ। ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା,ଏନ୍‌ଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅତିରିକ୍ତ ତହସିଲଦାର ଦେବାଶିଷ ମହାପାତ୍ର ଓ ଆଇଆଇସି କୁଳମଣି ସେଠୀଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ ରହି ଟ୍ରାଫିକ ଓ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ। ଏହାସହ ବ୍ଲକର ପ୍ରତାପୁର, ଜଳେଶ୍ୱର ଖଣ୍ଡି, କେଏନ୍‌ପୁର, ଆଛୁଲି, ଚିଙ୍ଗୁଡ଼ିଘାଇ, ଭାଟକୁମରଡ଼ା, ଶିକୁଳା, ସୁନାଥର, ଭୀମପୁର, ରାଇପୁର ଆଦି ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ଯାଇ ପ୍ରଶାସନିକ ଅଧିକାରୀମାନେ ତଦାରଖ କରିଛନ୍ତି।

### ଦୁଇ ଦିନ ହେବ ଅନ୍ଧାରରେ ରାଇଗୁଡ଼ା ଗ୍ରାମବାସୀ

## ନିଦ୍ରାରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରଣାରେ ଗ୍ରାମବାସୀ



**କନ୍ଧମାଳ,୧୬।୭(ସଂଚାର ବ୍ୟୁରୋ)ଃ** କନ୍ଧମାଳ ଜିଲ୍ଲା ରେ ଲଗାଣ ବର୍ଷା ହେଲେ ବିଦ୍ୟୁତ୍ ବ୍ୟବସ୍ଥା ଯେପରି ନିୟମିତ ଭାବେ ଅସୁସ୍ଥ ହୋଇ ପଡ଼େ। ଲଗାଣ ବର୍ଷା ଆସିଲେ ବିଦ୍ୟୁତ୍ ଗାଏବ ହେବା ଏବେ ଲୋକଙ୍କ ପାଇଁ ନୂଆ କଥା ନୁହେଁ। କିନ୍ତୁ ଦିନ ପରେ ଦିନ ବିଦ୍ୟୁତ୍ ବନ୍ଦ ରହିବା ଏବଂ ଦାୟିତ୍ୱ ଥିବା ବିଦ୍ୟୁତ ବିଭାଗର କର୍ମଚାରୀ ମାନେ ନିରବ ରହିବା ପ୍ରଶାସନିକ ଉଦାସୀନତାର ସ୍ପଷ୍ଟ ଉଦାହରଣ ବୋଲି ଲୋକମାନେ କହୁଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମରେ ପ୍ରାୟ ୯୦ ରୁ ଉର୍ଦ୍ଧ୍ୱ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପରିବାର ବସବାସ କରୁଛନ୍ତି। ଗତ ୨ ଦିନ ଧରି ସେମାନେ ସମ୍ପୂର୍ଣ୍ଣ ଅନ୍ଧାରରେ ଜୀବନ ବିତାଉଛନ୍ତି। ସନ୍ଧ୍ୟା ହେଲେ ଘରେ ଆଲୋକ ନାହିଁ ଛାତ୍ର ଛାତ୍ରୀ ମାନଙ୍କର ପାଠ ପଢ଼ା ବନ୍ଦ, ମୋବାଇଲ୍ ଚାର୍ଜି କରିବାର ସୁବିଧା ନାହିଁ। ଜରୁରୀ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ତଥାପି ଏହି ଦୁର୍ଦ୍ଦଶା କାହାର ନଜରକୁ ଆସୁନାହିଁ। ଗ୍ରାମବାସୀ ଅଭିଯୋଗଃ ବର୍ଷା ଆରମ୍ଭ ହେଲେ ବିଦ୍ୟୁତ୍ କାଟିଯିବା ଏବେ ସାଧାରଣ କଥା ହୋଇ ଗଲାଣି କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଦେଖିବାକୁ ମିଳୁନାହିଁ। ଲାଗୁଛି ଯେପରି ବିଦ୍ୟୁତ୍ ବିଭାଗ ବର୍ଷା ଆସିବା ପୂର୍ବରୁ ନୁହେଁ ବରଂ ବର୍ଷା ଶେଷ ହେଲେ କାମ ଆରମ୍ଭ କରିବାକୁ ଯୋଜନା କରିଛନ୍ତି। ଅଧିକ ଆଶ୍ଚର୍ଯ୍ୟର କଥା ହେଉଛି, ସମସ୍ୟା ଜଣାଇବା ପାଇଁ ସ୍ଥାନୀୟ ଅଧିକାରୀଙ୍କୁ ଫୋନ୍ କରା ଯାଇଥିଲେ ମଧ୍ୟ ଫୋନ୍ ଉଠୁନାହିଁ। ଜନସାଧାରଣଙ୍କ ସମସ୍ୟା ଶୁଣିବା ପାଇଁ ଯଦି ସରକାରୀ ଫୋନ୍ ହିଁ ନିରବ ରହେ ତେବେ ସମାଧାନର ଆଶା କରିବେ କାହାଠାରୁ। ଲୋକଙ୍କ ଅଭିଯୋଗ ଶୁଣିବା ବଦଳରେ ଯଦି ଫୋନ୍ କୁ ନିରବ କରି ଦିଆଯାଏ ତାହେଲେ ଏହାକୁ କି " ଜନସେବା " କୁହାଯିବ। ସରକାର ଗ୍ରାମାଞ୍ଚଳର ବିକାଶ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାର ବଡ଼ ବଡ଼ ଦାବି କରୁଛନ୍ତି। କିନ୍ତୁ ରାଇଗୁଡ଼ା ଭଳି ଗାଁର ବାସ୍ତବ ଚିତ୍ର ସେହି ଦାବି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଦାରୁ ଦେବତା ଚିତ୍ରକଳା କର୍ମଶାଳା

**ଜୟପୁର,୧୬।୭(ସଂଚାର ବ୍ୟୁରୋ)ଃ** ପବିତ୍ର ରଥ ଯାତ୍ରା ଉପଲକ୍ଷେ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ ଜୟପୁର ଠାରେ ପୂର୍ବ ଛାତ୍ରସଂଘ ଏବଂ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ଦାରୁଦେବତା ଚିତ୍ରକଳା କର୍ମଶାଳା ଆରମ୍ଭ ହୋଇଛି। ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି କର୍ମଶାଳାରେ ୩୫ ଜଣ ଭାଗ ନେଇଥିଲେ। ପରବର୍ତୀ ସମୟରେ ତାହା ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ। ଉଦ୍‌ଘାଟନ ସମୟରେ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ମଲ୍ଲିକ ଉପସ୍ଥିତ ଥିଲେ। ପୂର୍ବ ଛାତ୍ର ଶ୍ରୀକାନ୍ତ ବାରିକ, ପଦ୍ମଚରଣ ଚୌଧୁରୀ, ଶ୍ରୀନିବାସ, ଦିପକ ଦାସ, ଦେବେନ୍ଦ୍ର ପଟ୍ଟନାୟକ, ଲୋକନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟାଳୟର କର୍ମଚାରି କେ. ସିନିଲ କୁମାର, ସୁରେନ୍ଦ୍ର ବାଘ ସହଯୋଗ କରିଥିଲେ।

### ବିପଦପୂର୍ଣ୍ଣ ଅବସ୍ଥାରେ ବୃଦ୍ଧାଙ୍କ ଘର

## ସହାୟତାର ହାତ ବଢ଼ାଇଲେ ସମାଜସେବୀ



**କର୍ଲାମୁଣ୍ଡା,୧୬।୭(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ଗ୍ରାମ ପଞ୍ଚାୟତ କୁଶୁର୍ଲା ହଜାରିପଡ଼ାର ଜଣେ ଅସହାୟ ବୃଦ୍ଧା ଫୁଲତୁଲା ସାହୁ(୭୫)ଙ୍କ ଘର ଲଗାତାର ବର୍ଷା ଯୋଗୁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଛି। ଘରର ଛାତ ଓ କାନ୍ଥରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ବେଳେ ବର୍ଷା ପାଣି ଘର ଭିତରକୁ ପଡୁଥିବାରୁ ବୃଦ୍ଧାଙ୍କ ଜୀବନ ବିପଦପୂର୍ଣ୍ଣ ହୋଇପଡ଼ିଛି। ବୁଧବାର ରାତିରେ ବୃଦ୍ଧାଙ୍କ ଘରର ପରିସ୍ଥିତି ଦେଖି ସ୍ଥାନୀୟ ଯୁବ ସମାଜସେବୀ ସନତ କୁମାର ସାହୁ ଓ ତାଙ୍କ ଭାଇ ସୁନୀଲ ସାହୁ ଦୁହେଁ ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। ବର୍ଷା ପାଣିରୁ କିଛି ପର୍ଯ୍ୟନ୍ତ ସୁରକ୍ଷା ମିଳିବା ପାଇଁ ସେ ଘର ଛାତ ଉପରେ ପୁରୁଣା ଫ୍ଲେକ୍ସ ବ୍ୟାନର ବିଛାଇ ଇଟା ରଖି ବାନ୍ଧିଦେଇଥିଲେ। ରାତିର ଅନ୍ଧକାର ଓ ବର୍ଷା ସତ୍ତ୍ୱେ ଏହି ମାନବିକ ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ବୃଦ୍ଧା ଦୀର୍ଘଦିନ ଧରି ଅତ୍ୟନ୍ତ ଦୁର୍ଦ୍ଦଶାପୂର୍ଣ୍ଣ ଘରରେ ବସବାସ କରୁଛନ୍ତି। ବର୍ଷା ଦିନରେ ଘର ଭାଙ୍ଗିପଡ଼ିବାର ଆଶଙ୍କା ଥିବାରୁ ତୁରନ୍ତ ସରକାରୀ ସହାୟତା ଓ ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି। ବୃଦ୍ଧାଙ୍କ ସ୍ୱାମୀ ବିୟୋଗ ପରେ ଦୀର୍ଘ ବର୍ଷ ଧରି ଏକଲା ରହିଆସୁଛନ୍ତି।

## ପ୍ରବଳ ବର୍ଷା ସତ୍ତ୍ୱେ ରଥଯାତ୍ରାରେ ଭକ୍ତଙ୍କ ସମାଗମ



**ବୈଶିଙ୍ଗା,୧୬।୭(ସଂଚାର ବ୍ୟୁରୋ)ଃ** ସାରା ରାଜ୍ୟରେ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ସତ୍ତ୍ୱେ ପବିତ୍ର ରଥଯାତ୍ରା ରେ ବହୁ ଭକ୍ତ ସମାଗମ ଦେଖିବାକୁ ମିଳିଛି। ଖୁଣ୍ଟାପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ସକାଳ ଠାରୁ ଭକ୍ତମାନଙ୍କର ସମାଗମ ଲାଗି ରହିବା ସହିତ ପୂଜାର୍ଚ୍ଚନା କରୁଥିବାର ଦେଖାଯାଇଥିଲା। ଦିନ ତମାମ ବର୍ଷା ଲାଗି ରହିଥିଲେ ମଧ୍ୟ ଅପରାହ୍ନରେ ସୁଶୋଭିତ ରଥ ଉପରକୁ ପହଣ୍ଡି କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନିଆଯାଇଥିଲା। ସଂକୀର୍ତ୍ତନ ଦଳ ଭଜନ କୀର୍ତ୍ତନ କରି ରଥ କୁ ମାଉସୀ ଘରକୁ ନିଆଯାଇଥିଲା। ସେହିପରି ବୈଶିଙ୍ଗା ଉପକଣ୍ଠ ମହୁରୀ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଟାଣି ଟାଣି ବୈଶିଙ୍ଗା ବଜାର ପରିକ୍ରମା କରି ମହୁରୀ ଛକ ସ୍ଥିତ ମାଉସୀ ମାଆ ମନ୍ଦିର ନିକଟକୁ ନିଆ ଯାଇଥିଲା। କେନ୍ଦୁଆ ପଞ୍ଚାୟତର ପଦ୍ମପୁର ସ୍ଥିତ ଜଗନ୍ନାଥ ମନ୍ଦିରର ରଥଯାତ୍ରା ଆକର୍ଷଣୀୟ ହୋଇଥିଲା। ଘନ ଘନ ବର୍ଷା ସତ୍ତ୍ୱେ ପ୍ରବଳ ବର୍ଷାରେ ଭିଜି ଭିଜି ଭକ୍ତ ମାନେ ଉଦଣ୍ଡ ନୃତ୍ୟରେ ନାଚି ନାଚି ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଟାଣି ଟାଣି ବୈଶିଙ୍ଗା ବଜାର ପରିକ୍ରମା କରି ଥାନା ନିକଟରୁ ଫେରି ମାଉସୀ ମାଆ ମନ୍ଦିର କୁ ନେଇଯାଇଥିବାର ଦେଖିବାକୁ ମିଳିଥିଲା। ରଥ ଉପରୁ ଭକ୍ତ ଙ୍କ ଉପରକୁ ଲଡୁ ଓ ଚକୋଲେଟ ଫିଙ୍ଗା ଯାଇଥିଲା। ଏଥି ସହିତ ରଥ ଉପରୁ ଜଗନ୍ନାଥ ଙ୍କ ସଂସ୍କୃତି କୁ ନେଇ ଧାରା ବିବରଣୀ ଅତି ସୁନ୍ଦର ଶୃତି ମଧୁର ହୋଇଥିଲା। ସେହି ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ସ୍ଥିତ କାଛି ଶ୍ରୀ ଚୈତନ୍ୟ ମଠ ରେ ଦେବୋତ୍ତର ବିଭାଗ ତରଫରୁ ରଥଯାତ୍ରା ପାଳିତ ହୋଇଥିବାର ଜଣାଯାଇଛି।

## ଦୁର୍ଗା ପ୍ରସାଦ ନାଥଙ୍କ ରଚନାବଳୀ ଲୋକାର୍ପିତ

**ସମ୍ବଲପୁର,୧୬।୭(ସଂଚାର ବ୍ୟୁରୋ)ଃ** ସମ୍ବଲପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ଦୁର୍ଗା ପ୍ରସାଦ ନାଥଙ୍କ ବହୁପ୍ରତୀକ୍ଷିତ ପୁସ୍ତକ 'ଦୁର୍ଗା ପ୍ରସାଦ ନାଥଙ୍କ ରଚନାବଳୀ'ର ଲୋକାର୍ପଣ ଉତ୍ସବ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ର ଡାକ୍ତର ନାରାୟଣୀ ପଣ୍ଡା ହଲ୍ରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ର. ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପ୍ରଫେସର ତ୍ରିପାଠୀ ଏହି ଅବସରରେ ଶ୍ରୀ ନାଥଙ୍କ ସାରସ୍ୱତ ସାଧନାକୁ ଉଚ୍ଚ ପ୍ରଶଂସା କରିବା ସହ ଏହି ରଚନାବଳୀ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ଅଭିହିତ କରିଥିଲେ।

## ଆଇନ ସଚେତନତା ଶିବିର

**ଜୟପୁର,୧୬।୭(ସଂଚାର ବ୍ୟୁରୋ)ଃ** ଦାରିଦ୍ର୍ୟ ଦୂରୀକରଣ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଶ୍ରୀ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଜୟପୁରଙ୍କ ତତ୍ୱବଧାନ କୁନ୍ଦ୍ରା ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ତଥା ଲୋକ ଅଦାଲତ ବିଚାରପତି ମୁଖ୍ୟ ଅତୀଥି ଭାବରେ ଯୋଗ ଦେଇଥିଲେ। ଅନ୍ୟଅତିଥିମାନଙ୍କ ମଧ୍ୟରେ ଡେପୁଟି ଚିଫ୍ ଲିଗାଲ ଡିଫେନ୍ସ କାଉନସେଲ, ଶ୍ରୀ ହରିଶ୍ଚନ୍ଦ୍ର ମୁଦୁଲି, କେ.ଦିବାକର ରାଓ, ସ୍ୱତନ୍ତ୍ର ପି.ପି. ସ୍ୱତନ୍ତ୍ର ପୋକ୍ସ କୋର୍ଟର ଶ୍ରୀ ପି.ସନ୍ୟାସି ରାଓ ଏବଂ ସି.ଡି.ପି.ଓ., କୁନ୍ଦ୍ରା ଶର୍ମିଷ୍ଠା ନାୟକ ଯୋଗ ଦେଇଥିଲେ। ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣ, ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଦ୍ୱାରା ରହିଥିବା ଜନଉପଯୋଗୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲ। ଯଥା ବାଲ୍ୟ ବିବାହ ଆଇନ, ଏସିଡି ଆକ୍ରମଣ, ଦାରିଦ୍ର୍ୟ ଦୂରିକରଣ, ମାଦକ ଦ୍ରବ୍ୟ, ନାରୀଚାଲାଣା, ପ୍ୟାନେଲ ଆଇନଜୀବି ନିଯୁକ୍ତି, ପୋକ୍ସ ଆକ୍ଟ, ପାରାଲିଗାଲ ସ୍ୱେଚ୍ଛାସେବୀ, ପାରା-ଲିଗାଲ୍ ସ୍ୱେଚ୍ଛାସେବକ ଅର୍ଥ ହେଉଛି ଯାହା ପାରା ଲିଗାଲ୍ ସ୍ୱେଚ୍ଛାସେବକଙ୍କ ପାଇଁ ଯୋଜନା(ସଂଶୋଧିତ) ଅନ୍ତର୍ଗତ ପରିଭାଷିତ ଏବଂ ପ୍ରଶିକ୍ଷିତ- ଏବଂ ତାଲିମ ପାଇଁ ଓରିଏଂଟେସନ୍-ପ୍ରେରଣା-ରିଫ୍ରେସର ପାଠ୍ୟକ୍ରମ ପାଇଁ ମଡ୍ୟୁଲ୍। ୭) 'ଦାରିଦ୍ର୍ୟ ଦୂରୀକରଣ ଯୋଜନା' ଅର୍ଥ ହେଉଛି କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯେକୌଣସି ଯୋଜନା/କାର୍ଯ୍ୟକ୍ରମ/- ଯାହା ଦାରିଦ୍ର୍ୟର ଯେକୌଣସି ଦିଗକୁ ସମାଧାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସାମାଜିକ ସୁରକ୍ଷା ପଦକ୍ଷେପ ମଧ୍ୟ ଅନ୍ତର୍ଭୁକ୍ତ। ୮) 'ଯୋଜନା ହିତାଧିକାରୀ' ଅନ୍ତର୍ଭୁକ୍ତଃ ଇତ୍ୟାଦି ଉପସ୍ଥିତ ଥିବା ଏମ୍‌ବିକେ, ସିଆର୍‌ପିଏଫ୍, ଅଙ୍ଗନବାଡ଼ି, ଆଶା କର୍ମୀମାନଙ୍କୁ ବୁଝାଇଥିଲେ।

## ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ଜଣେ ମୃତ ୩ ଗୁରୁତର

**ଜୟପୁର,୧୬।୭(ସଂଚାର ବ୍ୟୁରୋ)ଃ** କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ଘଟଣା ଘଟିଛି। ଏହି ଆକ୍ରଣରେ ଜଣେ ମୃତ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ହେଲେ ଅଭିନବ ଗଦବା। ସିନ୍ଧିଗାଁ ଭାଗିରଥି ଗାଦବା ସେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ଗୋପୀନାଥ ଗାଦବା ତାଙ୍କ ପୁଅ ତ୍ରିପତି ଗାଦବା ଓ ପ୍ରଫୁଲ ଗାଦବା ୩ ଜଣ ମିଶି ବୁଝାମଣା ପାଇ ଅଭିନବ ଗଦବା, ଟୁକୁନା ଗାଦବା ଓ ପ୍ରଦିପ ଗାଦବାଙ୍କୁ ଗ୍ରାମରେ ଥିବା ତ୍ରିନାଥ ମଣ୍ଡପ ନିକଟରେ ଆଙ୍ଗନବାଡ଼ୀ କେନ୍ଦ୍ର ସମ୍ମୁଖରେ ଡାକିଥିଲେ। ଏହି ସମୟରେ ଅଭିନବ ଗାଦବା, ଟୁକୁନା ଗଦବା ପ୍ରଦିପ ଗାଦବା ଯାଇ ସେଠାରେ ପହଞ୍ଚିବାରୁ ହଠାତ ୩ ଜଣ ଗୋପୀନାଥ ତ୍ରିପତି ଓ ଫୁଫୁଲ ବିଭିନ୍ନ ଖଣ୍ଡା, ଭୁଜାଲି, ଚେନ ମାରଣାସ୍ତ୍ର ଧରି ବିନା କାରଣରେ ଉତ୍ୟକ୍ତ ହୋଇ ବିନା କୌଣସି କଥା ବର୍ତ୍ତାରେ ଟୁକୁନା ଗାଦବାକୁ ପ୍ରଫୁଲ ଗଦବା ଖଣ୍ଡା ଆକ୍ରମଣ କରିଥିଲା।

### ବିଦେଶୀ ମଦ ଦୋକାନର ତୁରନ୍ତ ସ୍ଥାନାନ୍ତର ଦାବି

## ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ର୍‍ୟାଲି



**ଅମରପାଲି,୧୬।୭(ସଂଚାର ବ୍ୟୁରୋ)ଃ** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ନୂଆପଡା ମୌଜାରେ ନିକଟରେ ଖୋଲାଯାଇଥିବା ବିଦେଶୀ ମଦ ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରିବା ଦାବିରେ ବୁଧବାର ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବୀରମହାରାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ଶତାଧିକ ମହିଳାଙ୍କ ସାମିଲରେ ଏକ ବିରାଟ ଶୋଭାଯାତ୍ରା ଓ ବିକ୍ଷୋଭ ରାଲି ଏହି ଦାବିକୁ ଅଧିକ ଜୋରଦାର କରିଛି। ସୂଚନା ଅନୁଯାୟୀ, ପୂର୍ବରୁ ସୁବଳୟାର ଟିକିରାପଡା ଗାନ୍ଧୀସାହିରେ ଦୀର୍ଘ ବର୍ଷ ଧରି ବିଦେଶୀ ମଦ ଦୋକାନ ଚାଲିଆସୁଥିଲା। ଚଳିତ ବର୍ଷ ସରକାରଙ୍କ ଅନୁମତି କ୍ରମେ ନୂତନ ଲାଇସେନ୍ସଧାରୀଙ୍କ ହାତକୁ ଦୋକାନର ପରିଚାଳନା ଯାଇଥିଲା। ପୂର୍ବ ସ୍ଥାନରେ ବିଭିନ୍ନ ସାମାଜିକ ସମସ୍ୟା ଓ ଜନଅସନ୍ତୋଷ ସୃଷ୍ଟି ହେଉଥିବା ଅଭିଯୋଗ ପରେ ଦୋକାନକୁ ଟିକିରାପଡାରୁ ବୀରମହାରାଜପୁରସୁବଳୟା ମୁଖ୍ୟ ସଡ଼କ ସଂଲଗ୍ନ ନୂଆପଡା ମୌଜାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ନୂଆପଡାରେ ଦୋକାନ ଖୋଲିବା ପରେ ସ୍ଥାନୀୟ ଅଞ୍ଚଳବାସୀ, ବିଶେଷକରି ମହିଳାମାନେ, ଏହାକୁ ନେଇ ତୀବ୍ର ବିରୋଧ ପ୍ରକାଶ କରିଛନ୍ତି। ମଦ ଦୋକାନ ହେବା ଫଳରେ ଅଞ୍ଚଳର ସାମାଜିକ ପରିବେଶ ବିଗିଡ଼ିବା ସହ ମହିଳା ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଉପରେ ପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ପ୍ରତିବାଦରେ ମା' ମହାଲକ୍ଷ୍ମୀ ମିଶନ ଶକ୍ତି, ମା' ଭଗବତୀ, ମା' ପାଞ୍ଚଖଣ୍ଡା, ରାଧାରାଣୀ, ବୁଢ଼ା ଭୈରବୀ ଓ ଲଙ୍କେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଗୋଷ୍ଠୀର ଶତାଧିକ ସଦସ୍ୟା ବୀରମହାରାଜପୁର ଜଗନ୍ନାଥ ମନ୍ଦିର ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମଦ ଦୋକାନ ବନ୍ଦ ଓ ସ୍ଥାନାନ୍ତର ଦାବିରେ ସ୍ଲୋଗାନ ଦେଇଥିଲେ। ପରେ ରାଲି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲା।

## ଭକ୍ତିଭାବରେ ପାଳିତ ହେଲା ମହାପ୍ରଭୁଙ୍କ ରଥଯାତ୍ରା

**ଝାରସୁଗୁଡ଼ା,୧୬।୭(ସଂଚାର ବ୍ୟୁରୋ)ଃ** ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହ ପାଳିତ ହୋଇଛି। ରଥଦାଣ୍ଡ ଓ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ଜିଲ୍ଲାର ପ୍ରସିଦ୍ଧ କୁକୁରଜଙ୍ଘା ଜଗନ୍ନାଥ ମନ୍ଦିରରେ ବାବା ପ୍ରେମାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୀତିନୀତି ଅନୁଯାୟୀ ରଥଯାତ୍ରା ଆୟୋଜିତ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ କୁକୁରଜଙ୍ଘା ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥ ଟାଣିବା ସହ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ।ପାରମ୍ପରିକ ଛେରା ପହଁରା ନୀତିକୁ ଅନିଲ ସିଂ ସମ୍ପାଦନ କରିଥିବା ବେଳେ ପଣ୍ଡିତ ଅକ୍ଷୟ ମିଶ୍ର ସମସ୍ତ ପୂଜାର୍ଚ୍ଚନା ସୁଚାରୁରୂପେ ସମ୍ପନ୍ନ କରିଥିଲେ।ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଓ ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସହ ରଥ ଦଉଡ଼ି ଟାଣିଥିଲେ।ରଥଯାତ୍ରା ସଫଳ ଆୟୋଜନରେ ବସନ୍ତ ଦାସ, ତ୍ରିନାଥ ତିୱାରୀ, କୈଳାଶ ତ୍ରିପାଠୀ, ଶ୍ରୀପତି ମିଶ୍ରଙ୍କ ସମେତ ବହୁ ବ୍ରାହ୍ମଣ, କୁକୁରଜଙ୍ଘା ଗ୍ରାମବାସୀ ଓ ସ୍ଥାନୀୟ ଭକ୍ତମାନେ ସକ୍ରିୟ ସହଯୋଗ କରିଥିଲେ।

## ଲାଞ୍ଜିଗଡ଼ ବିଇଓ କାର୍ଯ୍ୟାଳୟର ଖାଲି ପଦବୀ ପୂରଣ ଦାବି



**ଲାଞ୍ଜିଗଡ଼,୧୬।୭(ସଂଚାର ବ୍ୟୁରୋ)ଃ** ଲାଞ୍ଜିଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦବୀ ତୁରନ୍ତ ପୂରଣ କରିବା, ଜଣେ ସ୍ଥାୟୀ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଯୁକ୍ତି ଦେବା ଏବଂ ବର୍ତ୍ତମାନର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବିରୋଧରେ ଆସୁଥିବା ଅଭିଯୋଗର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି କରି କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଲାଞ୍ଜିଗଡ଼ ବ୍ଲକ ସାମ୍ବାଦିକ ସମୂହ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।ବର୍ତ୍ତମାନର ବିଇଓ ଶ୍ରୀ ରୁଷିଆ ମେହେର ଯୋଗଦାନ ପରଠାରୁ ଲାଞ୍ଜିଗଡ଼ର ଦୁର୍ଗମ ଆଦିବାସୀ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଦ୍ୟାଳୟ ପରିଦର୍ଶନ, ପାଠଛାଡ ଡ଼ିଥିବା ଶିଶୁଙ୍କୁ ପୁନଃ ବିଦ୍ୟାଳୟକୁ ଫେରାଇବା, କର୍ତ୍ତବ୍ୟରେ ଅବହେଳା କରୁଥିବା ଶିକ୍ଷକଙ୍କୁ ସତର୍କ କରିବା ଏବଂ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସକ୍ରିୟ ଭୂମିକା ନେଇଥିବାରୁ ସାଧାରଣ ଲୋକ ଓ ଅବିଭାବକଙ୍କ ମଧ୍ୟରେ ସକାରାତ୍ମକ ପ୍ରଭାବ ପଡ଼ିଥିବା ଦାବି କରାଯାଇଛି।ଦାବିପତ୍ରରେ ଆହୁରି କୁହାଯାଇଛି ଯେ'ଲାଞ୍ଜିଗଡ଼ ବିଇଓ କାର୍ଯ୍ୟାଳୟରେ ତିନୋଟି ପଦବୀ ଦୀର୍ଘଦିନ ଧରି ଖାଲି ରହିଥିବା ସହ ସ୍ଥାୟୀ ଏବିଇଓ ନଥିବାରୁ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହେଉଛି।

### ନାଶି ଗାଁରେ ୫୪ ବର୍ଷ ଧରି କୁଡ଼ିଆ ଘରେ ବିରାଜମାନ ପ୍ରଭୁ ଜଗନ୍ନାଥ

## ମନ୍ଦିର ନିର୍ମାଣ ପାଇଁ ସରକାରୀ ଅନୁଦାନ ଦାବି



**କଳାହାଣ୍ଡି,୧୬।୭(ସଂଚାର ବ୍ୟୁରୋ)ଃ** କଳାହାଣ୍ଡି, ନାଶି ଗାଁ ଓଡ଼ିଶାର ଆଧ୍ୟାତ୍ମିକ ପରମ୍ପରା, ସଂସ୍କୃତି ଓ ଭକ୍ତିର ପ୍ରତୀକ ଭାବେ ପରିଚିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ପୁରୀରେ ସୀମିତ ନୁହେଁ, ବରଂ ରାଜ୍ୟର ଅନେକ ଗ୍ରାମାଞ୍ଚଳରେ ମଧ୍ୟ ଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇ ଆସୁଛି। ସେହିପରି କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ନାଶି ଗାଁ ଗ୍ରାମରେ ଗତ ୧୯୭୨ ମସିହାରୁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇ ଆସୁଛି। ପ୍ରାୟ ଛଅ ଦଶକରୁ ଅଧିକ ସମୟ ଧରି ଏହି ପରମ୍ପରା ଅବିରତ ଭାବରେ ଚାଲିଆସୁଥିବା ବେଳେ, ଆଜି ପର୍ଯ୍ୟନ୍ତ ପ୍ରଭୁଙ୍କ ପାଇଁ ଏକ ସ୍ଥାୟୀ ମନ୍ଦିର ନିର୍ମାଣ ହୋଇନଥିବା ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନାଶି ଗାଁରୁ ପ୍ରାୟ ୧୫ କିଲୋମିଟର ପରିଧି ମଧ୍ୟରେ ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ପାଳନ ହୁଏ ନାହିଁ। ଫଳରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ପ୍ରତିବର୍ଷ ନାଶି ଗାଁକୁ ଆସି ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ ହୋଇଥାନ୍ତି। ରଥ ଟାଣିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ପହଞ୍ଚନ୍ତି ଏବଂ ଭକ୍ତିମୟ ପରିବେଶ ମଧ୍ୟରେ ଗାଁ ସାରା ଉତ୍ସବମୁଖର ହୋଇଉଠେ। ବର୍ଷର ଏହି ବିଶେଷ ଦିନକୁ ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଅସୀମ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳେ। ଗ୍ରାମର ବୟୋଜ୍ୟେଷ୍ଠମାନଙ୍କ ମତାନୁସାରେ, ୧୯୭୨ ମସିହାରେ କିଛି ଭକ୍ତ ଓ ସମାଜସେବୀଙ୍କ ଉଦ୍ୟମରେ ଏହି ରଥଯାତ୍ରାର ଶୁଭାରମ୍ଭ ହୋଇଥିଲା। ସେହି ସମୟରେ ଗ୍ରାମର ଆର୍ଥିକ ସ୍ଥିତି ଅତ୍ୟନ୍ତ ସାଧାରଣ ଥିଲେ ମଧ୍ୟ ଭକ୍ତି ଓ ନିଷ୍ଠାର ବଳରେ ଏହି ପରମ୍ପରାକୁ ଜୀବନ୍ତ ରଖାଯାଇଥିଲା। ସମୟ ବଦଳିଛି, ପିଢ଼ି ପରିବର୍ତ୍ତନ ହୋଇଛି, କିନ୍ତୁ ମହାପ୍ରଭୁଙ୍କ ରଥଯାତ୍ରା ପ୍ରତି ଲୋକଙ୍କ ଆସ୍ଥା ଓ ଭକ୍ତି କେବେ ବି କମିନାହିଁ। ଆଜି ମଧ୍ୟ ପୁରୁଣା ପରମ୍ପରା ଓ ରୀତିନୀତି ଅନୁଯାୟୀ ରଥଯାତ୍ରା ପାଳନ କରାଯାଉଛି। ତେବେ ସବୁଠାରୁ ଦୁଃଖଦ ଏବଂ ପରିତାପର ବିଷୟ ହେଉଛି, ଆଜକୁ ପ୍ରାୟ ୫୪ ବର୍ଷରୁ ଅଧିକ ସମୟ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ କୁଡ଼ିଆ ଘରେ ବିରାଜମାନ ଅଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ବିଶାଳ ଓ ଭବ୍ୟ ମନ୍ଦିର ନିର୍ମାଣ ହୋଇଥିବା ବେଳେ ନାଶି ଗାଁରେ ଏତେ ବର୍ଷ ଧରି ରଥଯାତ୍ରା ପାଳନ ହେଉଥିଲେ ମଧ୍ୟ ପ୍ରଭୁଙ୍କ ପାଇଁ ଏକ ସ୍ଥାୟୀ ମନ୍ଦିର ନ ହେବା ଭକ୍ତମାନଙ୍କ ମନକୁ ଗଭୀର ଭାବେ ଆଘାତ ଦେଇଛି।